


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-67 ◆SUNDAY ◆31 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୭ ◆ରବିବାର ◆୩୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)

## ଖସିଲା ବିଦେଶୀ ମୁଦ୍ରା ଭଣ୍ଡାର



■ **ମୁମ୍ବଇ, ୩୦।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚଢ଼ା ଶୁଳ୍କର ପ୍ରଭାବ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ପଡ଼ିଛି। ଗତ ୨୨ ତାରିଖରେ ଶେଷ ହୋଇଥିବା ସପ୍ତାହରେ ମୁଦ୍ରା ଭଣ୍ଡାରରେ ୪.୩୮୬ ବିଲିୟନ ଡଲାର ହ୍ରାସ ପାଇଛି। କେବଳ ସେତିକି ନୁହେଁ, ଏଫସିଏ, ସ୍ୱର୍ଣ୍ଣ ଭଣ୍ଡାର ଏବଂ ଏସ୍‌ଡିଆର ସମେତ ସବୁ ପଣ୍ୟ କାରବାର ମଧ୍ୟ ହ୍ରାସ ଘଟିଥିବା ଜଣାପଡ଼ିଛି। ଏଥିଯୋଗୁଁ ମୁଦ୍ରା ଭଣ୍ଡାର ହ୍ରାସ ପାଇ ୬୯୦. ୭୨୦ ବିଲିୟନ ଡଲାରକୁ ଖସି ଆସିଛି। ଏହାର ପୂର୍ବ ସପ୍ତାହରେ ମୁଦ୍ରା ଭଣ୍ଡାରରେ ୧.୪ ବିଲିୟନ ଡଲାର ବୃଦ୍ଧି ଦେଖାଦେଇଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟ, ସମୀକ୍ଷାଧୀନ ସପ୍ତାହରେ ଫରେନ କରେନ୍ସି ଆସେଟ (ଏଫସିଏ) ମଧ୍ୟ ୩.୬୫୨ ବିଲିୟନ ଡଲାର ହ୍ରାସ ପାଇଥିଲା। ଏବେ ଏହି ଭଣ୍ଡାର ୫୮୨. ୨୫୧ ବିଲିୟନ ଡଲାରକୁ ଖସି ଯାଇଛି। ସେହିପରି ଭାରତର ସ୍ୱର୍ଣ୍ଣ ଭଣ୍ଡାର ୪୬୪ ନିୟୁତ ଡଲାର ହ୍ରାସ ପାଇ ୮୫.୦୦୩ ବିଲିୟନ ଡଲାର ରହିଛି।

## ରାଜସ୍ଥାନ ରୟାଲ୍ସ ଛାଡ଼ିଲେ ଦ୍ରାବିଡ୍

■ **ଜୟପୁର, ୩୦।୮ (ଏଜେନ୍ସି):** ଆଇପିଏଲ୍‌ର ଆଗାମୀ ୨୦୨୬ ସିଜନ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଦଳକୁ ବଡ଼ ଝଟ୍‌କା ଲାଗିଛି। ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଦ୍ରାବିଡ୍ ଇସ୍ତଫା ଦେଇଥିବା ନେଇ ଶନିବାର ରାଜସ୍ଥାନ ଫ୍ରାଞ୍ଚାଇଜ ପକ୍ଷରୁ ଏକ ବିବୃତି ଜାରି କରି ସୂଚନା ଦିଆଯାଇଛି। ଫ୍ରାଞ୍ଚାଇଜ ପକ୍ଷରୁ ତାଙ୍କୁ ବଡ଼ ପଦବୀ ଲାଗି ଅଫର୍ ଦିଆଯାଇଥିଲା। କିନ୍ତୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଗତ ବର୍ଷ ସେପ୍ଟେମ୍ବରରେ ଦ୍ରାବିଡ୍ ରାଜସ୍ଥାନ ରୟାଲ୍ସର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ରାଜସ୍ଥାନ ଆଇପିଏଲ୍‌ର ଗତ ୧୮ ତମ ସଂସ୍କରଣରେ ୧୪ ମ୍ୟାଚ୍ ଖେଳି ମାତ୍ର ୪ଟି ବିଜୟ ହାସଲ କରିପାରିଥିଲା।

**ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା**




▶ବିବରଣୀ ପୃଷ୍ଠା-୧୨

## ବିଶ୍ୱର ସବୁଠୁ ଧନୀ ଗାଁ ମାଧାପାର

■ **ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି):** ଭାରତରେ ବିଶ୍ୱର ସବୁଠୁ ଧନୀ ଗାଁ ରହିଛି। ଗୁଜରାଟର କଚ୍ଛ ଜିଲ୍ଲାରେ ଥିବା ଏହି ଗାଁର ନାଁ ମାଧାପାର। ୧୨ଶ ଶତାବ୍ଦୀରେ ପ୍ରତିଷ୍ଠା ହୋଇଥିବା ଏହି ଗାଁ ମିସ୍ତ୍ରୀ ସମୁଦାୟ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲା। ଏମାନେ ଅନେକ ମନ୍ଦିର ଏବଂ ଐତିହାସିକ କୋଠା ନିର୍ମାଣ କରିଥିଲେ। କିନ୍ତୁ ଏବେ ଏହି ମାଧାପାର ଗାଁ ପ୍ରବାସୀ ଭାରତୀୟ ବା ଏନ୍‌ଆର୍‌ଆଇଙ୍କ ପାଇଁ ସଫଳତାର ଶିଖର ଛୁଇଁଛି। ବିଶ୍ୱର ସବୁଠୁ ଧନୀ ଗାଁର ମାନ୍ୟତା ପାଇଛି। ଏହି ଗାଁରେ ଥିବା ବ୍ୟାଙ୍କ ଶାଖାଗୁଡିକରେ ପ୍ରାୟ ୫ ହଜାର କୋଟି ଟଙ୍କାର ଫିକ୍ସଡ ଡିପୋଜିଟ (ଏଫଡି) ବା ସ୍ଥାୟୀ ଜମା ରହିଛି। ଗାଁରେ ମୋଟ ୯୨ ହଜାର ଲୋକ ରହୁଛନ୍ତି। ଏଠାରେ ପ୍ରାୟ ୭,୬୦୦ ଘର ରହିଛି। କିନ୍ତୁ ଏନ୍‌ଆରଆଇ ଏହି ଗାଁ ପାଇଁ ଆଶୀର୍ବାଦ ପାଲଟିଛନ୍ତି। ଆଜି ବିଶ୍ୱର ଅନେକ ରାଷ୍ଟ୍ରରେ ଏହି ଗାଁର ଲୋକେ ରହିଛନ୍ତି। ପ୍ରାୟ ୬୫ ପ୍ରତିଶତ ଲୋକ ଏନ୍‌ଆର୍‌ଆଇ ଥିବା ଜଣାପଡ଼ିଛି।

**ଏଫ୍‌ଡିରେ ୫ ହଜାର କୋଟିର ନିବେଶ**



▶ପୃଷ୍ଠା-୭

## ଟ୍ରମ୍ପଙ୍କୁ ଫେଡେରାଲ୍ କୋର୍ଟରୁ ବଡ଼ ଝଟ୍‌କା

# ଚଢ଼ା ଶୁଳ୍କ ବେଆଇନ

**ଶୁଳ୍କ ଲଗାଇବାର କ୍ଷମତା ରାଷ୍ଟ୍ରପତିଙ୍କୁ ମିଳିନି**



**ଶୁଳ୍କ ଉପରେ ରୋକ୍ ଲଗାଇଲେନି କୋର୍ଟ**

**ଅକ୍ଟୋବର ୧୪ ଯାଏ ଦେଲେ ମହଲତ**

■ **ୱାସିଂଟନ, ୩୦।୮ (ଏଜେନ୍ସି):** ଚଢ଼ା ଶୁଳ୍କ ଲଗାଇ ସାରା ବିଶ୍ୱରେ ଆର୍ଥିକ ଯୁଦ୍ଧ ଆରମ୍ଭ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶନିବାର କୋର୍ଟ ଝଟ୍‌କା ଲାଗିଛି। ସେ ଲଗାଇଥିବା ଅଧିକାଂଶ ଶୁଳ୍କ ବେଆଇନ ବୋଲି ଆମେରିକାର ଏକ ଅପିଲ କୋର୍ଟ ରାୟ ଦେଇଛନ୍ତି। ଏଭଳି ଶୁଳ୍କ ଲଗାଇ ଟ୍ରମ୍ପ ନିଜ ଅଧିକାର କ୍ଷେତ୍ରର ଉଲ୍ଲଙ୍ଘନ କରିଛନ୍ତି। ଏହି ଶୁଳ୍କ କାର୍ଯ୍ୟକାରୀ କରିବା ପାଇଁ ଟ୍ରମ୍ପ ଯେଉଁ ଆଇନ ବ୍ୟବହାର କରିଥିଲେ ତାହା ତାଙ୍କୁ ଏଭଳି ଅଧିକାର ପ୍ରଦାନ କରୁନାହିଁ। ୱାସିଂଟନ ସ୍ଥିତ 'ୟୁଏସ୍ କୋର୍ଟ ଅଫ୍ ଅପିଲ୍ସ ଫର ଦ ଫେଡେରାଲ ସର୍କିଟ' ପକ୍ଷରୁ ଦିଆଯାଇଥିବା ଏହି ରାୟ ଟ୍ରମ୍ପଙ୍କ ଆର୍ଥିକ ରଣନୀତି ପାଇଁ ଶକ୍ତ ଚାପୁଡ଼ା ସାବ୍ୟସ୍ତ ହୋଇଛି। ତେଣୁ ସେ ରାୟକୁ ତୀବ୍ର ସମାଲୋଚନା କରିଛନ୍ତି। ଶୁଳ୍କ ହଟିଲେ ଦେଶ ବର୍‌ବାଦ ହୋଇଯିବ ବୋଲି କହିଛନ୍ତି। ରାୟ ବିରୋଧରେ ସୁପ୍ରିମକୋର୍ଟ ଯିବେ ବୋଲି କହିଛନ୍ତି।

ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ ସବୁ ଆମଦାନୀ ଉପରେ ଶୁଳ୍କ ଲଗାଇବା ପାଇଁ ଟ୍ରମ୍ପଙ୍କୁ ଅସୀମିତ କ୍ଷମତା ମିଳିନାହିଁ। ତେବେ ଏହି ଶୁଳ୍କ ଉପରେ କୋର୍ଟ କୌଣସି କଟକଣା ଲଗାଇ ନାହାନ୍ତି। ଏହି ରାୟ ଅକ୍ଟୋବର ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବନାହିଁ। ସୁପ୍ରିମକୋର୍ଟରେ ଆବେଦନ ପାଇଁ ରାଷ୍ଟ୍ରପତିଙ୍କୁ ଏହି ସମୟ ଦିଆଯାଇଛି। କୋର୍ଟରେ ▶ପୃଷ୍ଠା-୭



**ଶୁଳ୍କ ହଟିଲେ ଦେଶ ବର୍‌ବାଦ ହୋଇଯିବ। ରାୟ ବିରୁଦ୍ଧରେ ସୁପ୍ରିମ୍‌କୋର୍ଟ ଯିବି**



X ରେ ଭାଇରାଲ୍ **'ଟ୍ରମ୍ପ ମୃତ'**

*ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମୃତ୍ୟୁ' ଖବର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟ୍ରେଣ୍ଡ କରୁଛି। 'ଟ୍ରମ୍ପ ଇଜ୍ ଡେଡ୍' ଅର୍ଥାତ ଟ୍ରମ୍ପଙ୍କ ମୃତ୍ୟୁ ହୋଇଛି ବୋଲି ଲେଖାଯାଇଛି। ଶନିବାର ଟ୍ରମ୍ପଙ୍କ ମୃତ୍ୟୁଖବର ଖବର ସହିତ ଜଡିତ ୬୦ ହଜାର ପୋଷ୍ଟ ସେୟାର କରାଯାଇଛି।*

→ ପୃଷ୍ଠା-୨

# ୭ ବର୍ଷ ପରେ ଚୀନ୍‌ରେ ମୋଦୀ

■ **ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି):** ଜାପାନ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଚୀନରେ ଯାଇ ପହଞ୍ଚିଛନ୍ତି। ୭ ବର୍ଷ ପରେ ଏହା ହେବ ତାଙ୍କର ପ୍ରଥମ ଚୀନ ଗସ୍ତ। ଭାରତ ଓ ଆମେରିକା ମଧ୍ୟରେ ଶୁଳ୍କକୁ ନେଇ ସଂପର୍କ ତିକ୍ତ ହୋଇଥିବା ବେଳେ ମୋଦୀଙ୍କ ଚୀନ ଗସ୍ତ ବେଶ ଗୁରୁତ୍ୱ ବହନ କରୁଛି। ସଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶୀର୍ଷ ବୈଠକରେ ଯୋଗ ଦେବାପାଇଁ ଚୀନ ଯାଇଥିବା ମୋଦୀ ଚୀନ ଓ ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ଚୀନର ତିଆନଜିନ୍ ସହରରେ ପହଞ୍ଚିବା କ୍ଷଣି ସେଠାରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆସନ୍ତାକାଲି ଅଗଷ୍ଟ ୩୧ ଏବଂ ସେପଟେମ୍ବର ୧ ତାରିଖରେ ଦୁଇ ଦିନ ଧରି ତିଆନଜିନରେ ସଂଘାଇ ଶୀର୍ଷ ବୈଠକ ହେବ। ଏହି ଅବସରରେ ଚୀନ ରାଷ୍ଟ୍ରପତି ଜି ଜିଙ୍ଗପିଙ୍ଗ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ କଥାବାର୍ତ୍ତା ହେବ। ଏହି ବହୁପ୍ରତୀକ୍ଷିତ କଥାବାର୍ତ୍ତା ଉପରେ ସମସ୍ତଙ୍କର ନଜର ରହିଛି। ଭାରତ ଉପରେ ଆମେରିକାର ୫୦ ପ୍ରତିଶତ ଶୁଳ୍କ ଘୋଷଣା ପରେ ପ୍ରଥମ ଥର ଲାଗି ଦୁଇ ନେତାଙ୍କ ମଧ୍ୟରେ ହେଉଥିବା ଏହି ବୈଠକରେ ଭାରତ-ଚୀନ ଅର୍ଥନୈତିକ ସଂପର୍କକୁ ସୁଦୃଢ଼ କରିବା ଉପରେ ଆଲୋଚନା ହେବ। ଏହାସହିତ ଲଦାଖ ସୀମା ଉତ୍ତେଜନା ପରେ ତିକ୍ତ ହୋଇପଡ଼ିଥିବା ଦ୍ୱିପାକ୍ଷିକ ସଂପର୍କକୁ କେମିତି ସ୍ୱାଭାବିକ କରାଯାଇପାରିବ, ତାହା ଉପରେ ଦୁଇ ନେତା ▶ପୃଷ୍ଠା-୭



**ସବୁଦିନ ପାଇଁ କେହି ଶତ୍ରୁ କି ମିତ୍ର ନୁହନ୍ତି**

**ଜିନ୍‌ପିଙ୍ଗ ଓ ପୁତିନଙ୍କ ସହ ହେବ ଆଲୋଚନା**



## ଓଡ଼ିଶା ଆସିବେ ରାହୁଲ



■ **ଭୁବନେଶ୍ୱର, ୩୦।୮ (ସମିସ):** ଜାତୀୟ କଂଗ୍ରେସ ଫୋକସ୍‌ରେ ଓଡ଼ିଶା ରହିଥିବା ବେଳେ ଆଗାମୀ ଦିନରେ କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶାକୁ ଏକାଧିକ ଗସ୍ତ କରିବେ। ଏହି କ୍ରମରେ ଆସନ୍ତା ନଭେମ୍ବର, ଡିସେମ୍ବର ମଧ୍ୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିବେ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି। ଭୋଟ ଚୋରି, ଗରିବୀ, ନାରୀ ସୁରକ୍ଷା ପ୍ରସଙ୍ଗରେ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି।

# ରାଜ୍ୟରେ ସାର ସଙ୍କଟ

## କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

■ **ଭୁବନେଶ୍ୱର, ୩୦।୮ (ସମିସ):** ରାଜ୍ୟବ୍ୟାପୀ ସାର ସଂକଟ, ଯୋଗାଣ ଅଭାବ ଏବଂ ବ୍ୟାପକ ଅବ୍ୟବସ୍ଥା କାରଣରୁ ଚାଷୀକୁଳ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସରକାର ସାର ଯୋଗାଇ ପାରୁନାହାନ୍ତି। ତେଣୁ, ଚାଷୀ ରାଜରାସ୍ତାକୁ ଓହ୍ଲାଇ ଆଲେଣି। ଗୋଟିଏପଟେ ସାର ଅଭାବ ସାଙ୍ଗକୁ ଅନ୍ୟପଟେ କଳାବଜାର, ଅପମିଶ୍ରଣ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଚାଷୀକୁଳର ଏପରି ସଙ୍କଟଜନକ ସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶନିବାର କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ଚିଠି ଲେଖି ନବୀନ ରାଜ୍ୟରେ ସାର ଯୋଗାଣରେ ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବା ସହ ଚାଷୀକୁଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଆବଶ୍ୟକ ୟୁରିଆ ଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି।

ନିଜ ଚିଠିରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ କୃଷି ଓଡ଼ିଶା ଅର୍ଥନୀତିର ମୁଖ୍ୟ ଆଧାର। ରାଜ୍ୟର ୭୦ ଭାଗରୁ ଅଧିକ ଲୋକଙ୍କୁ କୃଷି ହିଁ ଜୀବିକା ଯୋଗାଇଥାଏ। ଗତ ଦୁଇ ଦଶନ୍ଧିରେ ଓଡ଼ିଶା କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ୨୦୦୦ ମସିହାରେ ଚାଉଳ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବା ଓଡ଼ିଶା ଆଜି ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଣରେ ▶ପୃଷ୍ଠା-୭



- ସାର ଅଭାବ ଯୋଗୁଁ କୃଷିକାର୍ଯ୍ୟ ବାଧାପ୍ରାପ୍ତ, ସଙ୍କଟରେ ଚାଷୀ
- ତୁରନ୍ତ ଆବଶ୍ୟକ ୟୁରିଆ ଯୋଗାଣ ସୁନିଶ୍ଚିତ ଦାବି
- ୭.୯୪ ଲକ୍ଷ ଟନ ସାର ମହଜୁଦ ଥିବା ନେଇ ଦାବି କରୁଛନ୍ତି ରାଜ୍ୟ ସରକାର; ଚାଷୀଙ୍କୁ ମିଳୁନି
- ଚାଷୀଙ୍କ ବଦଳରେ ଘରୋଇ ଡିଲରଙ୍କୁ ସାର ବିକୁଛି ମାର୍କଫେଡ
- ୭ ବର୍ଷ ବିତିଲା; କାର୍ଯ୍ୟକ୍ଷମ ହୋଇନି ତାଳଚେର ସାର କାରଖାନା

## ଆହୁରି ୪ ଦିନ ବର୍ଷା



■ **ଭୁବନେଶ୍ୱର, ୩୦।୮ (ସମିସ):** ରାଜ୍ୟରେ ଆହୁରି ୪ ଦିନ ବର୍ଷା ଲାଗି ରହିବ। କିଛି କିଛି ସ୍ଥାନରେ ଝିପିଝିପି ବର୍ଷା ସହ ବିଜୁଳି ଘଡଘଡି ହେବାର ସମ୍ଭାବନା ବି ରହିଛି। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ୨୦ ଜିଲ୍ଲାରେ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କତା ଜାରି କରାଯାଇଛି। ବର୍ଷା ସମୟରେ ପବନର ବେଗ ୩୦ରୁ ୪୦ କିମି ରହିବ। କିଛି ସ୍ଥାନରେ ସାମାନ୍ୟ ଓ କିଛି ସ୍ଥାନରେ ଅଧିକ ବର୍ଷା ହେବା ସହ ଘଡ଼ଘଡ଼ି ଓ ପବନର ▶ପୃଷ୍ଠା-୭

**୩ରେ ପୁଣି ଏକ ଲଘୁଚାପ**

# ଜିଏସ୍‌ଟି ସଂଶୋଧନରେ ରାଜସ୍ୱ କ୍ଷତି ଆଶଙ୍କା

## ୨ ଲକ୍ଷ କୋଟି ଦାବିକଲେ ୮ ବିରୋଧୀ ଶାସିତ ରାଜ୍ୟ

■ **ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ଜନତାଙ୍କ ପାଇଁ ବଡ଼ ଘୋଷଣା କରିଥିଲେ। ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି)ର ସ୍ଲାବକୁ ହ୍ରାସ କରି ଦୀପାବଳି ଭେଟି ଦିଆଯିବ ବୋଲି କହିଥିଲେ। ମାତ୍ର ଏହା ଏବେ କେବଳ ଘୋଷଣା ହୋଇ ରହିଛି। ଆସନ୍ତା ତିନି ଏବଂ ଚାରି ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ଜିଏସ୍‌ଟି ପରିଷଦ ବୈଠକରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏଥିରେ ଜିଏସ୍‌ଟି ସ୍ଲାବକୁ ୪ରୁ ହ୍ରାସ କରି ଦୁଇ କରିବାକୁ ନିଷ୍ପତ୍ତି ନିଆଯାଇପାରେ। ତେବେ ବିରୋଧୀ ଦଳଙ୍କ ଶାସିତ ୮ ରାଜ୍ୟ ଏଥିରେ କେଁ ପୂରାଇଛନ୍ତି। ଜିଏସ୍‌ଟି ପରିଷଦ ବୈଠକରେ ନୂଆ ଦାବି ରଖିବାକୁ ଏହି ରାଜ୍ୟମାନେ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଜିଏସ୍‌ଟିରେ ସୁଧାର ପାଇଁ କେନ୍ଦ୍ର ଦେଇଥିବା ପ୍ରସ୍ତାବ ଦ୍ୱାରା ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ପଞ୍ଜାବ, ତାମିଲନାଡୁ, ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗର ୧.୫ ଲକ୍ଷ କୋଟିରୁ ୨ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ କ୍ଷତି ହେବ। ତେଣୁ ଏହାର ଭରଣା କରିବାକୁ ୫ ବର୍ଷ ପର୍ଯ୍ୟନ୍ତ କ୍ଷତିପୂରଣ ଦେବା ନିମନ୍ତେ ଦାବି କରିଛନ୍ତି। ଏହି ସବୁ ରାଜ୍ୟର ଅର୍ଥମନ୍ତ୍ରୀଙ୍କ ମଧ୍ୟରେ ଶୁକ୍ରବାର ନୂଆଦିଲ୍ଲୀରେ ଏକ ▶ପୃଷ୍ଠା-୭




## ଚଳନ୍ତା ଭ୍ୟାନ୍‌ରେ ଯୁବତୀଙ୍କୁ ଗଣଦୁଷ୍କର୍ମ

■ **ବାରିପଦା, ୩୦।୮ (ସମିସ):** ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ଚଳନ୍ତା ଭ୍ୟାନ୍‌ରେ ଗଣଦୁଷ୍କର୍ମ କରାଯିବା ଭଳି ଘଟଣା ଆଜି ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୁକ୍ତମାନେ ଏକ ଓମିନି ଭ୍ୟାନ୍‌ରେ ଯୁବତୀଙ୍କୁ ବାଙ୍ଗିରିପୋଷିରୁ ଉଦଳାକୁ ନେବା ସମୟରେ ରାସ୍ତାପାର୍ଶ୍ୱରେ ଗଣଦୁଷ୍କର୍ମ କରିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଏହାସହ ପୁଲିସ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇବା ସହ ବୟାନ ରେକର୍ଡ ପରେ ତାଙ୍କ ମା'ଙ୍କ ସହିତ ସୁଧାର ଗୃହରେ ଛାଡ଼ିଛି। ସୂଚନାନୁଯାୟୀ, ଶୁକ୍ରବାର ଜଣେ ଯୁବକ ତା'ର ସହଯୋଗୀଙ୍କ ସହ ବାଙ୍ଗିରିପୋଷି ଥାନା ଅଞ୍ଚଳକୁ ଆସିଥିଲା। ▶ପୃଷ୍ଠା-୭

**୨ ଅଟକ**

**ଏକାଧିକ ସମସ୍ୟାକୁ ନେଇ ସନ୍ତୁଳି ହେଉଛନ୍ତି ପୌରସଂସ୍ଥା**

# ବଢ଼ୁଛି ରାଜନୈତିକ ହସ୍ତକ୍ଷେପ; ବିକାଶ ବାଧାପ୍ରାପ୍ତ

■ **ଭୁବନେଶ୍ୱର, ୩୦।୮ (ସମିସ):** ଆସନ୍ତାକାଲି ରାଜ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯିବ। ସହରାଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବା କ୍ଷେତ୍ରରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ଏକାଧିକ ସମସ୍ୟାକୁ ନେଇ ପୌରସଂସ୍ଥା ଗୁଡ଼ିକ ସନ୍ତୁଳି ହେଉଥିବା ବେଳେ ରାଜନୈତିକ ହସ୍ତକ୍ଷେପ ଏହାକୁ ଅଧିକ ଜଟିଳ କରୁଛି। ଯାହାକୁ ନେଇ ପୌର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବା ବେଳେ ଏଥିରେ ଲଗାମ ଲାଗିବା ଜରୁରି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ ନିକଟରେ ରାଜ୍ୟ ସରକାର ୧୨ଟି ନୂଆ ଏନ୍‌ଏସି ଗଠନ ପାଇଁ ଡ୍ରାଫ୍ଟ ବିଜ୍ଞପ୍ତି ଘୋଷଣା କରିଛନ୍ତି। ଯାହାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷର ନିଆଁ ଜୁହୁଳିଛି। ଯୋଗ୍ୟତା ଅପେକ୍ଷା ନୂଆ ଏନ୍‌ଏସି ଗଠନ ପ୍ରକ୍ରିୟାରେ ରାଜନୈତିକ ଦବଦବାକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ସାଧାରଣରେ ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ମସିହାରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟରେ ୫୬ଟି ଏନ୍‌ଏସି ଗଠନ ହେବ ବୋଲି ଘୋଷଣା କରିଥିଲେ। ଏହା ସହ ୫ଟି ଏନ୍‌ଏସି ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯାଇଥାନ୍ତା। ନୂଆ ସରକାର ମାତ୍ର ୧୨ଟି ନୂଆ ଏନଏସି ଘୋଷଣା କରିଥିବା ବେଳେ ଆଉ ୯ଟି ଏନଏସି ଆସନ୍ତାକାଲି ଘୋଷଣା କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ପୂର୍ବରୁ ତାଲିକାଭୁକ୍ତ ବହୁ ଏନ୍‌ଏସି ନୂତନ ▶ପୃଷ୍ଠା-୭




**ନୂଆ ଏନଏସି ଘୋଷଣାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ, ପୂର୍ବ ସରକାରଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବାକୁ ଦାବି**

**ସମ୍ବଲପୁର ଓ ରାଉରକେଲା ମହାନଗର ନିଗମରେ ଆଜିପର୍ଯ୍ୟନ୍ତ ହେଲାନି ନିର୍ବାଚନ**



# ‘ହ୍ୟୁମାନ୍ ଜିପିଏସ୍’ ଭାବେ ପରିଚିତ ଆତଙ୍କବାଦୀ ବାଗୁ ଖାନ୍ ନିହତ



**୨୫ ବର୍ଷରେ ୧୦୦ରୁ ଅଧିକ ଅନୁପ୍ରବେଶ କରାଇଥିଲା**

ଶ୍ରୀନଗର, ୩୦।୮ (ଏଜେନ୍ସି): ‘ହ୍ୟୁମାନ ଜିପିଏସ୍’ ନାମରେ ପରିଚିତ ଆତଙ୍କବାଦୀ ବାଗୁ ଖାନ୍ ଭାରତୀୟ ସୁରକ୍ଷାବାହିନୀ ସହ ଏନକାଉଣ୍ଟର ବେଳେ ନିହତ ହୋଇଛି। ଜମ୍ମୁ-କଶ୍ମୀର ବନ୍ଦିପୋରା ଜିଲ୍ଲାର ଗୁରେଜ ସେକ୍ଟରରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଓସି) ନିକଟରେ ସେ ପ୍ରାଣ ହରାଇଛି। ବାଗୁ ଖାନ୍ ମଧ୍ୟ ‘ସମନ୍ଦର ଚାଚା’ ଭାବେ ପରିଚିତ ଥିଲା। ୧୯୯୫ରେ ବାଗୁ ଖାନ୍ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ରହୁଥିଲା। ସେ ଗତ ୨୫ ବର୍ଷ ହେବ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ ଥିଲା। ସେ ଆତଙ୍କୀଙ୍କୁ ଅନୁପ୍ରବେଶ କରାଇବାରେ ସିଦ୍ଧହସ୍ତ ଥିଲା। ସେ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ସାମିଲ ରହିଥିଲା ବୋଲି ସେନା ତରଫରୁ କୁହାଯାଇଛି। ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରାଇବାର ସବୁ ରାସ୍ତା ତାକୁ ଜଣାଥିଲା। ଧରା ପଡ଼ିବା ପରେ କେମିତି ଖସିବ ତାହା ମଧ୍ୟ ସେ ଭଲଭାବେ ଜାଣିଥିଲା। ଏଥିପାଇଁ ତାକୁ ‘ହ୍ୟୁମାନ ଜିପିଏସ୍’ କୁହାଯାଉଥିଲା। ସେ ହିଜବୁଲ ମୁଜାହିଦ୍ଦିନର ମୋଷ୍ଟ ୱାଣ୍ଟେଡ୍ ଆତଙ୍କାବାଦୀ ଭାବେ ସୁରକ୍ଷା ଏଜେନ୍ସିଗୁଡ଼ିକର ହିଟ୍‌ଲିଷ୍ଟରେ ଥିଲା। ଅଗଷ୍ଟ ୨୮ରୁ ଗୁରେଜ ସେକ୍ଟରରେ ବାଗୁ ଖାନ୍ ଅନୁପ୍ରବେଶ କରିବାକୁ ପ୍ରୟାସ କରୁଥିଲା। ଏହିସମୟାରେ ଭାରତୀୟ ସେନା ସହ ଗୁଳି ବିନିମୟ ଚାଲିଥିଲା। ଏଥିରେ ତା’ର ଜଣେ ସହଯୋଗୀ ନିହତ ହୋଇଛି।

ଗୁଇନ୍ଦା ସୂଚନା ଆଧାରରେ ସେନା ଓ ଜମ୍ମୁ-କଶ୍ମୀର ପୁଲିସ ମିଳିତ ଭାବେ ଅପରେସନ ଆରମ୍ଭ କରିଥିଲେ। ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇବାରୁ ସେନା ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏଥିରେ ଦୁଇ ଆତଙ୍କବାଦୀ ନିହତ ହୋଇଥିଲେ। ଉଲ୍ଲେଖଥାଉ କି ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଜମ୍ମୁ-କଶ୍ମୀରର ଭିନ୍ନ ଭିନ୍ନ ୭ଟି ସ୍ଥାନରେ ହୋଇଥିବା ଏନ୍‌କାଉଣ୍ଟରରେ ଏପର୍ଯ୍ୟନ୍ତ ୨୩ ଜଣ ଆତଙ୍କବାଦୀ ନିହତ ହେଲେଣି।

# ଟ୍ରମ୍ପଙ୍କ ‘ମୃତ୍ୟୁ’ ନେଇ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ



ୱାସିଂଟନ, ୩୦।୮ (ଏଜେନ୍ସି): ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଟିପ୍ପଣୀ ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୃତ୍ୟୁ ଖବରକୁ ନେଇ ସାମାଜିକ ଗଣମାଧ୍ୟମରେ ହଇଚଇ ସୃଷ୍ଟି ହୋଇଛି। ‘ଟ୍ରମ୍ପ ଇଜ୍ ଡେଡ୍’ ହାସଟାଗ୍‌ର ଟ୍ରେଣ୍ଡ ଚାଲିଛି। ଶନିବାର ଦ୍ୱିପହର ସୁଦ୍ଧା ଏ ସମ୍ବନ୍ଧିତ ୬୦ ହଜାର ପୋଷ୍ଟ ସେୟାର କରାଯାଇଛି। ଗତ ଜୁଲାଇରେ ୭୯ ବର୍ଷୀୟ ଟ୍ରମ୍ପଙ୍କ ହାତରେ କ୍ଷତ ଚିହ୍ନ, ପାଦ ଫୁଲିଥିବା ଫଟୋ ସାମ୍ନାକୁ ଆସିଥିଲା। ଏହାପର ଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଚାଲିଛି। ସେତେବେଳେ ହ୍ୱାଇଟ୍ ହାଉସ୍ ଏହାକୁ ଗୁଜବ କହି ଖବରକୁ ପ୍ରତ୍ୟାଖାନ କରି ଦେଇଥିଲା। କିନ୍ତୁ ଗତ ୨୭ ତାରିଖରେ ଆମେରିକାର ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏକ ସାକ୍ଷାତକାରରେ ଦେଇଥିବା ଟିପ୍ପଣୀ ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା। କୌଣସି ଖରାପ୍ ସ୍ଥିତି ଆସିଲେ ଦେଶର ନେତୃତ୍ୱ ନେବାକୁ ସେ ପ୍ରସ୍ତୁତ ବୋଲି ଭାନ୍ସ କହିଥିଲେ। କିନ୍ତୁ ଟ୍ରମ୍ପ ଏବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଓ ସୁସ୍ଥ ଅଛନ୍ତି ବୋଲି ସେ କହିଥିଲେ। ମାତ୍ର ହ୍ୱାଇଟ୍ ହାଉସ ପକ୍ଷରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ପୁଣି ଭାନ୍ସଙ୍କ ସାକ୍ଷାତକାର ପରେ ଟ୍ରମ୍ପଙ୍କୁ ଗତ ୨୪ ଘଣ୍ଟା ମଧ୍ୟରେ ସାର୍ବଜନୀନ ଭାବେ ଦେଖିବାକୁ ମିଳିନାହିଁ ବୋଲି ସାମାଜିକ ଗଣମାଧ୍ୟମରେ ଦାବି କରାଯାଇଛି। ୨୦୨୫ରେ ଫେବୃଆରୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଓ ଜୁଲାଇରେ ୟୁରୋପିଆନ କମିସନ ଅଧ୍ୟକ୍ଷ ଉରଜୁଲା ଭାନ ଡେର ଲେୟେନଙ୍କ ସହ ସାକ୍ଷାତ ଅବସରରେ ଟ୍ରମ୍ପଙ୍କ ହାତରେ କ୍ଷତ ଚିହ୍ନ ଓ ଏହାର ମେକ୍‌ଅପ୍ ଦେଖିବାକୁ ମିଳିଥିଲା। ଏହାପରେ ଟ୍ରମ୍ପ ସ୍ନାୟବିକ ରୋଗରେ ପୀଡିତ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଉଥିଲା। କିନ୍ତୁ ବୃକକ ଓ ହୃତ୍‌ପିଣ୍ଡ ଜନିତ ସମସ୍ୟା ନ ଥିବା କୁହାଯାଇଥିଲା। ମାତ୍ର ସାମାଜିକ ଗଣମାଧ୍ୟମରେ ଚାଲିଥିବା ଏହି ଟ୍ରେଣ୍ଡକୁ ନେଇ ହ୍ୱାଇଟ୍ ହାଉସ ତରଫରୁ କିଛି କୁହାଯାଇନାହିଁ। ଏହା ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଲାଗି ରହିଥିବା ସଂଶୟକୁ ଅଧିକ ବୃଦ୍ଧି କରିଛି।

## ୟୁକ୍ରେନର ପୂର୍ବତନ ସାଂସଦଙ୍କୁ ଗୁଳିକରି ହତ୍ୟା

କିଭ୍, ୩୦।୮ (ଏଜେନ୍ସି): ୟୁକ୍ରେନର ପ୍ରମୁଖ ରାଜନେତା ତଥା ପୂର୍ବତନ ସାଂସଦ ଅଧ୍ୟକ୍ଷ ଆନ୍ଦ୍ରି ପାରୁବୀଙ୍କୁ ଶନିବାର ଗୁଳିକରି ହତ୍ୟା କରାଯାଇଛି। ଦକ୍ଷିଣ ଫ୍ରାଙ୍କିଭସ୍କି ଜିଲ୍ଲାରେ ଦିନ ୧୨ରେ ଗୁଳିକାଣ୍ଡ ହୋଇଥିବା କଥା ପୁଲିସ କହିଛି। ଆକ୍ରମଣକାରୀ ପାରୁବୀଙ୍କ ଉପରେ ଏକାଧିକ ରାଉଣ୍ଡ ଗୁଳିମାଡ଼ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ସେ ମୃତ୍ୟୁବରଣ କରିଥିଲେ। ଡେଲିଭରୀ ବଏ ଭାବେ ଆସି ଆକ୍ରମଣକାରୀ ଏହି ଘଟଣା ଘଟାଇଥିଲା। ସେ ଏକ ଇଲେକଟ୍ରିକ ସାଇକଲ ଚଢ଼ି ଆସିଥିଲା। ଗୁଳି ମାରିବା ପରେ ସେ ସାଇକଲ ଚଳାଇ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ୫୪ ବର୍ଷୀୟ ପାରୁବୀ ଦୀର୍ଘବର୍ଷ ଧରି ସାଂସଦ ରହିଆସିଥିଲେ। ୨୦୦୪ରେ ସେ ଅରେଞ୍ଜ କ୍ରାନ୍ତି ଓ ୨୦୧୩-୧୪ରେ ୟୁରୋ ମଇଦାନ କ୍ରାନ୍ତିରେ ଅଂଶଗ୍ରହଣ କରିଥିଲେ। ୨୦୧୪ରେ ରୁଷିଆ କ୍ରିମିଆ ଉପରେ ଅଧିକାର କରିବା ପରେ ଓ ଡୋନବାସ୍‌ରେ ଯୁଦ୍ଧ ଆରମ୍ଭ ହେବା ପରେ ସେ ରାଷ୍ଟ୍ରିୟ ସୁରକ୍ଷା ଓ ପ୍ରତିରକ୍ଷା ପରିଷଦର ସଦସ୍ୟ ଥିଲେ।

## ମୋରିଟାନିଆରେ ନୌକା ବୁଡ଼ି; ୪୯ ମୃତ, ୧୦୦ ନିଖୋଜ

ନୌକାଚୋଟ୍, ୩୦।୮ (ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ମୋରିଟାନିଆରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ଚଳିତ ସପ୍ତାହ ପ୍ରାରମ୍ଭରେ ଏହି ଦେଶର ଉପକୂଳରେ ପ୍ରବାସୀ ନାଗରିକଙ୍କୁ ନେଇ ଯାଉଥିବା ଏକ ନୌକା ବୁଡିବା ଫଳରେ ୪୯ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୧୦୦ ଜଣ ନିଖୋଜ ଅଛନ୍ତି। ୧୭ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏପର୍ଯ୍ୟନ୍ତ ୪୯ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଓ ସେମାନଙ୍କୁ କବର ଦିଆଯାଇଛି। ନିଖୋଜ ଥିବା ଲୋକଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି। ନୌକାରେ ପାଖାପାଖି ୧୬୦ଜଣ ଲୋକ ଥିଲେ। ଏଥିରେ ସେନେଗାଲ ଓ ଗାମ୍ବିଆର ନାଗରିକମାନେ ମଧ୍ୟ ଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ଜଣାଶୁଣା ନ୍ୟୁଜ ଏଜେନ୍ସି ଏଏଫ୍‌ପି ସୂଚନା ଦେଇଛି।

## ସ୍କୁଲ୍ ଟଏଲେଟ୍‌ରେ ୯ମ ଶ୍ରେଣୀ ଛାତ୍ରୀଙ୍କ ପ୍ରସବ

ୟାଦଗିର, ୩୦।୮ (ଏଜେନ୍ସି): କର୍ଣ୍ଣାଟକର ୟାଦଗିର ଜିଲ୍ଲାର ଶାହାପୁର ତାଲୁକ୍‌ରେ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଏହି ଅଞ୍ଚଳରେ ଥିବା ଏକ ସରକାରୀ ଆବାସିକ ବିଦ୍ୟାଳୟର ୯ମ ଶ୍ରେଣୀରେ ପଢ଼ୁଥିବା ଜଣେ ଛାତ୍ରୀ ଟଏଲେଟ୍‌ରେ ପିଲା ଜନ୍ମ ଦେଇଛନ୍ତି। ରୁଜୁ ହୋଇଥିବା ଏତଲା ଅନୁସାରେ ବାଳିକା ଜଣକ ୯ମାସର ଗର୍ଭବତୀ ଥିବା ଜଣାଯାଇଛି। ଛାତ୍ରୀ ଜଣକ ସେତେବେଳେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ, ସେତେବେଳେ ତାଙ୍କ ସହପାଠୀ ସ୍କୁଲ କର୍ତ୍ତୃପକ୍ଷ ଏନେଇ ଅବଗତ କରାଯାଇଥିଲେ। ଉଭୟ ବାଳିକା ଓ ନବଜାତ ଶିଶୁକୁ ହସ୍ପିଟାଲକୁ ନିଆଯାଇଥିଲା ଓ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାଯାଇଛି। ଏହି ମାମଲାରେ ଜଣେ ୨୮ ବର୍ଷୀୟ ବ୍ୟକ୍ତିଙ୍କ ବିରୋଧରେ ପୋକ୍‌ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ କର୍ଣ୍ଣାଟକ ଆବାସିକ ଶିକ୍ଷାନୁଷ୍ଠାନ ସୋସାଇଟିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦୁଇଜଣ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ପୁଲିସ ଆଉ ୪ଜଣ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଛି। ସେମାନେ ହେଉଛନ୍ତି ହଷ୍ଟେଲ ୱାର୍ଡେନ, ସ୍କୁଲ ପ୍ରିନ୍ସପାଲ, ଜଣେ ଷ୍ଟାଫ୍ ନର୍ସ। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ଣ୍ଣାଟକ ଶିଶୁ ଅଧିକାର କମିଶନ ତରଫରୁ କୁହାଯାଇଛି।

## ଦିଲ୍ଲୀ କାଲକାଜି ମନ୍ଦିରରେ ସେବାୟତଙ୍କୁ ପିଟିପିଟି ହତ୍ୟା

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଦିଲ୍ଲୀର ପ୍ରସିଦ୍ଧ କାଲକାଜି ମନ୍ଦିରରେ ଜଣେ ସେବାୟତଙ୍କୁ ବାଡିରେ ପିଟିପିଟି ହତ୍ୟା କରାଯିବାର ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ରାତିରେ ଯୋଗେନ୍ଦ୍ର ସିଂ ନାମକ ଜଣେ ସେବାୟତଙ୍କୁ କେତେଜଣ ଯୁବକ ହତ୍ୟା କରିଛନ୍ତି। ଏହି ଘଟଣା ଭିଡିଓ ଭାଇରାଲ ହୋଇଛି। ଦୁଇଜଣ ତାଙ୍କୁ ନିସ୍ଥୁକ ଭାବେ ପିଟୁ ଥିବା ବେଳେ ଅନ୍ୟମାନେ ପାଖରେ ଠିଆ ହୋଇ ଦେଖୁଥିବା ଭିଡିଓରେ ଦେଖିବାକୁ ମିଳିଛି। ମନ୍ଦିରରେ ବହୁ ସଂଖ୍ୟାରେ ଭକ୍ତ ଥିଲେ ମଧ୍ୟ ସେମାନଙ୍କୁ ରୋକିବାକୁ ପ୍ରୟାସ କରି ନଥିଲେ। ଆକ୍ରମଣ କରିବା ପରେ ଯୁବକମାନେ ସେଠାରୁ ପଳାଇ ଯାଇଥିଲେ। ୩୦ ବର୍ଷୀୟ ଅତୁଲ ପାଣ୍ଡେ ନାମକ ଜଣେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରିବାରେ ସଫଳ ହୋଇଥିଲେ ବୋଲି ପୁଲିସ କହିଛି। ଅଭିଯୁକ୍ତମାନେ ମନ୍ଦିରକୁ ଦର୍ଶନ କରିବାକୁ ଆସିଥିଲେ ଓ ଯୋଗେନ୍ଦ୍ରଙ୍କଠାରୁ ପ୍ରସାଦ ମାଗିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।

# ୫୦ରୁ କମ୍ ଅସ୍ତ୍ର ବ୍ୟବହାର କରି ଲକ୍ଷ୍ୟ ହାସଲ କରିଥିଲା ବାୟୁସେନା



ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଜମ୍ମୁ-କଶ୍ମୀର ପହଲଗାମ ଆକ୍ରମଣ ପରେ ଭାରତୀୟ ସେନା ଦ୍ୱାରା ହୋଇଥିବା ‘ଅପରେସନ ସିନ୍ଦୂର’କୁ ନେଇ ଏବେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଭାରତୀୟ ବାୟୁସେନାର ଉପ-ମୁଖ୍ୟ ତଥା ଏୟାର ମାର୍ଶାଲ ନର୍ମଦେଶ୍ୱର ତିୱାରୀ ଏ ନେଇ ନୂଆ ଖୁଲାସା କରିଛନ୍ତି। ଭାରତୀୟ ବାୟୁସେନା ମାତ୍ର ୫୦ରୁ କମ୍ ଅସ୍ତ୍ର ବ୍ୟବହାର କରି ପାକିସ୍ତାନକୁ ଅସ୍ତ୍ରବିରତି କରିବାକୁ ବାଧ୍ୟ କରିଥିଲା ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରରେ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀଙ୍କ ଠିକଣା ଉପରେ ଆକ୍ରମଣର ୩ ମାସ ପରେ ସେ ଏହି କଥା କହିଛନ୍ତି। ଏକ ଘରୋଇ ନ୍ୟୁଜ ଚ୍ୟାନେଲର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏ ନେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଛନ୍ତି। ପହଲଗାମ ଆକ୍ରମଣର ଜବାବରେ ଅପରେସନ ସିନ୍ଦୂର ଆରମ୍ଭ କରାଯାଇଥିଲା। ଯୁଦ୍ଧ ଆରମ୍ଭ କରିବା ସହଜ, କିନ୍ତୁ ଶେଷ କରିବା କଷ୍ଟକର ବୋଲି ସେ କହିଥିଲେ। ଏହାକୁ ଦୃଷ୍ଟିରେ ରଖି ଆମେ ପ୍ରସ୍ତୁତି ଆରମ୍ଭ କରିଥିଲୁ। ସେନାକୁ ସକ୍ରିୟ ରଖିବା ସହ ମୁତୟନ କରିବାକୁ ନିଷ୍ପତ୍ତି ନେଇଥିଲୁ। ସବୁ ପ୍ରକାର ସମ୍ଭାବ୍ୟ ସ୍ଥିତିର ମୁକାବିଲା କରିବାକୁ ଆମେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଥିଲୁ। ବାୟୁସେନା ସମ୍ମୁଖରେ ଏକାଧିକ ବିକଳ୍ପ ଥିଲା। କିନ୍ତୁ ଶେଷରେ ୯ଟି ସ୍ଥାନକୁ ଟାର୍ଗେଟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

### ‘ଅପରେସନ ସିନ୍ଦୂର’

ଇଣ୍ଟିଗ୍ରେଟେଡ ଏୟାର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ (ଆଇଏସିସିଏସ୍) ରଣନୀତି ପ୍ରସ୍ତୁତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏହି ପ୍ରଣାଳୀ ଦ୍ୱାରା ଭାରତ ପ୍ରାରମ୍ଭିକ ଝଟ୍‌କା ପ୍ରତିହତ କରିବା ସହ ପାକିସ୍ତାନକୁ ଦୃଢ଼ ଜବାବ ଦେବାରେ ସଫଳ ହୋଇଥିଲା। ମାତ୍ର ୪ ଦିନ ମଧ୍ୟରେ ପାକିସ୍ତାନକୁ ନଇଁବା ପାଇଁ ବାଧ୍ୟ କରାଯାଇଥିଲା। ନିୟନ୍ତ୍ରଣ ରେଖା (ଏଲ୍ଓସି) ସେପଟେ ୪ ଦିନ ଧରି ଆମେ ସଠିକ ଭାବେ ମିସାଇଲ ମାଡ଼ କରିଥିଲୁ। ଡ୍ରୋନ୍, ତୋପ ଓ ଅନ୍ୟ ଅସ୍ତ୍ରଗୁଡ଼ିକର ଲଢେଇ ପରେ ମେ ୧୦ରେ ଭାରତ ଓ ପାକିସ୍ତାନ ସ୍ଥଳ, ଜଳ ଓ ବାୟୁରେ ସବୁପ୍ରକାର ଯୁଦ୍ଧକୁ ବନ୍ଦ କରିବାକୁ ସହମତି ପ୍ରକାଶ କରିଥିଲେ। ଏହାର କିଛି ଘଣ୍ଟା ପରେ ଶ୍ରୀନଗର, ଗୁଜରାଟର କିଛି ଅଞ୍ଚଳ ସମେତ ଜମ୍ମୁ-କଶ୍ମୀର ବିଭିନ୍ନ ସ୍ଥାନରେ ପାକିସ୍ତାନ ଡ୍ରୋନ ଦେଖିବାକୁ ମିଳିଥିଲା ଏବଂ ଏଗୁଡିକୁ ନିଷ୍କ୍ରିୟ କରାଯାଇଥିଲା ବୋଲି ସେ କହିଛନ୍ତି। ମେ ୧୦ ସକାଳେ ପାକିସ୍ତାନ ବାୟୁସେନା ମୁଖ୍ୟ ଠିକଣାଗୁଡିକ ଉପରେ ଭାରତୀୟ ବାୟୁସେନା ବିମାନ ବ୍ରହ୍ମୋସ (ଆକାଶରୁ ଭୂପୃଷ୍ଠକୁ) କ୍ରୁଜ୍ ମିସାଇଲ ମାଡ଼ କରିଥିଲା। ରାୱଲପିଣ୍ଡିର ଚକଲାଲା ଓ ପାକିସ୍ତାନ ପଞ୍ଜାବ ରାଜ୍ୟର ସରଗୋଧାରେ ଏହି ମିସାଇଲ ମାଡ଼ କରାଯାଇଥିଲା। ଏହି ଠିକଣାଗୁଡିକ ପାକିସ୍ତାନ ସେନା ପାଇଁ ରଣନୈତିକ ଦୃଷ୍ଟିକୋଣରୁ ବିଶେଷ ମହତ୍ତ୍ୱ ରଖୁଥିଲା। ପାକିସ୍ତାନ ଓ ପିଓକେର ବିଭିନ୍ନ ଠିକଣା ଉପରେ ହୋଇଥିବା ଆକ୍ରମଣ ନେଇ ସନ୍ଧ୍ୟାରେ ସ୍ପଷ୍ଟ ହୋଇଥିଲା। ଅପରେସନ ସିନ୍ଦୂର ଦ୍ୱାରା ଭାରତ ନିର୍ଣ୍ଣାୟକ ସଫଳତା ଅର୍ଜନ କରିଥିଲା।

# ଜମ୍ମୁ- କଶ୍ମୀରରେ ଭୂସ୍ଖଳନ, ଆଉ ୧୧ ମୃତ

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ମୌସୁମୀ ଜନିତ ବର୍ଷା କାରଣରୁ ସାରା ଉତ୍ତର ଭାରତରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ବାଦଲଫଟା ବର୍ଷା, ଭୂସ୍ଖଳନ, ବନ୍ୟା କାରଣରୁ ବହୁ ଧନଜୀବନ ହାନି ହୋଇଛି। ଜମ୍ମୁ-କଶ୍ମୀରର ରିଆସି ଜିଲ୍ଲାରେ ବଦାର ଗାଁରେ ଶନିବାର ସକାଳେ ଭୂସ୍ଖଳନ ହୋଇଛି। କାଦୁଅ ତଥା ଆବର୍ଜନା ତଳୁ ୭ଟି ମୃତଦେହ ଉଦ୍ଧାର କରାଯାଇଛି। ଏଥିରେ ଆହୁରି କେତେ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି ଓ ଏମାନଙ୍କୁ ଖୋଜିବା ଜାରି ରହିଛି। ସେହିପରି ରାମବନର ରାଜଗଡ଼ରେ ବାଦଲ ଫଟା ବର୍ଷା କାରଣରୁ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି ଓ ତାଙ୍କୁ ଖୋଜା ଜାରି ରହିଛି। ସେହିପରି ହିମାଚଳ ପ୍ରଦେଶର ମଣ୍ଡି ଗୋହରରେ ଶୁକ୍ରବାର ବିଳମ୍ବିତ ରାତିରେ ବାଦଲ ଫଟା ବର୍ଷା ହୋଇଥିଲା। ନାଣ୍ଡି ପଞ୍ଚାୟତରେ ନସେନୀ ନାଳରେ କେତୋଟି ଗାଡ଼ି ସୁଅରେ ଭାସି ଯାଇଛି। ସେହିପରି ସିମ୍‌ଲାର ଜୁତୋଗ କ୍ୟାଣ୍ଟନମେଣ୍ଟରେ ମଧ୍ୟ ଭୂସ୍ଖଳନ ହୋଇଛି। ଫଳରେ ସେଠାରେ ଥିବା ଭାରତୀୟ ସେନାର ଆବାସିକ ଭବନଗୁଡ଼ିକୁ ଖାଲି କରାଯାଇଛି। ପଞ୍ଜାବର ଅମୃତସର, ପଠାନକୋଟ ସମେତ ୮ଟି ଜିଲ୍ଲା ବନ୍ୟା ସ୍ଥିତି ଜାରି ରହିଛି। ୨୫୦ରୁ ଉର୍ଦ୍ଧ୍ୱ ଗାଁରେ ୫ରୁ ୧୫ ଫୁଟ ପର୍ଯ୍ୟନ୍ତ ପାଣି ଭରି ରହିଛି। ବ୍ୟାନରେ ଏପର୍ଯ୍ୟନ୍ତ ୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ୩ ଜଣ ନିଖୋଜ ଅଛନ୍ତି। ଉତ୍ତରାଖଣ୍ଡର ଚମୋଲୀ, ରୁଦ୍ରପ୍ରୟାଗ, ତେହରୀ ଓ ବାଗେଶ୍ୱର ଜିଲ୍ଲାରେ ଶୁକ୍ରବାର ବାଦଲଫଟା ବର୍ଷା ହୋଇଥିବାର ସୂଚନା ମିଳିଛି। ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୧୧ ଜଣ ନିଖୋଜ ଅଛନ୍ତି। ବାଗେଶ୍ୱରର କାପକୋଟ୍‌ରେ କେତୋଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଉତ୍ତରପ୍ରଦେଶରେ ୧୮ଟି ଜିଲ୍ଲାରେ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ରାଜ୍ୟରେ ଏପର୍ଯ୍ୟନ୍ତ ୭୭୪ଟି ବାସଗୃହ ବର୍ଷା ଓ ବନ୍ୟାରେ ଭୁଶୁଡି ପଡ଼ିଛି। ବାରଣାଶୀର ସବୁ ୮୪ଟି ଘାଟ ମଧ୍ୟରେ ପରସ୍ପର ସମ୍ପର୍କ ଛିନ୍ନ ହୋଇଛି। ଜାମ୍ମୁ-କଶ୍ମୀର କଟରାରେ ବର୍ଷା କାରଣରୁ ବୈଷ୍ଣୋଦେବୀ ଯାତ୍ରା ୫ ଦିନ ହେବ ବନ୍ଦ ରହିଛି। ଅଗଷ୍ଟ ୨୬ରେ ହୋଇଥିବା ଭୂସ୍ଖଳନ ଯୋଗୁଁ ଏଠାରେ ୩୪ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି ମହାରାଷ୍ଟ୍ରର ଲାଟୁରରେ ନାନ୍ଦେଡରେ ୫୦ଟି ସଡକ ଓ ପୋଲ ପାଣିରେ ବୁଡିଯାଇଛି। ଉତ୍ତରାଖଣ୍ଡର ଡେରାଡୁନରେ ପ୍ରବଳ ବର୍ଷା ଜାରି ରହିଛି। ପଞ୍ଜାବର ଫିରୋଜପୁରରେ ଏପର୍ଯ୍ୟନ୍ତ ୩, ୦୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ହରିୟାଣା କୁରୁକ୍ଷେତ୍ରର କଠବାର ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ହିମାଚଳରେ ପ୍ରବଳ ବର୍ଷା ଓ ଭୂସ୍ଖଳନ କାରଣରୁ ୫୫୭ ସଡକ ବନ୍ଦ ରହିଛି ଓ ମଣିମହେଶ ଯାତ୍ରା ସ୍ଥଗିତ ରଖାଯାଇଛି।

**ପଞ୍ଜାବରେ ୨୫୦ ଗାଁ ବନ୍ୟା ଘେରରେ**



## ସବୁଦିନ ପାଇଁ କେହି ମିତ୍ର କିମ୍ବା ଶତ୍ରୁ ନୁହନ୍ତି: ରାଜନାଥ



ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ବୈଶ୍ୱିକ ରାଜନୀତିରେ ସବୁଦିନ ପାଇଁ କେହି ବନ୍ଧୁ କିମ୍ବା ଶତ୍ରୁ ନୁହନ୍ତି ବୋଲି ଭାରତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଭାରତ ଉପରେ ଆମେରିକା ଲାଗୁ କରିଥିବା ୫୦ ପ୍ରତିଶତ ଟାରିଫ ନୀତି ଉପରେ ମତ ଦେବାକୁ ଯାଇ ସେ ଏହି ଟିପ୍ପଣୀ ଦେଇଛନ୍ତି। କେବଳ ସ୍ୱାର୍ଥ ହିଁ ସ୍ଥାୟୀ ବୋଲି ସେ କହିଛନ୍ତି। ଭାରତ କାହାକୁ ଶତ୍ରୁ ଭାବେ ବିବେଚନା କରେନାହିଁ। ଦେଶର କୃଷକ ଓ ଉଦ୍ୟୋଗ ଆମ ପାଇଁ ଗୁରୁତ୍ୱବହନ କରୁଛି। ତେଣୁ ଏମାନଙ୍କ ସ୍ୱାର୍ଥକୁ ବଳି ଦେବା ଭଳି କୌଣସି ନିଷ୍ପତ୍ତି ନେବୁ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏନ୍‌ଡିଟିଭି ଡିଫେନ୍ସ ସମ୍ମିଟ୍‌ରେ ଯୋଗଦେଇ ସେ ଅନ୍ୟ ବିଷୟରେ ମଧ୍ୟ ନିଜର ମତ ରଖିଥିଲେ। ପ୍ରତିଦିନ ବିଶ୍ୱରେ ବହୁ ପରିବର୍ତ୍ତନ ହେଉଛି। ତେଣୁ ଆମ ଆଗରେ ବିଭିନ୍ନ ପ୍ରକାରର ଆହ୍ୱାନ ସୃଷ୍ଟି ହେଉଛି। ମହାମାରୀ, ଆତଙ୍କବାଦ୍, ଆଞ୍ଚଳିକ ବିବାଦ ଆମ ଆଗରେ ବିଭିନ୍ନ ସମସ୍ୟା ସୃଷ୍ଟିକରୁଛି। ତେଣୁ ଏବେ ତିଷ୍ଠି ରହିବା ସହ ପ୍ରଗତି କରିବା ନିହାତି ଜରୁରୀ ହୋଇପଡ଼ିଛି। ପ୍ରତିରକ୍ଷା ରପ୍ତାନୀରେ ଭାରତ ଯଥେଷ୍ଟ ଉନ୍ନତି କରିଛି।୨୦୧୪ରେ ଭାରତର ପ୍ରତିରକ୍ଷା ରପ୍ତାନୀ ମାତ୍ର ୭୦୦ କୋଟି ଟଙ୍କାଥିଲା। କିନ୍ତୁ ଏବେ ଏହା ୨୪, ୦୦୦ କୋଟି ଟଙ୍କାରେ ପହଞ୍ଚିଛି। ଭାରତ ଏବେ କେବଳ ପ୍ରତିରକ୍ଷା ସାମଗ୍ରୀ କେବଳ କ୍ରୟ କରୁନାହିଁ, ବିକ୍ରି ମଧ୍ୟ କରୁଛି ବୋଲି କହିଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ଉପରେ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି। ଅପରେସନ ସିନ୍ଦୂର ମାତ୍ର ୪ ଦିନ ହୋଇଥିଲେ ମଧ୍ୟ ଏହା ଦ୍ୱାରା ଭାରତର ଦୀର୍ଘଦିନର ରଣନୈତିକ ପ୍ରସ୍ତୁତିର ପରୀକ୍ଷା ହୋଇଥିଲା। ଏଥିରେ ଆମେ ଉତ୍ତୀର୍ଣ୍ଣ ହୋଇଥିଲୁ। ଅପରେସନ ସିନ୍ଦୂର ଦ୍ୱାରା ଆମେ ବହୁତ କିଛି ଶିକ୍ଷା କରିଛୁ ଓ ଭବିଷ୍ୟତରେ ଆମ ପ୍ରସ୍ତୁତିରେ କିପରି ଉନ୍ନତ ଆଣିବୁ ସେ ନେଇ ଅବଗତ ହୋଇଛୁ ବୋଲି ସେ କହିଛନ୍ତି।

## ଏଏଆଇ ମ୍ୟାନେଜରଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ୨୩୨ କୋଟି ଟଙ୍କା ଅର୍ଥ ହଡପ ଅଭିଯୋଗରେ ସିବିଆଇ ରାହୁଲ ବିଜୟ ନାମକ ଜଣେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ର ଜଣେ ବରିଷ୍ଠ ମ୍ୟାନେଜରଙ୍କୁ ଗିରଫ କରିଛି। ଡେରାଡୁନ୍‌ରେ ନିୟୋଜିତ ହୋଇଥିବା ବେଳେ ଯୋଜନାବଦ୍ଧ ଭାବେ ନକଲି କାଗଜପତ୍ର ସହ ଠକାମୀ କରି ୨୩୨ କୋଟି ଟଙ୍କାରୁ ଅଧିକ ଅର୍ଥ ନିଜ ଖାତାକୁ ସେ ପଠାଇଥିବାର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଆଧାର କରି ସିବିଆଇ ତାଙ୍କୁ ଗିରଫ କରିଛି। ସେ ପାଣ୍ଠିକୁ ନିଜ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରିଥିଲେ। ଏହିକ୍ରମରେ ସେ ଆସାଧୁ ଉପାୟ ଅବଲମ୍ବନ କରିଥିଲେ ବୋଲି ଏକ ଅଭ୍ୟନ୍ତରୀଣ ଅଡିଟ୍‌ରୁ ଜଣା ପଡ଼ିଛି। ୨୦୧୯- ୨୦ ଓ ୨୦୨୨-୨୩ ସମୟ ଅବଧୀରେ ସେ ଏହି ପାଣ୍ଠି ହଡପ କରିଥିଲେ। ଏ ନେଇ ଏଏଆଇର ବରିଷ୍ଠ ଫାଇନାନସିଆଲ ମ୍ୟାନେଜର ପି ଚନ୍ଦ୍ରକାନ୍ତ ସିବିଆଇରେ ଔପଚାରିକ ଭାବେ ଅଭିଯୋଗ କରିଥିଲେ।

**ପୂର୍ବତନ ଏନ୍‌ଏସ୍‌ଏଙ୍କ ଟିପ୍ପଣୀ**

## ଆମେରିକା ଛବିକୁ ଅଳିଆ ଗଦାରେ ପକାଉଛନ୍ତି ଟ୍ରମ୍ପ

ୱାସିଂଟନ, ୩୦।୮ (ଏଜେନ୍ସି): ଜବାବୀ ଶୁଳ୍କକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଆମେରିକାରେ ତୀବ୍ର ସମାଲୋଚନା କରାଯାଉଛି। ତାଙ୍କ ସମାଲୋଚକଙ୍କ ମଧ୍ୟରେ ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଜ୍ୟାକବ ଜେରେମିଆ ସୁଲିଭନ ସାମିଲ ଅଛନ୍ତି। ସେ ଆମେରିକାକୁ ଚୀନ୍ ସହ ତୁଳନା କରିଛନ୍ତି। ସେ କହିଛନ୍ତି ଯେ ଆଜି ବିଶ୍ୱ ଚୀନ୍‌କୁ ଦାୟିତ୍ୱବାନ ଦେଶ ଭାବେ ଦେଖୁଛି। ଏ ସବୁ ଟ୍ରମ୍ପ ସରକାରଙ୍କ ପାଇଁ ହେଉଛି। କାରଣ ସରକାର ଦେଶର ଛବିକୁ ଅଳିଆ ଗଦାରେ ପକାଇ ଦେଇଛନ୍ତି। ସେଥିପାଇଁ କୌଣସି ଦେଶ ଆମେରିକାକୁ ଭରସା କରିବାକୁ ଚାହୁଁ ନାହାନ୍ତି। ସୁଲିଭାନ ଚୀନ୍‌କୁ ଆମେରିକାର ବିକଳ୍ପ କହିଛନ୍ତି। ଲୋକପ୍ରିୟତା ମାମଲାରେ ଆମେରିକାକୁ ଚୀନ୍ ପଛରେ ପକାଇ ଦେଇଛି। ବର୍ଷେ ତଳେ ସ୍ଥିତି ଏପରି ନ ଥିଲା। ବ୍ରାଣ୍ଡ ଆମେରିକା ଶେଷ ହୋଇଗଲାଣି ଏବଂ ଚୀନ୍ ଦାୟିତ୍ୱ ସମ୍ପନ୍ନ ରାଷ୍ଟ୍ର ଭାବେ ବାହାରିଛି ବୋଲି ଏବେ ଅନେକ ଦେଶ କହୁଛନ୍ତି।

ଭାରତ ଉପରେ ଶୁଳ୍କକୁ ନେଇ ସୁଲିଭାନ ଟ୍ରମ୍ପଙ୍କୁ ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ଶୁଳ୍କ ଯୋଗୁଁ ୱାସିଂଟନ ଏବଂ ନୂଆଦିଲ୍ଲୀ ସମ୍ପର୍କ ଖରାପ ହେବାରେ ଲାଗିଛି। ଚୀନ୍ ସହ ଆଲୋଚନା କରିବା ପାଇଁ ଭାରତକୁ ଟ୍ରମ୍ପ ବାଧ୍ୟ କରାଇଛନ୍ତି। କିନ୍ତୁ ବାଇଡେନ ସରକାର ସମୟରେ ଏପରି ହୋଇ ନ ଥିଲା। ଭାରତ ସହ ଭଲ ସମ୍ପର୍କ ରଖାଯାଇଥିଲା। ଚୀନ୍‌କୁ କାଉଣ୍ଟର କରିବା ପାଇଁ ଏଭଳି ଆଭିମୁଖ୍ୟ ଆପଣା ଯାଇଥିଲା। ଆମେରିକା ନିବେଶ ବ୍ୟାଙ୍କର ଉଦାହରଣ ଦେଇ ସୁଲିଭାନ କହିଛନ୍ତି ଯେ ବ୍ୟକ୍ତିଗତ କ୍ରୋଧ ପାଇଁ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। କାରଣ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ଟ୍ରମ୍ପଙ୍କ ଦାବିକୁ ନୂଆଦିଲ୍ଲୀ ପକ୍ଷରୁ ଖଣ୍ଡନ କରିଦିଆଯାଇଥିଲା।

# ପୁଣି ଚର୍ଚ୍ଚାରେ ଧନଖଡ଼: ବିଧାୟକ ପେନ୍‌ସନ୍ ପାଇଁ ଆବେଦନ



ଜୟପୁର, ୩୦।୮ (ଏଜେନ୍ସି): ଏକ ମାସ ପରେ ପୁଣି ଚର୍ଚ୍ଚାରେ ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼। ଉପରାଷ୍ଟ୍ରପତି ପଦରୁ ଅଚାନକ ଇସ୍ତଫା ପରେ ସାଧାରଣ କାର୍ଯ୍ୟକ୍ରମରୁ ଦୂରେଇ ରହିଥିବା ଧନଖଡ଼ ଏବେ ବିଧାୟକ ପେନସନ ପାଇଁ ଆବେଦନ କରିଛନ୍ତି। ଜଣେ ପୂର୍ବତନ ବିଧାୟକ ଭାବେ ସେ ରାଜସ୍ଥାନ ବିଧାନସଭା ସଚିବାଳୟକୁ ଏ ନେଇ ଆବେଦନ କରିଛନ୍ତି। ସେ ୧୯୯୩ରୁ ୧୯୯୮ ମଧ୍ୟରେ ଆଜମୀର ଜିଲ୍ଲାର କିଶାନଗଡ଼ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଆବେଦନ ପାଇବା ପରେ ସଚିବାଳୟ ପେନ୍‌ସନ ଦେବାକୁ ପ୍ରକ୍ରିୟା ଆରମ୍ଭ କରିଛି। ଯଦି ତାଙ୍କର ଏହି ଆବେଦନକୁ ଗ୍ରହଣ କରାଯାଏ ତେବେ, ଧନଖଡ ମାସକୁ ୪୨ହଜାର ଟଙ୍କା ପେନସନ ପାଇବେ। ଜଣେ ବିଧାୟକ ୩୫ ହଜାର ଟଙ୍କା ମାସିକ ପେନସନ ପାଇଁ ହକଦାର ଥିବା ବେଳେ ବୟସ ୭୦ରୁ ଅଧିକ ହୋଇଥିଲେ ୨୦ ପ୍ରତିଶତ ପେନସନ ଅଧିକ ପାଇବେ। ଧନଖଡ଼ଙ୍କୁ ୭୪ ବର୍ଷ ହୋଇଥିବାରୁ ସେ ୪୨ ହଜାର ଟଙ୍କା ମାସିକ ପେସନ ପାଇବେ ବୋଲି ଜଣାପଡ଼ିଛି।

ଧନଖଡ଼ ଏବେ ତିନି ପ୍ରକାର ପେନସନ ପାଇବେ। ସେ ଜଣେ ପୂର୍ବତନ ଉପରାଷ୍ଟ୍ରପତି, ପୂର୍ବତନ ବିଧାୟକ ଓ ପୂର୍ବତନ ସାଂସଦ ଭାବେ ଏହିସବୁ ସୁବିଧା ହାସଲ କରିବେ। ପୂର୍ବତନ ଉପରାଷ୍ଟ୍ରପତି ଭାବେ ତାଙ୍କୁ ୨ ଲକ୍ଷ ଟଙ୍କା ମାସିକ ପେନସନ ମିଳିବ। ପୂର୍ବତନ ସାଂସଦ ହିସାବରେ ତାଙ୍କୁ ମାସିକ ୩୧ ହଜାର ଟଙ୍କା ପେନସନ ମିଳିବ। ଏହିପରି ସେ ମାସିକ ୨ ଲକ୍ଷ ୭୩ ହଜାର ଟଙ୍କା ପେନସନ ଆକାରରେ ପାଇବେ ବୋଲି ଜଣାପଡ଼ିଛି। ଏହାସହିତ ପୂର୍ବତନ ଉପରାଷ୍ଟ୍ରପତିଙ୍କୁ ମିଳୁଥିବା ଅନ୍ୟାନ୍ୟ ସୁବିଧା ବି ମିଳିବ।

ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୨୧ରେ ସେ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିଲେ ମଧ୍ୟ ବିରୋଧୀ ଦଳ ଏହା ପଛରେ ଅନ୍ୟ କିଛି କାରଣ ଥାଇପାରେ ବୋଲି ସନ୍ଦେହ ପ୍ରକାଶ କରିଥିଲେ।

## ଅକ୍ଟୋବର ୪ ଓ ୫ରେ ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା

**କଟକ, ୩୦।୮ (ସମିସ):** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ଦ୍ୱାରା ପରିଚାଳିତ ପୁଲିସ ସବ୍-ଇନ୍ସପେକ୍ଟର୍ (ଏସଆଇ) ନିଯୁକ୍ତି ପରୀକ୍ଷା ଆସନ୍ତା ୨୦୨୫ ଅକ୍ଟୋବର ୪ ଓ ୫ତାରିଖରେ ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହେବ। ଏହି ପରୀକ୍ଷା ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଆଡମିଟ କାର୍ଡ(ପ୍ରବେଶ ପତ୍ର) ଆସନ୍ତା ସେପ୍ଟେମ୍ବର ୨୦ରୁ ଓଡିଶା ପୁଲିସର ୱେବସାଇଟରେ ଉପଲବ୍ଧ ହେବ। ପ୍ରାର୍ଥୀମାନେ ସେମାନଙ୍କ ଆଇଡି ଓ ପାସୱାର୍ଡ ବ୍ୟବହାର କରି ପ୍ରବେଶପତ୍ରକୁ ଡାଉନଲୋଡ୍ କରିବେ। ସେହିଭଳି ଏଥିରୁ ପରୀକ୍ଷା କେନ୍ଦ୍ର ଓ ପରୀକ୍ଷା ସମୟ ନିର୍ଘଣ୍ଟ ସମ୍ପର୍କିତ ତଥ୍ୟ ପାଇପାରିବେ ବୋଲି ପୁଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ଆଜି ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି। ଡାଉନଲୋଡ୍ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେଲେ ପୁଲିସ ମୁଖ୍ୟାଳୟକୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ଉପରୋକ୍ତ ଲିଖିତ ପରୀକ୍ଷା ଓଏମ୍ଆରରେ କରାଯିବ। ପ୍ରକାଶଥାଉକି, ଗତ ୨୦୨୫ ଜାନୁଆରି ୧୭ରେ ମୋଟ ୯୩୩ଟି ଏସ୍ଆଇ ପଦବୀରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏଥିମଧ୍ୟରେ ୬୦୯ଟି ଏସ୍ଆଇ, ୨୫୩ଟି ଏସ୍ଆଇ(ଆର୍ମଡ୍), ୪୭ଟି ଷ୍ଟେସନ୍ ଅଫିସର୍ ଓ ୨୪ଟି ସହକାରୀ ଜେଲର୍ ପଦ ପାଇଁ ନିଯୁକ୍ତି ପରୀକ୍ଷା କରାଯିବା ପାଇଁ ପୂର୍ବରୁ ଦୁଇଟି ସ୍ଥିରୀକୃତ ତାରିଖରେ ପରୀକ୍ଷା ସ୍ଥଗିତ ରହିଥିଲା।

■ ବଢ଼ିଲା ଏସ୍‌ଆଇ ଓ ଇନ୍ସପେକ୍ଟରଙ୍କ କ୍ଷମତା

## ଏଣିକି ଏସ୍‌ସି/ଏସ୍‌ଟି ମାମଲାର କରିବେ ତଦନ୍ତ

ଭୁବନେଶ୍ୱର, ୩୦।୮ (ସମିସ): ଏଣିକି ସବ୍-ଇନ୍ସପେକ୍ଟର ଓ ଇନ୍ସପେକ୍ଟର ପାହ୍ୟାର ଅଧିକାରୀମାନେ ଏସ୍‌ସି/ଏସ୍‌ଟି ମାମଲାର ତଦନ୍ତ କରିପାରିବେ। ଏନେଇ ଆଜି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ କେବଳ ଡେପୁଟି ସୁପରିନଟେଣ୍ଡେଣ୍ଟ (ଡିଏସପି) କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀ ଅନୁସୂଚିତ ଜାତି ଓ ଜନଜାତି ଜନିତ ମାମଲାର ତଦନ୍ତ କରୁଥିଲେ। ହେଲେ ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ଏଣିକି ସବ୍-ଇନ୍ସପେକ୍ଟର୍ ଓ ଇନ୍ସପେକ୍ଟର୍ ପାହ୍ୟାର ଅଧିକାରୀ ମଧ୍ୟ ଏହି ମାମଲାର ତଦନ୍ତ କରିପାରିବେ। କେବଳ ତଦନ୍ତ ନୁହଁ, ଏସସି/ଏସଟି ମାମଲା ରୁଜୁ ସହ ଅଭିଯୁକ୍ତକୁ ଗିରଫ ମଧ୍ୟ କରିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ଓ ନିବାରଣ) ଆଇନ ୧୯୮୯ର ଧାରା ୯ ଅନୁଯାୟୀ ରାଜ୍ୟ ସରକାର ଏହି କ୍ଷମତା ପ୍ରଦାନ କରିଛନ୍ତି।

## ଗର୍ଜନଖୋଲ ଜଳପ୍ରପାତରେ ଯୁବକ ନିଖୋଜ



**ପାଲଲହଡ଼ା/ତେଲକୋଇ,୩୦।୮ (ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ନଗିରା ଗାଁ ଜଙ୍ଗଲରେ ଥିବା ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଶୁକ୍ରବାର ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ, କେନ୍ଦୁଝରଜିଲ୍ଲା ବାଂଶପାଳ ବ୍ଲକ୍ ବାଲରାଇ ଗ୍ରାମରଅର୍ଜୁନ ବେହେରାଙ୍କ ସାନ ପୁଅ ଲିପୁନ ବେହେରା। ବାଂଶପାଳ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ଲିପୁନଙ୍କ ପତ୍ତା ମିଳି ନ ଥିଲା। ସନ୍ଧ୍ୟା ହେବାରୁ ଉଦ୍ଧାରକାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶନିବାର ପୁଣି ପାଲଲହଡ଼ା ଥାନା ପୁଲିସ ଓ ବାଂଶପାଳ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଲିପୁନଙ୍କ ପତ୍ତା ମିଳିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ବାଂଶପାଳ ବ୍ଲକ ବାଲରାଇ ଗାଁର ଲିପୁନ ବେହେରା, ଶୁଭମ୍ ପଲେଇ ଏବଂ ଗୋପପୁର ଗ୍ରାମର ଗିରିଧାରୀ ପଲେଇ ତିନିଜଣ ଏକାଠି ଗର୍ଜନଖୋଲ ଜଳପ୍ରପାତ ବୁଲିବାକୁ ଆସିଥିଲେ। ଜଳପ୍ରପାତରେ ଗାଧୋଇବା ସମୟରେ ଲିପୁନ ନିଖୋଜ ହୋଇଯାଇଥିଲେ।

### ମହାନଦୀ ଜଳ ବିବାଦ: ଆପୋସ ସମାଧାନକୁ ଗୁରୁତ୍ୱ

# ସେପ୍ଟେମ୍ବରରେ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ

**ଭୁବନେଶ୍ୱର,୩୦।୮ (ସମିସ):** ମହାନଦୀ ଜଳବିବାଦ ମାମଲାରେ ରାଜ୍ୟ ସରକାର ଆପୋସ ସମାଧାନ ଚାହୁଁଥିବା ବେଳେ ଏନେଇ ଶନିବାର ଏକ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ମହାନଦୀ ଜଳବିବାଦ କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକୁ ଚିହ୍ନଟ ଏବଂ ସମାଧାନ କରିବା ପାଇଁ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି)ଙ୍କ ନେତୃତ୍ୱରେ ବୈଷୟିକ କମିଟି ଆସନ୍ତା ସେପ୍ଟେମ୍ବର ମାସରେ ସାପ୍ତାହିକ ବୈଠକ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଏନେଇ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ସୂଚନା ପ୍ରଦାନ କରିଛନ୍ତି। ଶନିବାର ଉଭୟ ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟ ସଚିବ ଏବଂ ବରିଷ୍ଠ ଜଳସମ୍ପଦ ଅଧିକାରୀମାନେ ଏନେଇ ବୈଠକ କରି ବିଚାରବିମର୍ଶ କରିଛନ୍ତି। ଆଲୋଚନା ଏବଂ ସହଯୋଗ ମାଧ୍ୟମରେ ପାରସ୍ପରିକ ସମାଧାନ ପାଇଁ ଉଭୟ ରାଜ୍ୟ ଆନ୍ତରିକ ଏବଂ ସୌହାର୍ଦ୍ଦପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

ବୈଠକର ନିଷ୍ପତ୍ତି ଅନୁଯାୟୀ, ଅନୁଷ୍ଠିତ ହେବାକୁ ଥିବା ସାପ୍ତାହିକ ବୈଠକରେ ବୈଷୟିକ କମିଟିଗୁଡ଼ିକ ମହାନଦୀ ଜଳ ବଣ୍ଟନ ଉପରେ ଦୃଢ଼ ସମନ୍ୱୟ ପାଇଁ ସଂସ୍ଥାଗତ ଢାଞ୍ଚା ସୃଷ୍ଟି କରିବା ବିଷୟରେ ମଧ୍ୟ ଆଲୋଚନା କରିବେ। ଅଗ୍ରଗତି ସମୀକ୍ଷା ଏବଂ ଆଲୋଚନାକୁ ଆଗକୁ ନେବା ପାଇଁ

■ ଗୁରତ୍ୱପୂର୍ଣ୍ଣ ସମସ୍ୟାର ଚିହ୍ନଟ ଏବଂ ସମାଧାନ ନେଇ ହେବ ଆଲୋଚନା
■ ଅକ୍ଟୋବରରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବଙ୍କ ସହ ମୁଖ୍ୟ ସଚିବ ସ୍ତରରେ ହେବ ବୈଠକ
■ ଡିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ହୋଇପାରେ ଭେଟଘାଟ

ଅକ୍ଟୋବରରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବଙ୍କ ସହିତ ମୁଖ୍ୟ ସଚିବସ୍ତରରେ ଏକ ବୈଠକ ଆୟୋଜନ କରାଯିବ। ଉଭୟ ରାଜ୍ୟର ଲୋକଙ୍କ ସ୍ୱାର୍ଥ ପାଇଁ ଅଗ୍ରଗତି ସମୀକ୍ଷା କରିବା ଏବଂ ମହାନଦୀ ଜଳ ବିବାଦର ଏକ ସୌହାର୍ଦ୍ଦପୂର୍ଣ୍ଣ, ଦୀର୍ଘକାଳୀନ ସମାଧାନ ଅନୁସନ୍ଧାନ କରିବା ପାଇଁ ଆସନ୍ତା ଡିସେମ୍ବରରେ ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ସାକ୍ଷାତ କରିପାରନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ମହାନଦୀ ଜଳ ବିବାଦ ମାମଲାର ୪୫ତମ ଶୁଣାଣି ଧାର୍ଯ୍ୟ ହୋଇଛି। ୪୪ତମ ଶୁଣାଣିରେ ଓଡ଼ିଶା ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଭୟ ସରକାରଙ୍କ ପକ୍ଷରୁ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ଏଯାବତ୍ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଉଭୟ ରାଜ୍ୟରେ ପ୍ରଶାସନିକ ତଥା ରାଜନୈତିକସ୍ତରରେ ଆପୋସ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ। ଏପରିସ୍ଥଳେ ଉଭୟ ରାଜ୍ୟ ପାରସ୍ପରିକ ଆଲୋଚନାକୁ ଗୁରୁତ୍ୱ ଦେଉଥିବା ବେଳେ ଆସନ୍ତା ଶୁଣାଣିରେ ଉଭୟ ପକ୍ଷ ଟ୍ରିବ୍ୟୁନାଲରେ କେଉଁ ଯୁକ୍ତି ଉପସ୍ଥାପନ କରୁଛନ୍ତି, ତାହାକୁ ନେଇ ବିଶେଷଜ୍ଞ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏ ସଂକ୍ରାନ୍ତରେ ପ୍ରତିପକ୍ଷ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ଚିଠି ଲେଖିଥିଲେ। ଜୁଲାଇ ୨୫ରେ ଲେଖିଥିବା ଚିଠିରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମହାନଦୀ ବିବାଦରେ ଆପୋସ ସମାଧାନକୁ ଗୁରୁତ୍ୱାରୋପ କରିଥିବା ବେଳେ ଏହି ପ୍ରସ୍ତାବ ବିଚାରାଧୀନ ରହିଛି ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ କହିଥିଲେ। ଅପରପକ୍ଷେ ନିକଟରେ ସାମାଜିକ ସଂସ୍ଥା ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମଧ୍ୟ ବିବାଦର ସମାଧାନ ପାଇଁ ଛତିଶଗଡ଼ର ରାୟପୁରଠାରେ ମହାନଦୀ ସମସ୍ୟାର ସମାଧାନ ପାଇଁ ଏକ ଗୋଲଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳପୁରୁଷ ରାଜେନ୍ଦ୍ର ସିଂ ଯୋଗ ଦେଇଥିଲେ। ବୈଠକରେ ଦୁଇ ରାଜ୍ୟର ସରକାର ନିଜ ଭିତରେ ଆଲୋଚନାକୁ ସୀମିତ ନରଖି ଏଥିରେ ନଦୀ ସହ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ସାମିଲ କରିବାକୁ ଅନୁରୋଧ କରାଯାଇଥିଲା। ଏହାସହ କୌଣସି ଆପୋସ ସମାଧାନକୁ ଯିବା ପୂର୍ବରୁ ଅଣମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ଅଟେ, ତାହା ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା।

## ବଢ଼ିବ ଚାଷୀ ପଞ୍ଜୀକରଣ ଅବଧି

### ଜାଲିଆତି କରିଥିବା ଚାଷୀଙ୍କୁ ଧରିବେ ସରକାର

ଭୁବନେଶ୍ୱର, ୩୦।୮ (ସମିସ): ଖରିଫ୍ ଚାଷ ପଞ୍ଜୀକରଣ ଅବଧି ବୃଦ୍ଧି ପାଇବ। କୌଣସି କାରଣବଶତଃ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ ହୋଇପାରିନଥିବା ଚାଷୀଙ୍କୁ ସୁଯୋଗ ମିଳିବ। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏବର୍ଷ ରେକର୍ଡସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି। ଯେଉଁମାନେ ଚାଷ ଛାଡ଼ିଥିଲେ, ସେମାନେ ଚାଷ କାର୍ଯ୍ୟକୁ ଫେରୁଛନ୍ତି।

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଖରିଫ ଧାନ ବିକ୍ରି ପାଇଁ ସର୍ବାଧିକ ୧୯ ଲକ୍ଷ ୬୭ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ହେଲେ ଏ ଭିତରେ ଜାଲିଆତି କରି ପଞ୍ଜୀକରଣ କରିଥିବା ଲୋକଙ୍କ ତାଲିକା ସରକାରଙ୍କ ହାତରେ ଲାଗିଛି। ଜାଲିଆତି କରି ପଞ୍ଜୀକରଣ କରିଥିବା ଚାଷୀଙ୍କୁ ଚିହ୍ନଟ ପାଇଁ ସବୁ ଜିଲ୍ଲାପାଳଙ୍କୁ ଖୁବଶୀଘ୍ର ଯୋଗାଣ ବିଭାଗ ଚିଠି କରିବ। ଏଥିରେ ସମ୍ପୃକ୍ତ ଥିବା ଚାଷୀ, ସମବାୟ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ତେଣୁ ଏ ସବୁର କ୍ଷେତ୍ରସ୍ତରୀୟ ଯାଞ୍ଚ ପରେ ଜାଲିଆତିରେ ସମ୍ପୃକ୍ତ ଥିବା ଚାଷୀ ଓ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗ ଯୋଜନା କରୁଛି। ବଡ କଥା ହେଲା, ୨୦୨୫-୨୬ ରବି ଫସଲ ସମୟରେ ୧ଲକ୍ଷ ୮୧ହଜାର ୬୮୪ ଚାଷ ହୋଇ ନଥିବା ଜମି ପଞ୍ଜୀକରଣ ହୋଇଥିଲା। ଯୋଗାଣ ବିଭାଗର ଏ ଚିଠିର ଏହାକୁ ସ୍ପଷ୍ଟ କରିଥିଲା। ପୁଣିଥରେ ଚଳିତ ଖରିଫ ପଞ୍ଜୀକରଣ ସମୟରେ ବିଭାଗ ନଜରକୁ ଏପ୍ରକାର ଜାଲିଆତି ଆସିଛି। ତେଣୁ ଜାଲିଆତି କରିଥିବା ଚାଷୀ ଓ ଅଧିକାରୀଙ୍କୁ ଆଗୁଆ ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ମାତ୍ର ରବି ଫସଲ ସମୟରେ ଧରାପଡ଼ିଥିବା ଚାଷୀଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ତେଣୁ ଏଥର ବି କେବଳ ସରକାର କଥାରେ କହି ଚୁପ୍ ବସିଯିବେ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

## ରାଜ୍ୟରେ ସାର ଅଭାବ ପାଇଁ ସରକାର ଦାୟୀ: ବିଜେଡି


### ତୁରନ୍ତ ସମାଧାନ ନହେଲେ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ

ଭୁବନେଶ୍ୱର,୩୦।୮ (ସମିସ): ରାଜ୍ୟରେ ସାର ଅଭାବକୁ ନେଇ ଚାଷୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ରାଜ୍ୟ ସରକାରଙ୍କୁ ଏଥିପାଇଁ ଦାୟୀ କରିଛି ବିଜୁ ଜନତା ଦଳ। ଦଳର ବରିଷ୍ଠ ନେତା ତଥା ବିଧାୟକ ଡ. ଅରୁଣ ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ସାରର ନିଅଣ୍ଟିଆ ସ୍ଥିତି ଦେଖାଦେଇଥିବା ବେଳେ ସାର କଳାବଜାର ଓ ଅତ୍ୟଧିକ ଦରବୃଦ୍ଧି ଚାଷୀକୁଳକୁ ହନ୍ତସନ୍ତ କରୁଛି। ନିଜକୁ ଲୋକଙ୍କ ସରକାର ବୋଲି ଦାବି କରୁଥିବା ରାଜ୍ୟ ସରକାର କିନ୍ତୁ କୃଷକମାନଙ୍କ ଏହି ସମସ୍ୟା ସମାଧାନ କରିବାକୁ କୌଣସି ପଦକ୍ଷେପ ନେଉନାହାନ୍ତି। କୃଷକ କ'ଣ ଏ ରାଜ୍ୟର ନୁହଁନ୍ତି କି ବୋଲି ଡ. ସାହୁ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି,



ଏକଦା ଚାଉଳ ନିଅଣ୍ଟିଆ ରାଜ୍ୟ ଭାବେ ପରିଚୟ ଥିବା ଓଡ଼ିଶା ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଚାଉଳ ବଳକା ରାଜ୍ୟରେ ପରିଣତ ହେବା ସହିତ ଚାଉଳ ଉତ୍ପାଦନ କ୍ଷେତ୍ରରେ ଦେଶର ତୃତୀୟ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଛି। ଏହି ସ୍ଥିତିରେ ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ତାଙ୍କୁ ସାର ଭଳି ଆବଶ୍ୟକ ସାମଗ୍ରୀ ସୁବିଧାରେ ଯୋଗାଇ ଦେବାର ଆବଶ୍ୟକତା ରହିଛି। କିନ୍ତୁ ଏ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଥିବାରୁ କୃଷକମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାରଜନିତ ଯନ୍ତ୍ରଣାରୁ ମୁକ୍ତି ପାଇଁ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଅନ୍ତୁ; ନଚେତ୍ ରାଜ୍ୟବ୍ୟାପୀ କୃଷକ ଆନ୍ଦୋଳନକୁ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ଡ. ସାହୁ କହିଛନ୍ତି।

## ଭୁବନେଶ୍ୱରରୁ ଆରମ୍ଭ ହେବ ଏସ୍‌ସି/ଏସ୍‌ଟିଙ୍କ ବିକାଶ: ଓମ୍ ବିର୍ଲା




ଭୁବନେଶ୍ୱର,୩୦।୮ (ସମିସ): ଅନୁସୂଚିତ ଜାତି ଓ ଜନଜାତି(ଏସ୍‌ସି/ଏସ୍‌ଟି)ଙ୍କ ବିକାଶର ରୋଡ଼ମ୍ୟାପ ଭୁବନେଶ୍ୱରରୁ ଆରମ୍ଭ ହେବ। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ପାଇଁ ଅନେକ ଯୋଜନା କରାଯାଇଛି। ସେଗୁଡ଼ିକର ସଠିକ ପ୍ରଣୟନ ହେଲେ ଏହି ବର୍ଗ ସମାଜରେ ଅନ୍ୟମାନଙ୍କ ଭଳି ଉନ୍ନତି କରିବା ସହ ତାଳମିଳାଇ ଆଗକୁ ଅଗ୍ରସର ହେଇପାରିବେ। ଭୁବନେଶ୍ୱର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଯୋଗଦେଇ ଏହା କହିଛନ୍ତି।

ଲୋକସଭା ବାଚସ୍ପତି କହିଲେ, ସଂସଦୀୟ କମିଟି ବଜେଟ୍ ସମୀକ୍ଷା କରିବା ସହ ଶତପ୍ରତିଶତ ଖର୍ଚ୍ଚ ପାଇଁ ଚେଷ୍ଟିତ ହେବା ଜରୁରି। ପ୍ରଯୁକ୍ତିବିଦ୍ୟା ଏବଂ ସୁଶାସନକୁ ଗ୍ରହଣ କଲେ ବଞ୍ଚିତ ବର୍ଗ ଉନ୍ନତିରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏହି କର୍ମଶାଳାରେ ରାଜ୍ୟ ଏବଂ କେନ୍ଦ୍ରର କମିଟି ଗୁଡ଼ିକ ଦ୍ୱାରା ବଞ୍ଚିତ ବର୍ଗ ପାଇଁ ବିଭିନ୍ନ ସମସ୍ୟାର ସମାଧାନ ବାବଦରେ ଅଲୋଚନା ହୋଇଛି। ମିଳିଥିବା ମତାମତରୁ ସଂସଦୀୟ କମିଟି ଲୋକଙ୍କ ହିତରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସେସବୁକୁ କାର୍ଯ୍ୟକାରୀ କରାଯିବ। ଗଣମାଧ୍ୟମ ପ୍ରତିନିଧିମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତରରେ ଶ୍ରୀ ବିର୍ଲା କହିଲେ, ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ସମସ୍ୟା, ସୁବିଧା, ସୁରକ୍ଷା ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ପ୍ରଣୟନ ସହ ଏହାକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ଦିଗରେ ଗୁରୁତ୍ୱ ଦିଆଯିବ।

ଏହି ଅବସରରେ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ କହିଲେ, ବଞ୍ଚିତ ବର୍ଗମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ କମିଟି ପ୍ରତିଶ୍ରୁତିବଦ୍ଧ। ସେ ସମସ୍ତଙ୍କୁ ଏକଜୁଟ ହୋଇ କାମ କରି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ପାଖରେ ସରକାରଙ୍କ କଲ୍ୟାଣମୂଳକ ଯୋଜନାର ଲାଭ ପହଞ୍ଚାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ସାମାଜିକ-ଆର୍ଥିକ ସଶକ୍ତୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ଗ୍ରହଣ କରାଯାଇଥିବା ପ୍ରସ୍ତାବମାନ ସଂସଦ ଓ ରାଜ୍ୟ ବିଧାନସଭା ପାଇଁ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବ। ସମ୍ମିଳନୀ ପ୍ରାରମ୍ଭରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।


ସୂଚନାଯୋଗ୍ୟ ଯେ ୨୫ ବର୍ଷ ପରେ ଏବଂ ଦିଲ୍ଲୀ ବାହାରେ ପ୍ରଥମ ଥର ପାଇଁ ଓଡିଶାରେ ଏହି ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଛି।

### ମୋହନଙ୍କ କଥାରେ ସତ୍ୟତା ନାହିଁ

## କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ନିଃସର୍ତ୍ତ କ୍ଷମା ମାଗନ୍ତୁ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୮ (ସମିସ): ବିହାରରେ ଭୋଟର୍ ଅଧିକାର ଯାତ୍ରାକୁ ଅଭୂତପୂର୍ବ ଜନସମର୍ଥନ ଓ ସଫଳତା ଭାରତୀୟ ଜନତା ପାର୍ଟି ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଣୁ କଂଗ୍ରେସ ଦଳକୁ ବଦନାମ କରିବାକୁ ବିଜେପି ସରକାର ଷଡ଼ଯନ୍ତ୍ର, ମିଥ୍ୟା ଓ ଅପପ୍ରଚାରର ବାଟକୁ ଆପଣାଇଛି। ଏଥିରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସାମିଲ ହୋଇଛନ୍ତି। ମହମ୍ମଦ ରିଜଭି ନାମକ ବ୍ୟକ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସ୍ୱର୍ଗତା ମାତାଙ୍କ ପ୍ରତି ଅତ୍ୟନ୍ତ ଅଶାଳୀନ, ଅରୁଚିକର ମନ୍ତବ୍ୟ ପ୍ରଦାନ କରିଥିଲେ। ତେବେ ରିଜଭି ବିଜେପି ସଂଖ୍ୟାଲଘୁ ସେଲର ବୋଲି ଜଣାପଡ଼ିବା ପରେ ବିଜେପିର ସବୁ ଷଡ଼ଯନ୍ତ୍ର ଧରାପଡ଼ିଗଲା। ରିଜଭି ଭାରତୀୟ ଜନତା ପାର୍ଟିର ସଂଖ୍ୟାଲଘୁ ବିଭାଗର ସଦସ୍ୟ ବୋଲି ସମସ୍ତ ଗଣମାଧ୍ୟମରେ ପ୍ରକାଶିତ ହେଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ଅନ୍ୟ ନେତୃବୃନ୍ଦଙ୍କ ସହ ରିଜଭିଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଅପପ୍ରଚାରକୁ ଦୋହରାଇବା ଅତ୍ୟନ୍ତ ନିନ୍ଦନୀୟ। ଏଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳକୁ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଦ୍ୱାରା ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି।

କଂଗ୍ରେସ ନେତୃବର୍ଗ ଓ ଦଳକୁ ସାଧାରଣ ଜନତାଙ୍କ ଆଗରେ ଅପମାନିତ କରିବା ଉଦ୍ଦେଶ୍ୟରେ ବିଜେପି ଦଳର ତୁଙ୍ଗ ନେତୃବୃନ୍ଦ ଜାଣିଶୁଣି ଏଭଳି ହୀନ ଓ ନୀଚ ଉଦ୍ୟମ କରିଛନ୍ତି ବୋଲି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିନା ତଥ୍ୟ ଆଧାରରେ ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ପ୍ରତି ଯେଉଁ ମନ୍ତବ୍ୟ ପ୍ରଦାନ କରିଛନ୍ତି, ଶ୍ରୀ ମହାନ୍ତି ଏହାର ପ୍ରତିବାଦ କରିଛନ୍ତି। ମୁଖ୍ୟମନ୍ତ୍ରୀ ସବୁ ସତ ଜାଣିଲା ପରେ ମଧ୍ୟ କାହିଁକି ଏଭଳି ମନ୍ତବ୍ୟ ଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ବିହାରରେ ରାହୁଲ ଗାନ୍ଧୀଙ୍କ ଭୋଟର୍ ଅଧିକାର ଯାତ୍ରା ବିପୁଳ ସମର୍ଥନ ମିଳିବା ଦେଖି ବିଜେପି ଭୟଭୀତ ହୋଇପଡ଼ିଥିବା ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି।







# ବାଲିଯାତ୍ରା କଟକ ଉତ୍ସବ-୨୦୨୫ ପ୍ରାକ୍‌ପ୍ରସ୍ତୁତି

କଟକ, ୩୦।୮ (ସମିସ): ଚଳିତବର୍ଷ ବାଲିଯାତ୍ରା କଟକ ଉତ୍ସବ-୨୦୨୫ ଆୟୋଜନ ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରାକପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଭାଗ ନେଇଥିଲେ। କଟକ ବାଲିଯାତ୍ରାକୁ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତି ବିଭାଗରେ ଉତ୍କର୍ଷ ପ୍ରତିପାଦନ

**ପ୍ରତି ବିଭାଗକୁ ଜଣେ ଲେଖାଏ ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ**



କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବାଲିଯାତ୍ରାର ଭିତ୍ତିଭୂମି ନିର୍ମାଣ, ପରିମଳ ବ୍ୟବସ୍ଥା, ଧୂଳି ନିୟନ୍ତ୍ରଣ ଆଦି କାର୍ଯ୍ୟକୁ ଅଧିକ ଉନ୍ନତ ମାନର କରିବା ସହ ପୂର୍ବାପେକ୍ଷା ଅଧିକ ଜନୋପଯୋଗୀ କରିବା ନିମନ୍ତେ ଗୁରୁତ୍ୱ ଦେବାକୁ ଆଲୋଚନା କରଯାଇଥିଲା। ବାଲିଯାତ୍ରା କାର୍ଯ୍ୟକ୍ରମର ପ୍ରତି ବିଭାଗରେ ଜଣେ ବରିଷ୍ଠ ଅଧିକାରୀ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ବହନ କରିବେ। ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବାପେକ୍ଷା ଅଧିକ ଚିତ୍ତାକର୍ଷକ କରିବା, କଟକ-ଇନ-କଟକକୁ ଅଧିକ ଜନାଦୃତ କରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ପ୍ରାଥମିକ ବୈଠକରେ କଟକ ମହାନଗର ନିଗମ ଆୟୁକ୍ତ କିରନଦିପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ସଚିବ କଟକ ଉନ୍ନୟନ କର୍ତ୍ତୃପକ୍ଷ ଶ୍ୱେତକୁମାର ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣ

# ବିସର୍ଜନ ହେବେ ୩୯୫ ଗଣେଶ ମୂର୍ତ୍ତି

କଟକ, ୩୦।୮ (ସମିସ)

ସହରରେ ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣ ଉତ୍ସବ ରବିବାର ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ୩୯୫ ଗଣେଶ ପ୍ରତିମା ବିଭିନ୍ନ ଘାଟରେ ବସର୍ଜନ ହେବେ। ଭସାଣି ସମୟରେ ଯେପରି କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ନଉପୁଜେ ସେଥିପାଇଁ ସହରରେ ୨୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ଥାନାୱାରୀ ଫୋର୍ସ ନିୟୋଜିତ କରାଯିବ। ଜୋନ୍ ଏସିପିଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ନିଜ ଅଞ୍ଚଳରେ ଭସାଣୀ ପରିଚାଳନା କରିବେ। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ।

ସହର ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୮୦ଟି ମେଢ ଶୋଭାଯାତ୍ରାରେ ଯାଇ ବିସର୍ଜିତ ହେବାକୁ ଥିବା ବେଳେ ଉପକଣ୍ଠ ଥାନା ଅଞ୍ଚଳରେ ପ୍ରାୟ ୧୧୫ଟି ମେଢ ଶୋଭାଯାତ୍ରାରେ ବିସର୍ଜନ ପାଇଁ ଯିବେ। ପ୍ରତି ମେଢ ପାଇଁ ୨ ଜଣ କନେଷ୍ଟବଲଙ୍କୁ ଦାୟିତ୍ୱ ଦିଆଯାଇଛି। ଯେଉଁଠି ସମୂହ ଭସାଣି ବା ମେଳଣ ହେବ ସେହିଠାରେ ଥାନାଧିକାରୀ ଓ ଦୁଇ ଜଣ ଅଫିସର ନିୟୋଜିତ ହେବେ। ଏହାଛଡା ପ୍ରତି ଥାନାକୁ ଗୋଟିଏ ସେକ୍ସନ ଫୋର୍ସ ପ୍ରଦାନ କରାଯାଇଛି। ଏହି ଫୋର୍ସ ରିଜର୍ଭରେ ରହିବେ ବୋଲି ଏଡିସିପି ଦେବଦତ୍ତ କର ସୂଚନା ଦେଇଛନ୍ତି। କୌଣସି ମେଢ ପାଖରେ ଗଣ୍ଡଗୋଳ ହେଲେ ସେମାନେ ପହଞ୍ଚି ସ୍ଥିତି ସମ୍ଭାଳିବେ। ସେହିପରି ଥାନା ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ରୁଟରେ ମଧ୍ୟ ଅତିରିକ୍ତ ଫୋର୍ସ ମୁତୟନ କରାଯିବ।

**୨୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ**

୨୨ଟି ବିସର୍ଜନସ୍ଥଳୀରେ ମଧ୍ୟ ଗୋଟିଏ କରି ସେକ୍ସନ ଫୋର୍ସ ଦାୟିତ୍ୱରେ ରହିବେ। ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାରେ ମୋଟ ୨୫ପ୍ଲାଟୁନ ଫୋର୍ସ ମୁତୟନ ହେବ। ଏହାସହ କଟକ ୟୁପିଡି ଅଧୀନରେ କାମ କରୁଥିବା ଏଏସଆଇଠାରୁ ଏଡିସିପି ପର୍ଯ୍ୟନ୍ତ ଅଫିସରଙ୍କୁ ଆଇନଶୃଙ୍ଖଳା ଦାୟିତ୍ୱ ପ୍ରଦାନ କରାଯାଇଛି। କୌଣସି ପୂଜା କମିଟି ୬୫ଡେସିବଲ୍‌ରୁ ଅଧିକ ସାଉଣ୍ଡ ବଜାଇ ପାରିବେ ନାହିଁ ବୋଲି କୁହାଯାଇଛି। ଉଭୟ ଭସାଣି ଶୋଭାଯାତ୍ରା ଓ ମେଲୋଡିରେ ବ୍ୟବହାର ହେଉଥିବା ସାଉଣ୍ଡ ବ୍ୟବସ୍ଥାକୁ ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଯାଞ୍ଚ କରିବେ। ପାର୍ବଣରେ ଶବ୍ଦ ପ୍ରଦୂଷଣ ରୋକିବାକୁ ପଲ୍ୟୁସନ୍ କଣ୍ଟ୍ରୋଲ୍ ବୋର୍ଡର ସଦସ୍ୟ ଏବଂ ସ୍ଥାନୀୟ ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ ଯାଞ୍ଚ ପ୍ରକ୍ରିୟାରେ ସାମିଲ୍ ହେବେ। ପୂଜା କମିଟି ସଦସ୍ୟମାନେ ଉଭୟ ଶୋଭାଯାତ୍ରା ଓ ମେଲୋଡି କାର୍ଯ୍ୟକ୍ରମରେ ୧୨ଶହ ୱାଟ୍ ବିଶିଷ୍ଟ ୪ଟି ଟପ୍ ବକ୍ସ ଓ ୨ଟି ବେସ୍ ବକ୍ସକୁ ମିଶାଇ ସମୁଦାୟ ୬ଟି ସାଉଣ୍ଡ ବକ୍ସ ବ୍ୟବହାର କରିପାରିବେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡିଜେକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରାଯାଇଛି ବୋଲି ଡିସିପି ଶ୍ରୀ ଦ୍ୟାନଦେଓ ସୂଚନା ଦେଇଛନ୍ତି।








ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସଜେଇ ହୋଇଛି ଶହୀଦ ଭବନ ଓ ସିଏମ୍‌ସି କାର୍ଯ୍ୟାଳୟ

# ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଏଆଇୟୁଟିୟୁସି ପକ୍ଷରୁ ବିକ୍ଷୋଭ

କଟକ, ୩୦।୮ (ସମିସ): ଅଲଇଣ୍ଡିଆ ୟୁନାଇଟେଡ ଟ୍ରେଡ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି) ପକ୍ଷରୁ ଆସନ୍ତା ୪ ସେପ୍‌ଟେମ୍ବର ଦିଲ୍ଲୀ ପାର୍ଲାମେଣ୍ଟ ସମ୍ମୁଖରେ ଶ୍ରମିକ କର୍ମଚାରୀଙ୍କ ସମସ୍ୟାକୁ ନେଇ ବିକ୍ଷୋଭ ଅନୁଷ୍ଠିତ ହେବ। ଏହାର ଅଂଶବିଶେଷ ଭାବେ ଆଜି ଏଆଇୟୁଟିୟୁସି କଟକ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଶ୍ରମକୋଡ ବାତିଲ କରିବା, ଆଶା, ଅଙ୍ଗନବାଡ଼ି, ପାଚିକା, ସ୍ୱାବଲମ୍ବୀ କାରିଗରଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ନିର୍ମାଣ ଶ୍ରମିକମାନେ ପୂର୍ବରୁ ପାଉଥିବା ସହାୟତା ଅବିଳମ୍ବେ ପ୍ରଦାନ କରିବା ଆଦି ଦାବିରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଟକ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।




ରାଜକିଶୋର ମଲ୍ଲିକ, ଖଗେଶ୍ୱର ସେଠୀ, ସୌଭାଗ୍ୟ ସାମଲ, ପାଭେଲ ପ୍ରିୟଦର୍ଶନ, ସ୍ୱାଧୀନ ବେହେରା, ପରମାନନ୍ଦ ସେଠୀ, ଭାଗୀରଥି ଭୋଇ, ଦିଲ୍ଲୀପ ବାରିକ, ମାନଗୋବିନ୍ଦ ପଣ୍ଡା, ଇତିଶ୍ରୀ ଜେନା, ଶରତ ବେହେରା, ଲାବଣ୍ୟପ୍ରଭା ଦାସ, ଅକ୍ଷୟ ବେହେରା, ଲିଲି ଜେନା, ଯୋଗେନ୍ଦ୍ର ରାଉତ ପ୍ରମୁଖ ବକ୍ତବ୍ୟ କରିଥିଲେ।

# ଛାତ୍ରୀ ଓ ମହିଳା ସୁରକ୍ଷା ପାଇଁ ନାଗରିକ କନ୍‌ଭେନ୍‌ସନ୍




କଟକ, ୩୦।୮ (ସମିସ): ଛାତ୍ରୀ ଓ ମହିଳାମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବିରେ ଆଜି ଗାନ୍ଧୀ ଭବନଠାରେ ଏକ ନାଗରିକ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି। ଆଡଭୋକେଟ ଶର୍ମିଷ୍ଠା ନାଥଙ୍କ ପରିଚାଳନାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡକ୍ଟର ସୁଶାନ୍ତ ଦାସ, ଦୈନିକ ସମାଜର ପୂର୍ବତନ କାର୍ଯ୍ୟକାରୀ ସମ୍ପାଦକ ଡକ୍ଟର ସତ୍ୟ ରାୟ, ଶିକ୍ଷାବିତ ଡକ୍ଟର ରାଜଶ୍ରୀ ସ୍ୱାଇଁ, ସମାଜସେବୀ ଲକ୍ଷ୍ମୀ ମହାନ୍ତି, ଡଲି ଦାସ, ଚିତ୍ତରଞ୍ଜନ ମହାନ୍ତି, ଯୁଗଳ କିଶୋର ନାୟକ, ଙ୍ଗ କ୍ଷୀରୋଦ ମହାପାତ୍ର, ମଞ୍ଜୁଲତା ଜେନା, ନୟନା ମହାନ୍ତି, ଅନୁସୟା ମହାରଣା, ପୁଷ୍ପିତା ମହାନ୍ତି, କଳ୍ପନା ରାଉତ, ଅମ୍ରିତା ଦାସ, ଆଡଭୋକେଟ ସୁକାନ୍ତ ନାୟକ, ପ୍ରତିମା ଦାସ, ପ୍ରତାପ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ରଞ୍ଜନ ଲେଙ୍କା, ଅଧ୍ୟାପକ ଡକ୍ଟର ବିଭୁତି ଭୁଷଣ ନାୟକ, କବି ଅର୍ଜୁନ ଜେନା, ଅକ୍ଷୟ ରାଉଳ, ଶିକ୍ଷୟତ୍ରୀ ନଫିସା ବେଗମ, ନାରୀନେତ୍ରୀ ମାଳବିକା ସାମଲ ଓ ଛାତ୍ରନେତା ତରୁଣସେନ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ବବି ବଳବନ୍ତରାୟ କନ୍‌ଭେନ୍‌ସନ୍‌ର ଭିତ୍ତିପତ୍ର ପାଠ କରିଥିଲେ। ଆଡଭୋକେଟ ଶର୍ମିଷ୍ଠା ନାଥଙ୍କ ଆବାହକତ୍ୱରେ 'ମହିଳା ହିଂସା ବିରୋଧୀ ସଚେତନ ନାଗରିକ ସମାଜ' ନାମରେ ଏକ କମିଟି ଗଠନ କରାଯାଇଛି।

## ମାଲଗୋଦାମରେ ବ୍ୟବସାୟୀଙ୍କୁ ଠକେଇ ଘଟଣା

# ତେଲଙ୍ଗାନାରେ ପୁଲିସର ଚଢ଼ଉ

କଟକ, ୩୦।୮ (ସମିସ): କଟକରେ ଏକ ବଡ଼ଧରଣର ଠକେଇ ଘଟଣା ଘଟିଥିବା ବେଳେ ଏହି ମାମଲାରେ ସମ୍ପୃକ୍ତ ଠକକୁ ଧରିବା ପାଇଁ କଟକ କମିଶନରେଟ ପୁଲିସର ଏକ ଟିମ୍ ତେଲଙ୍ଗାନାରେ ଚଢଉ କରିଛି; ମାତ୍ର ଅଭିଯୁକ୍ତକୁ ଠାବ କରିପାରିନାହିଁ। ମାଲଗୋଦାମ ଥାନାଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଠକାମୀରେ ପଡ଼ିଛନ୍ତି। ବ୍ୟବସାୟିକ ଦେଣନେଣ ଆଳରେ ଅଭିଯୁକ୍ତ ଜଣକ ଲକ୍ଷାଧିକ ଟଙ୍କା ଠକି ନେଇଛି। ଘଟଣାର ତଦନ୍ତ ବେଳେ ଅଭିଯୁକ୍ତ ଜଣକ ତେଲଙ୍ଗାନାରେ ଲୁଚିଥିବା ଜଣାପଡ଼ିଥିଲା। ଏହାପରେ ମାଲଗୋଦାମ ଥାନାର ଏକ ଟିମ ଗତ ସପ୍ତାହରେ ତେଲଙ୍ଗାନା ଗସ୍ତ କରିଥିଲା। ଜଣେ ଏସଆଇଙ୍କ ନେତୃତ୍ୱରେ ୪ ଜଣିଆ ଟିମ ସେଠାକାର ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ। ଠକ ଜଣକ ବାରମ୍ବାର ସ୍ଥାନ ବଦଳାଉଥିବାରୁ ତାକୁ ଠାବ କରିବା କଷ୍ଟକର ହୋଇପଡ଼ିଛି। ସ୍ଥାନୀୟ ପୁଲିସ ସହ ଯୋଗସୂତ୍ର ରକ୍ଷା କରି କଟକ ପୁଲିସ ଅଭିଯୁକ୍ତକୁ ଧରିବାକୁ ଉଦ୍ୟମ ଜାରି ରଖିଛି। ଖୁବଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଗଣେଶ ପୂଜା ଭସାଣିର ସମୀକ୍ଷାକଲେ ମେୟର

କଟକ, ୩୦।୮ (ସମିସ): ରବିବାର ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି ଅନୁଷ୍ଠିତ ହେଉଛି। ଏହି ପରିପେକ୍ଷୀରେ ଆଜି କଟକ ମହାନଗର ନିଗମ ମେୟର ସୁବାସ ସିଂହ, ଡେପୁଟି ମେୟର ଓ ସ୍ଥାନୀୟ କର୍ପୋରେଟର ପ୍ରମୁଖ ଦେବୀଗଡ଼ାଠାରେ ପହଞ୍ଚି ସେଠାରେ ମୂର୍ତ୍ତି ବିସର୍ଜନ ନିମନ୍ତେ ନିର୍ମିତ ଅସ୍ଥାୟୀ ପୋଖରୀ ପରିଦର୍ଶନ କରିବା ସହ ଆବଶ୍ୟକ ବ୍ୟବସ୍ଥାର ତଦାରଖ କରିଥିଲେ। ପୋଖରୀରେ ପର୍ଯ୍ୟାପ୍ତ ପରିମାଣର ପାଣି ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମେୟର। ଏହି ସମୟରେ ଡେପୁଟି ମେୟର ଦମୟନ୍ତୀ ମାଝୀ, କର୍ପୋରେଟର ବନଲତା ପ୍ରଧାନ, ସୁମିତ୍ରା ବସ୍ତିଆ, ରବିନାରାୟଣ ସାହୁ, ସିଏମସି ଅଧିକାରୀ ଉପସ୍ଥିତ ଥିଲେ।

# ମୋକିମ ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



କଟକ, ୩୦।୮ (ସମିସ): ମୋକିମ ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର କେଶରପୁରସ୍ଥିତ ମହାମାୟା ୟୁପି ସ୍କୁଲଠାରେ ଡାକ୍ତର ନୟୀମା ତାଜୀମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଇଂ ମହମଦ ମୋକିମ ଏହି ଶିବିରକୁ ଉଦଘାଟନ କରିଥିଲେ। ଏଥିରେ ଗିରିବାଳା ବେହେରା, ଅନିତା ନାୟକ, ଜୟଶ୍ରୀ ସାହୁ, ସରୱାର ହସିବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ଶିବିରରେ କେୟାର ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ ଡାକ୍ତର ଦେବାଶିଷ ମହାପାତ୍ର, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଆକାଶ, ହୃଦରୋଗ ବିଶେଷଜ୍ଞ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନୟୀମା ତାଜେନ ରୋଗୀଙ୍କୁ ଚିକିତ୍ସା କରିବା ସହ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଇସିଜି, ବିଭିନ୍ନ ରକ୍ତ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ସତ୍ୟରଞ୍ଜନ କର ଶିବିର ପରିଚାଳନା କରିଥିଲେ। ମହମଦ ହସିଉଲା, ପ୍ରିୟଙ୍କା ପାଢ଼ୀ, ଶକିଲ ଖାନ, ରୌପ୍ୟରଞ୍ଜନ ମହାପାତ୍ର, ଆଜ଼ିଜ ଖାନ, ମୋସିନ ଖାନ, ୱାଜ଼ିଦ ଖାନ, ରବୀନ୍ଦ୍ରନାଥ ସାହୁ, ରାକେଶ ମହାରଣା, ସେକ ଆବିଦ ରୂପକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ




କଟକ, ୩୦।୮ (ସମିସ): ମିଶନରୋଡସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ଜାତୀୟ କ୍ରୀଡା ଦିବସ ବିଦ୍ୟାଳୟର ଅଧ୍ୟକ୍ଷ ମୋଜେସ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କ୍ରୀଡା ଅଧିନାୟକ ସୋଲୋମନ ସାହୁ, କ୍ରୀଡା ଉପଅଧିନାୟକ ଆଫିୟା ମହସୀନ ମେଜର ଧ୍ୟାନଚାନ୍ଦଙ୍କର କ୍ରୀଡା ପ୍ରତି ଅବଦାନ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟର ଇଣ୍ଟର ହାଉସ ଫୁଟବଲ ମ୍ୟାଚ ବିଜେତା ଓ ଉପବିଜେତା ଦଳକୁ ବିଦ୍ୟାଳୟର ଅଧ୍ୟକ୍ଷ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂଯୋଜିକା ସୁମିତ୍ରା ପଣ୍ଡା, ବରିଷ୍ଠ ଶିକ୍ଷୟିତ୍ରୀ ଆଭା ବିଶ୍ୱାଳ, ଅମୁଲ୍ୟ କୁମାର ବେହେରା, ପ୍ରେମାଶିଷ ଜେନା ଓ ଇଫସାନ ପାଣି ପ୍ରମୁଖ ପରିଚାଳନା କରିଥିଲେ। ସଂଯୋଜକ ଆଲୋକ ପ୍ରକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାର୍ବଣରେ ପୁଲିସର ମୁଣ୍ଡ ବିନ୍ଧା

# ଗୁଣ୍ଡା ପରେଡ୍‌କୁ ଆସୁନାହାନ୍ତି ୨୫୫ ଅପରାଧୀ

କଟକ, ୩୦।୮ (ସମିସ)

ସହର ଏବେ ପାର୍ବଣ ଯୋଗୁଁ ଚଳଚଞ୍ଚଳ ହୋଇପଡ଼ିଛି। ଡି'ଲିଙ୍କ୍‌ରେ ଥିବା ଏକାଧିକ ଅପରାଧୀ ଜାମିନ୍‌ରେ ମୁକୁଳି ଏବେ ସହର ମଧ୍ୟରେ ମେଳି କରୁଥିବା ନଜରକୁ ଆସିଛି। ସେମିତି ସକିଲ୍‌ର ଅପରାଧିକ ସାମ୍ରାଜ୍ୟ ମଧ୍ୟ ବେଶ୍ ସକ୍ରିୟ ରହିଛି। ଏଭଳି ଭାବେ ପ୍ରାୟ ୩୦୦ରୁ ଅଧିକ ଅପରାଧୀ ରାଜ୍ୟର ବିଭିନ୍ନ ଜେଲ୍‌ରୁ ମୁକୁଳି କଟକ ସହରରେ ରହୁଛନ୍ତି। ତେବେ ମହାନଗରକୁ ଅପରାଧମୁକ୍ତ କରିବା ଲାଗି କମିଶନରେଟ ପୁଲିସ ପକ୍ଷରୁ ଗୁଣ୍ଡା ପରେଡ ଅଭିଯାନ ଆରମ୍ଭ ହୋଇଥିଲା। ଏହି ଅଭିଯାନରେ ଅପରାଧୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଥିଲା। ଜେଲ୍‌ରୁ ସଜା କାଟି ଫେରିଥିବା ଅପରାଧୀଙ୍କୁ ପୁଲିସ ପକ୍ଷରୁ ପ୍ରତି ରବିବାର ଥାନାରେ ହାଜିରା ପକାଇବା ପାଇଁ କୁହଯାଇଥିଲା। ବିଭିନ୍ନ ଥାନା ପକ୍ଷରୁ ଗୁଣ୍ଡା ପରେଡର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କଟକ ୟୁପିଡି ଅନ୍ତର୍ଗତ ସମସ୍ତ ଥାନାରେ ମୋଟ ୨୫୫ଜଣ ପୁରୁଣା ଅଭିଯୁକ୍ତ ଥାନାରେ ହାଜିରା ପାଇଁ ନୋଟିସ୍ ଦିଆଯାଇଥିଲା। ଏବେ କୌଣସି ରବିବାର ଜାମିନ୍‌ରେ ମୁକୁଳିଥିବା ତାଲିକାଭୁକ୍ତ ଅପରାଧୀ ଥାନାକୁ ଆସୁନାହାନ୍ତି। ଯାହାକି ପୁଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ନିକଟରେ ଡି'ବ୍ରଦର୍ସ ଲିଙ୍କ୍‌ରେ ରହି ଗିରଫ ହୋଇ ଜାମିନ୍‌ରେ ମୁକୁଳିଥିବା ଭରତ ସାହୁକୁ ଗୁଣ୍ଡା ପରେଡ୍‌ରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ସେ ବିଡ଼ାନାସୀ ପୁଲିସ ନୋଟିସ୍‌କୁ ଅଣଦେଖା କରି କେଉଁଆଡେ ଫେରାର

**● ପୁଲିସର ନୋଟିସ୍‌କୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ୍**

**● ଆଇଆଇସି କରୁନାହାନ୍ତି ସମୀକ୍ଷା: ଥାନାୱାରୀ ହେଉନି ହାଜିରା ରିପୋର୍ଟ**

ହୋଇଯାଇଛି। ତାକୁ ଏବେ ପୁଲିସ ଖୋଜୁଛି। ଏଭଳି ପରିସ୍ଥିତିରେ ଥାନାୱାରୀ ଆଇଆଇସିମାନେ ଅପରାଧୀ ହାଜିରା ରିପୋର୍ଟ ପ୍ରସ୍ତୁତ କରୁନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଥାନାୱାରୀ ଗୁଣ୍ଡା ପରେଡ୍‌କୁ ସ୍ୱାଭାବିକ ଢଙ୍ଗରେ କରିବା ପାଇଁ ଆଇଆଇସିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଥାନାରେ ଗୁଣ୍ଡା ପରେଡ୍ କରା ନଯିବ, ସମ୍ପୃକ୍ତ ଆଇଆଇସିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚେତବାନୀ ଦିଆଯାଇଛି।

ଚୌଦ୍ୱାର ଥାନାରେ ୭ଜଣ ଅପରାଧୀ ରହିଥିବା ବେଳେ ଜଗତପୁର ୨୫ଜଣ, ମାଲଗୋଦାମ ୧୬ଜଣ, ଚାଉଳିଆଗଞ୍ଜ ୨୩ଜଣ, ମଧୁପାଟଣା ୧୫ଜଣ, ବାଦାମବାଡି ୨୭ଜଣ, ପୁରୀଘାଟ ୨୦ଜଣ, ଲାଲବାଗ ୨୦ଜଣ, ଦରଘାବଜାର ୧୫ଜଣ, ବିଡ଼ାନାସୀ ୧୪ଜଣ, ମର୍କତନଗର ୯ଜଣ, ଫେଜ-୨ ୪ଜଣ, କ୍ୟାଣ୍ଟନମେଣ୍ଟ ୧୦ଜଣ, ମଙ୍ଗଳାବାଗ ୨୨ଜଣ, ସଦର ୧୫ଜଣ, ୪୨ମୌଜା ୭ଜଣ ଓ କନ୍ଦରପୁର ଥାନାରେ ୧୬ଜଣ ପୁରୁଣା ଅଭିଯୁକ୍ତ ହାଜିର ହେବାକୁ କୁହାଯାଇଛି। ସେହିପରି ଏହି ତାଲିକାରେ ନୂଆ କରି ଜାମିନ୍‌ରେ ମୁକୁଳୁଥିବା ଅପରାଧୀଙ୍କ ନାଁ ଯୋଡାଯାଉଛି। ହେଲେ ମୋଟ୍ ୨୫୫ଜଣ ପରେଡ୍‌କୁ ଆଦୌ ଆସୁ ନାହାନ୍ତି। ଏହି ପରେଡର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଥାନାସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କଠାରୁ ଆରମ୍ଭ କରି ହୋମଗାର୍ଡ ପର୍ଯ୍ୟନ୍ତ ସମସ୍ତେ ପୁରୁଣା ଅପରାଧୀଙ୍କୁ ଭଲ ଭାବେ ଦେଖି ସେମାନଙ୍କ ବିଷୟରେ ଜାଣିପାରିବେ। ଫଳରେ ଯଦି ଏମାନେ କେଉଁଠାରେ ଅପରାଧ ଘଟାନ୍ତି ବା ଘଟାଇବାକୁ ଚେଷ୍ଟା କରନ୍ତି, ତେବେ ଥାନା କର୍ମଚାରୀମାନେ ସେମାନଙ୍କୁ ଅତି ସହଜରେ ଚିହ୍ନିପାରିବା ସହିତ ତୁରନ୍ତ ପଦକ୍ଷେପ ନେଇପାରିବେ। ସେମାନଙ୍କୁ ପ୍ରତି ରବିବାର ସକାଳ ୯ଟାରୁ ୧୦ଟା ମଧ୍ୟରେ ଥାନାରେ ହାଜର ହେବା ସହିତ ରେଜିଷ୍ଟରରେ ଦସ୍ତଖତ କରିବାକୁ କୁଯାଇଥିଲା। ଯଦି କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ହାଜର ହେବାକୁ ଅପରାଧି ଅକ୍ଷମତା ପ୍ରକାଶ କରନ୍ତି, ତେବେ ପରିବାର ସଦସ୍ୟଙ୍କୁ ଥାନାକୁ ପଠାଇ ଏ ସମ୍ପର୍କରେ ଜଣାଇବାକୁ ହେବ। ଏହି ନିୟମ ନ ମାନିଲେ ପୁଣି ସେମାନଙ୍କୁ ବାନ୍ଧି ଜେଲ ପଠାଇ ଦିଆଯିବ। ପୂର୍ବରୁ ଏହି ଗୁଣ୍ଡା ପରେଡ ଅଭିଯାନ ବିଭିନ୍ନ ଥାନାରେ ମଝିରେ ମଝିରେ କରାଯାଉଥିଲା। ଏହା ହେବା ଦ୍ୱାରା ଜେଲରୁ ଫେରିଥିବା ଅପରାଧୀମାନେ ପୁଣି ଅପରାଧରେ ଜଡିତ ରହୁଛନ୍ତି କି ନାହିଁ ତାହାର ଖବର ନିଆଯାଉଥିଲା। ଫଳରେ ଆଗକୁ ପୁଣି ଅପରାଧ ଘଟାଇବା ସାହସ କରୁ ନଥିଲେ। ଏହି ନିୟମ କିଛିବର୍ଷ ପୂର୍ବରୁ ବନ୍ଦ ହୋଇଯାଇଥିଲା। ଏହା ପୁଣି ସହରରେ ୩ବର୍ଷ ହେବ ଲାଗୁ କରାଯାଇଥିବା ବେଳେ ଏବେ ସମ୍ପୂର୍ଣ୍ଣ ଭାବେ ଏହି ପରେଡ୍ ବନ୍ଦ ହୋଇଯାଇଛି।

■ ସାଇବର୍ ଠକଙ୍କ କରାମତି

## ଚାକିରି ଲୋଭ ଦେଖାଇ କୋଟିଏ ଲୁଟିନେଲେ

ଭୁବନେଶ୍ୱର, ୩୦।୮ (ସମିସ): ସାଇବର୍ ଠକ ପୁଣି ଏକ ବଡ଼ ହାତ ମାରିଛନ୍ତି। ଚାକିରି ଲୋଭ ଦେଖାଇ ଜଣେ ଯୁବକଙ୍କଠାରୁ ୧ କୋଟି ଟଙ୍କା ଲୁଟି ନେଇଛନ୍ତି। ଠକେଇର ଶିକାର ଯୁବକଜଣଙ୍କ ହେଲେ, ଭୁବନେଶ୍ୱରର ଅଶୋକ ରାଉତ। ଏ ସଂପର୍କରେ ଅଶୋକ ସାଇବର୍ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାନୁଯାୟୀ, ଅଶୋକ ଅନଲାଇନ୍ ଚାକିରି ପାଇଁ ଏକାଧିକ ୱେବ୍‌ସାଇଟ୍‌ରେ ଆବେଦନ କରିଥିଲେ। ସାଇବର୍ ଠକମାନେ ଏହାର ଫାଇଦା ନେଇଥିଲେ। ଆବେଦନ ସମୟରେ ସେ ଦେଉଥିବା ଫୋନ୍ ନମ୍ବରରେ ସାଇବର୍ ଠକ ତାଙ୍କ ସହ ଯୋଗାଯୋଗ କରିଥିଲେ। ଘରେ ବସି ମାସକୁ ୧ଲକ୍ଷ ଟଙ୍କା ରୋଜଗାର କରିବାକୁ ପ୍ରଲୋଭିତ କରିଥିଲେ। ଆଗପଛ ବିଶ୍ୱାସ ନ କରି ଅଶୋକ ଚାକିରି କରିବାକୁ ରାଜି ହୋଇଥିଲେ। ଏଥିପାଇଁ ସେ ନିଜର ପ୍ରମାଣପତ୍ର ଏବଂ ବାୟୋଡାଟା ଦେଇଥିଲେ। ପରେ ଠକମାନେ ତାଙ୍କୁ ସିକ୍ୟୁରିଟି ବାବଦକୁ ୫୦ହଜାର ଟଙ୍କା ମାଗିବାରୁ ଅଶୋକ ଦେଇଥିଲେ। ଟଙ୍କା ଦେବା ପରେ ସାଇବର ଠକ ତାଙ୍କୁ ପ୍ରଥମେ କିଛି ସହଜ ଟାସ୍କ ପୂରା କରିବାକୁ କହିଥିଲେ। କୌଣସି କମ୍ପାନୀ, ରେଷ୍ଟୋରାଁର ରେଟିଂ ଭଳି ଟାସ୍କ ଦିଆଯାଇଥିଲା। ଟାସ୍କ ପୂରଣ କରିବା ପରେ ବିଶ୍ୱାସ ଜିଣିବା ପାଇଁ ଠକ ତାଙ୍କ ଆକାଉଣ୍ଟକୁ କିଛି ଟଙ୍କା ପଠାଇଥିଲେ। ଅଶୋକ ସେମାନଙ୍କ ଜାଲରେ ଫସି ସାରିଥିବା ଜାଣିବା ପରେ ତାଙ୍କୁ ଠକିବା ପାଇଁ ସାଇବର୍ ଠକ ନୂଆ ଫନ୍ଦି ବାହାର କରିଥିଲେ। କମ୍ ଦିନରେ ଅଧିକ ସୁଧର ଲୋଭ ଦେଖାଇ ଠକମାନେ ତାଙ୍କଠାରୁ ପର୍ଯ୍ୟାୟକ୍ରମେ ୧କୋଟି ଟଙ୍କା ଲୁଟି ନେଇଥିଲେ। ଅଶୋକ ଠକାମିର ଶିକାର ହୋଇଥିବା ଜାଣିବା ପରେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

## କଳାଧନ ସଂପର୍କିତ ଏସ୍‌ଆଇଟି ବୈଠକ ଆଜି

କଟକ, ୩୦।୮ (ସମିସ): କଳାଧନ କାରବାର ସଂକ୍ରାନ୍ତରେ ତଦନ୍ତ କରୁଥିବା ସ୍ପେସାଲ ଇନଭେଷ୍ଟିଗେସନ୍ ଟିମ୍ (ଏସ୍‌ଆଇଟି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତଙ୍କ କଟକସ୍ଥିତ ବାସଭବନରେ ଅନୁଷ୍ଠିତ ହେବ। ଜଷ୍ଟିସ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି), ସିବିଡିଟି, ଆୟକର ବିଭାଗ, ସେବି, ରାଜ୍ୟ ପୁଲିସ ବିଭାଗ, କ୍ରାଇମବ୍ରାଞ୍ଚ, ଭିଜିଲାନ୍ସ, ଖଣି ବିଭାଗ, ବାଣିଜ୍ୟକର ବିଭାଗ ଓ ଅନ୍ୟ ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ଓଡ଼ିଶାରେ ଦୁର୍ନୀତି ନିବାରଣ ଆଇନ ମାମଲାରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ଅଧିକ ଦେଖିବାକୁ ମିଳୁଥିବା ସଂକ୍ରାନ୍ତରେ ଏହି ବୈଠକରେ ଆଲୋଚନା ହେବ। କେଉଁ ବିଭାଗରେ କେତେ ଦୁର୍ନୀତି ମାମଲା ଧରାପଡୁଛି, ତାହାର ଅନୁଧ୍ୟାନ କରାଯିବା ଉପରେ ଗତ ଏସ୍‌ଆଇଟି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏଣୁ ଏ ସମ୍ପର୍କରେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ରିପୋର୍ଟ ଉପସ୍ଥାପନ କରାଯିବ। ଗତ ମାର୍ଚ୍ଚ ଓ ଜୁନ୍‌ରେ ମଧ୍ୟ ଏସଆଇଟି ବୈଠକ ବସିଥିଲା। ପ୍ରକାଶଥାଉକି, ଏସ୍‌ଆଇଟି ପକ୍ଷରୁ ସୁପ୍ରିମକୋର୍ଟରେ ଇତିମଧ୍ୟରେ ୯ଗୋଟି ଅନ୍ତରୀଣ ରିପୋର୍ଟ ଦିଆଯାଇସାରିଛି।

ଏସ୍‌ସି/ଏସ୍‌ଟି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

# 'ଅବହେଳିତ ସମ୍ପ୍ରଦାୟକୁ ମର୍ଯ୍ୟାଦା ଓ ସୁଯୋଗ ଦେଶ ସମୃଦ୍ଧିର ମାପକାଠି'




ଭୁବନେଶ୍ୱର,୩୦।୮ (ସମିସ): ଦେଶର ପ୍ରକୃତ ସମୃଦ୍ଧି ସଂଖ୍ୟା କିମ୍ବା ଭିତ୍ତିଭୂମିରେ ମପାଯାଏ ନାହିଁ, ବରଂ ଏହାର ସବୁଠାରୁ ଅବହେଳିତ ସମ୍ପ୍ରଦାୟକୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦା ଏବଂ ସୁଯୋଗ ଦ୍ୱାରା ମପାଯାଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଶନିବାର ଲୋକସେବା ଭବନରେ ଆୟୋଜିତ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷମାନଙ୍କ ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଶ୍ରୀ କମ୍ଭମପାଟି ସାମ୍ବିଧାନିକ ସୁରକ୍ଷାକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିବାରେ ସଂସଦୀୟ ଏବଂ ରାଜ୍ୟ ବିଧାନସଭା କମିଟିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି।

ରାଜ୍ୟପାଳ କହିଥିଲେ ଯେ ଅନୁସୂଚିତ ଜାତି ଏବଂ ଜନଜାତି କେବଳ ଭାରତର ସାମାଜିକ ସଂରଚନାର ଅବିଚ୍ଛେଦ୍ୟ ଅଂଶ ନୁହନ୍ତି, ବରଂ ଦେଶର ଇତିହାସ, ସଂସ୍କୃତି ଏବଂ ଐତିହ୍ୟର ରକ୍ଷକ ମଧ୍ୟ। ସେମାନଙ୍କର କଲ୍ୟାଣ କେବଳ ନୀତିର ପ୍ରଶ୍ନ ନୁହେଁ, ଏହା ସମାନତା, ମର୍ଯ୍ୟାଦା ଏବଂ ଭାଇଚାରାର ସ୍ତମ୍ଭ ଉପରେ ପ୍ରତିଷ୍ଠିତ ଗଣତନ୍ତ୍ର ଭାବେ ଆମର ପ୍ରଗତିର ମାପକାଠି।

ସମାରୋହରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ବୋଧନ ଦେଇ କହିଥିଲେ ଯେ ସମସ୍ତେ ନୂତନ ଉତ୍ସାହ ଓ ଶକ୍ତି ସହ ସମାଜ ମଙ୍ଗଳ ପାଇଁ ପ୍ରତିବଦ୍ଧ ହେବା ସହ ଅବହେଳିତ ବର୍ଗଙ୍କ ପାଇଁ କାମ କରନ୍ତୁ। ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଆମ୍ବେଦକରଙ୍କ ଦର୍ଶନକୁ ଆଧାର କରି ଦେଶ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତି କରିବାରେ ଉକ୍ତ ଜାତୀୟ ସମ୍ମିଳନୀ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ବିର୍ଲା କହିଥିଲେ। ରାଜ୍ୟସଭା ଉପାଧ୍ୟକ୍ଷ ହରି ବଂଶ ନାରାୟଣ ସିଂହ କହିଥିଲେ ଯେ କେବଳ କାଗଜରେ ନୀତି ନପରଖି ବାସ୍ତବ କ୍ଷେତ୍ରରେ ଯୋଜନା ତୃଣମୂଳ ସ୍ତରରେ ସଠିକ୍ ଭାବରେ କାର୍ଯ୍ୟକାରୀ ହେଲେ ସମାଜ ଓ ଦେଶର ମଙ୍ଗଳ ହେବ। ଏତଦ୍‌ବ୍ୟତୀତ ସେବା ଲୋକଙ୍କ ପାଖକୁ ସରଳ ଭାବେ ପହଞ୍ଚାଇବା ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ସୁଶାସନର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ସଂସଦର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଡ. ଫଗନ ସିଂହ କୁଲସ୍ତେ ଏହି ସମ୍ମିଳନୀ ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ଭାବେ ଉପଯୋଗୀ ହେବ ଏବଂ ଏ ଦିଗରେ ସମସ୍ତଙ୍କର ସହଯୋଗ ଓ ସହଭାଗିତା କାମନା କରିଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏପରି ଜାତୀୟ ସ୍ତରୀୟ ସମ୍ମିଳନୀର ଆୟୋଜନ କରିବା ପାଇଁ ଓଡ଼ିଶାକୁ ସୁଯୋଗ ଦେଇଥିବାରୁ ଲୋକସଭା ବାଚସ୍ପତିଙ୍କୁ କୃତଜ୍ଞତା ଜଣାଇଥିଲେ।

ସମାରୋହରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂସଦ, ରାଜ୍ୟ ବିଧାନସଭା ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ପରିବେଶ ଅନୁକୂଳ ରଙ୍ଗ ବ୍ୟବହାରକୁ ଆହ୍ୱାନ

## ମୂର୍ତ୍ତି କାରିଗର ଓ ରଙ୍ଗ କମ୍ପାନୀଙ୍କୁ ମିଳିବ ଆର୍ଥିକ ପ୍ରୋତ୍ସାହନ

ଭୁବନେଶ୍ୱର, ୩୦।୮ (ସମିସ): ପୂଜାପର୍ବାଣୀ ପାଇଁ ତିଆରି ହେଉଥିବା ମୂର୍ତ୍ତିରେ ବହୁ ମାତ୍ରାରେ ରାସାୟନିକ ରଙ୍ଗ ବ୍ୟବହାର ହେଉଛି। ଏହାଦ୍ୱାରା ମୂର୍ତ୍ତି ବିସର୍ଜନ ସମୟରେ ନଦୀ ଓ ପୋଖରୀର ଜଳ ପ୍ରଦୂଷିତ ହେଉଛି। ଏହାକୁ ରୋକିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି) ପଦକ୍ଷେପ ନେଇଛି। ମୂର୍ତ୍ତି ନିର୍ମାତା ଓ ରଙ୍ଗ ପ୍ରସ୍ତୁତକାରୀ କମ୍ପାନୀମାନଙ୍କୁ ପରିବେଶ ଅନୁକୂଳ ରଙ୍ଗ ବ୍ୟବହାର ପାଇଁ ପ୍ରୋତ୍ସାହନ ଦେବାକୁ ନିଷ୍ପତ୍ତି ନେଇଛି। ସେମାନଙ୍କୁ ଚିହ୍ନଟ କରି ସଚେତନତା ସୃଷ୍ଟି କରିବା ସହ ପ୍ରୋତ୍ସାହନ ରାଶି ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ଚିଠି କରାଯାଇଛି। ପ୍ରାକୃତିକ ରଙ୍ଗ ଉତ୍ପାଦନ କରୁଥିବା କାରଖାନାଙ୍କୁ ଚିହ୍ନଟ କରି ସେମାନଙ୍କୁ ମୂର୍ତ୍ତି ନିର୍ମାତାଙ୍କ ସହ ଯୋଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ରାସାୟନିକ ରଙ୍ଗର ବ୍ୟବହାର ବନ୍ଦ ହୋଇପାରିବ।

'ଦୁର୍ଗାପୂଜା ସମୟରେ ମୂର୍ତ୍ତି ବିସର୍ଜନର ଜଳାଶୟ ଉପରେ ପ୍ରଭାବ' ଶୀର୍ଷକ ରିପୋର୍ଟରେ ବୋର୍ଡ ଉଲ୍ଲେଖ କରିଛି ଯେ ପ୍ରାକୃତିକ ରଙ୍ଗ ଓ ମାଟିରେ ନିର୍ମିତ ମୂର୍ତ୍ତି ବ୍ୟବହାର କରିବାକୁ ପୂଜା କମିଟିଙ୍କୁ ପ୍ରୋତ୍ସାହିତ କରାଯିବା ଉଚିତ। ଏଥିପାଇଁ ରାଜ୍ୟ ସରକାର ପ୍ରାକୃତିକ ରଙ୍ଗ ନିର୍ମାତା ଓ ମୂର୍ତ୍ତି ନିର୍ମାତାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ଆବଶ୍ୟକ। ଏଥିସହ ସାଧାରଣ ଲୋକ ଓ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ବୋର୍ଡ ପ୍ରସ୍ତାବ ଦେଇଛି। ସେହିଭଳି ଥର୍ମୋକୋଲ ଓ ଏକକ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲଗାଇବାକୁ କୁହାଯାଇଛି।

## ଡ୍ରେନ୍ ସଫେଇ କର୍ମଚାରୀଙ୍କ ଆଇନଗତ ବ୍ୟବସ୍ଥା ଜଣାଅ

ଭୁବନେଶ୍ୱର, ୩୦।୮ (ସମିସ): ଡ୍ରେନ୍‌ରେ ପଶି ଅସ୍ୱାସ୍ଥ୍ୟକର ପରିସ୍ଥିତିରେ କାର୍ଯ୍ୟ କରୁଛନ୍ତି ସଫେଇ କର୍ମଚାରୀ। ସେମାନଙ୍କ ପାଇଁ ଥିବା ଆଇନଗତ ବ୍ୟବସ୍ଥା ଓ ରାଜ୍ୟ ସରକାର ଲାଗୁ କରିଥିବା ଗାରିମା ସ୍କିମ କାର୍ଯ୍ୟକାରିତା ସମ୍ପର୍କରେ ରିପୋର୍ଟ ଦେବାକୁ ରାଜ୍ୟ ମାନବାଧିକାର କମିଶନ(ଓଏଚଆରସି)ଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନଗର ଉନ୍ନୟନ ବିଭାଗ, ଶ୍ରମ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ସମେତ ସାମାଜିକ ସୁରକ୍ଷା ବିଭାଗକୁ ନୋଟିସ ଜାରି ହୋଇଛି। ୧୭ଅକ୍ଟୋବର ସୁଦ୍ଧା ରିପୋର୍ଟ ଦାଖଲ ପାଇଁ କୁହାଯାଇଛି। ମାନବିକ ଅଧିକାର କମିଶନ ଅଧ୍ୟକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ପକ୍ଷରୁ ଏହି ଜବାବ ମଗାଯାଇଛି। ମାନବିକ ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନଗୋ, ନରେନ୍ଦ୍ର ମହାନ୍ତି ଓ ଆଇନଜୀବୀ ବିଜୟ କୁମାର ପଣ୍ଡାଙ୍କ ପକ୍ଷରୁ ଆଗତ ଏହି ମାମଲା ଗତ ୨୧ତାରିଖରେ ଶୁଣାଣି ହୋଇଥିଲା। ସଫେଇ କର୍ମଚାରୀମାନେ କିଭଳି ଅମାନବୀୟ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଘଣ୍ଟାଘଣ୍ଟା ଧରି କାମ କରୁଛନ୍ତି ଓ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟ ଯେଉଁ ଗାଇଡଲାଇନ ଦେଇଛନ୍ତି, ତାହା ପାଳନ କରାଯାଉନାହିଁ। ଏପରିକି, ରାଜ୍ୟ ସରକାର ଏଥିପାଇଁ ଯେଉଁ ଗରିମା ସ୍କିମ କରିଛନ୍ତି, ତାହାର ଖୋଲା ଉଲ୍ଲଂଘନ ହେଉଛି ବୋଲି ଅଭିଯୋଗ କରିଥିଲେ।

**ଗାରିମା ସ୍କିମ କାର୍ଯ୍ୟକାରିତା ସମ୍ପର୍କରେ ରିପୋର୍ଟ ମାଗିଲେ ଓଏଚ୍‌ଆରସି**

## ଏନ୍‌ସିବି ହାତରେ ୪ ଅନ୍ତଃରାଜ୍ୟ ନିଶା ମାଫିଆ

ଭୁବନେଶ୍ୱର,୩୦।୮ (ସମିସ): ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ବ୍ରହ୍ମପୁରରୁ ୪ କୁଖ୍ୟାତ ଅନ୍ତଃରାଜ୍ୟ ନିଶା ମାଫିଆଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୩ଜଣ ଓଡ଼ିଶାର ହୋଇଥିବା ବେଳେ ଜଣେ ବିହାରର ବୋଲି ଜଣାଯାଇଛି। ସେମାନଙ୍କଠାରୁ ଏନ୍‌ସିବି ୯୦ କେଜି ଗଂଜେଇ ଜବତ କରିଛି। ଏହାର ବଜାର ମୂଲ୍ୟ ୪୦ରୁ ୪୫ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏମାନେ ଓଡ଼ିଶାରୁ ବିହାର ଏବଂ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ କରି ଆସୁଥିଲେ। ଆଜି ଏନ୍‌ସିବି ଓ ଆରପିଏଫ ଗୁଇନ୍ଦା ପକ୍ଷରୁ ବ୍ରହ୍ମପୁର ଅଞ୍ଚଳରେ ବ୍ୟାପକ ଚଢ଼ଉ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ସୂଚନାନୁଯାୟୀ, ଅଭିଯୁକ୍ତମାନେ କନ୍ଧମାଳ ଏବଂ କୋରାପୁଟରୁ ଗଞ୍ଜେଇ ଆଣି ବ୍ରହ୍ମପୁରରେ ରଖୁଥିଲେ। ସବୁ ଗଞ୍ଜେଇକୁ ଏକାଠି କରିବା ପରେ ତାହାକୁ ବିହାର, ପଶ୍ଚିମବଙ୍ଗକୁ ଚାଲାଣ କରୁଥିଲେ। ପୂର୍ବରୁ ଏନ୍‌ସିବି ଏମାନଙ୍କୁ ଧରିବାକୁ ଜାଲ ବିଛାଇଥିଲା।

ଓରାଓଁ ସାଂସ୍କୃତିକ ସମାଜର କରମା-ପୂର୍ବ-ସନ୍ଧ୍ୟା କାର୍ଯ୍ୟକ୍ରମ

## ଆଦିବାସୀଙ୍କ ବିକାଶ ବିନା ରାଜ୍ୟର ପ୍ରଗତି ଅସମ୍ଭବ




ଭୁବନେଶ୍ୱର, ୩୦।୮ (ସମିସ): କରମା ପୂଜା ଆମକୁ ଶିଖାଏ ଯେ ପ୍ରକୃତି ବିନା ଆମେ ଶୂନ୍ୟ। କରମା ପୂଜାରେ ଆମେ ଶିଖୁ ଯେ ପରିଶ୍ରମରେ ମାନ ଓ ସମ୍ମାନ ମିଳିଥାଏ। ପରିବେଶୀୟ ସଙ୍କଟ ଯେତେବେଳେ ବିଶ୍ୱକୁ ଆକ୍ରାନ୍ତ କରୁଛି, ସେତେବେଳେ କରମା ପୂଜାର ଏହି ପ୍ରକୃତି ପ୍ରେମର ସନ୍ଦେଶ ଅତ୍ୟନ୍ତ ସାମୟିକ ଏବଂ ଓରାମ ଜନଜାତି ସମାଜ ଆଜି ସେହି ଏକତାର ପ୍ରତୀକକୁ ଦର୍ଶାଉଛି। ଯେପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ୨୩ ପ୍ରତିଶତ ଆଦିବାସୀ ଲୋକଙ୍କ ବିକାଶ ହେବ ନାହିଁ, ରାଜ୍ୟର ପ୍ରଗତି ଅସମ୍ଭବ। ତେଣୁ ଆମ ସରକାରଙ୍କ ପ୍ରଥମ ପ୍ରାଥମିକତା ହେଉଛି ଜନଜାତିଙ୍କ ଆର୍ଥିକ, ସାମାଜିକ ବିକାଶ ଓ ରାଜନୈତିକ ଉତ୍‌ଥାନ କରିବା। ଶନିବାର ସ୍ଥାନୀୟ ଚନ୍ଦ୍ରଶେଖରପୁରଠାରେ ଓରାଓଁ ସାଂସ୍କୃତିକ ସମାଜ ପକ୍ଷରୁ ଆୟୋଜିତ କରମା ପୂର୍ବ ସନ୍ଧ୍ୟା କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଓରାଓଁ ସାଂସ୍କୃତିକ ସମାଜ ପାଇଁ ସ୍ଥାୟୀ ଜମି ପ୍ରଦାନ କରାଯିବ। ଓରାମ ଜନଜାତିର ସାଂସ୍କୃତିକ ଉନ୍ନତି ନିମନ୍ତେ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯିବ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କରମା ପର୍ବକୁ ଅର୍ଥନୀତି, କୃଷି, ପ୍ରକୃତି ସୁରକ୍ଷା ଓ ସାଂସ୍କୃତିକ ଐତିହ୍ୟର ମୂଳ ଭିତ୍ତି ବୋଲି କହିଥିଲେ। କରମା ପର୍ବ ଆମର ଜନଜାତୀୟ ସାଂସ୍କୃତି, ଆସ୍ଥା ଓ ଏକତାର ପ୍ରତୀକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଞ୍ଚାସୀନ ଥିଲେ। ଓରାମ ସାଂସ୍କୃତିକ ସମାଜର ସଭାପତି ସୁଶ୍ରୀ ସୁକେଶୀ ଓରାମ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂପାଦକ ପ୍ରେମସାଗର ଓରାମ ଧନ୍ୟବାଦ ଦେଇଥିଲେ।

## କିଟ୍ ଓ ଭାରତୀୟ ବାୟୁସେନା ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୩୦।୮ (ସମିସ): କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବାୟୁସେନା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ୍ ସିଂହ ଏବଂ ଭାରତୀୟ ବାୟୁସେନା ପକ୍ଷରୁ ଏୟାର ଷ୍ଟାଫ୍ ସହକାରୀ ମୁଖ୍ୟ (ଶିକ୍ଷା) ଏୟାର ଭାଇସ୍ ମାର୍ଶାଲ୍ ହରଜିତ୍ ଏସ୍ ସିଦାନା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ବୁଝାମଣାପତ୍ର ଅନୁଯାୟୀ, କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତୀୟ ବାୟୁସେନାରେ କାର୍ଯ୍ୟରତ କର୍ମଚାରୀ ଓ ସେମାନଙ୍କ ସନ୍ତାନ ସନ୍ତତି, ବାୟୁସେନାର ଭେଟରାନ୍ କର୍ମଚାରୀ ଓ ସେମାନଙ୍କ ସନ୍ତାନସନ୍ତତିଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟରେ ସମସ୍ତ ପ୍ରକାର ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମରେ ଫି' ରିହାତି ପ୍ରଦାନ କରାଯିବ। ସେହିପରି ବାୟୁସେନାର କୌଣସି କର୍ମଚାରୀ କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ, ସେମାନଙ୍କ ପିଲାମାନଙ୍କ ପାଇଁ ସମସ୍ତ ପାଠ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ଫି' ଛାଡ଼ କରାଯିବ। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଡିପ୍ଲୋମା ଓ ଡିଗ୍ରୀ, ଡାକ୍ତରୀ, ଡେଣ୍ଟାଲ୍ ଓ ନର୍ସିଂ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ। ତେବେ ଡାକ୍ତରୀ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ନିମନ୍ତେ ସେମାନଙ୍କୁ ନିଟ୍‌ର ସମସ୍ତ ମାନଦଣ୍ଡକୁ ପୂରଣ କରିବା ସହ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରକାର ପାଠ୍ୟକ୍ରମ ପାଇଁ କିଟ୍ ପ୍ରବେଶିକା ପରୀକ୍ଷାରେ ଯୋଗ୍ୟତା ହାସଲ କରିବାକୁ ପଡ଼ିବ।

**ବାୟୁସେନା କର୍ମଚାରୀଙ୍କ ସନ୍ତାନସନ୍ତତିଙ୍କ ପାଇଁ କିଟ୍‌ରେ ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମରେ ଫି' ରିହାତି**




ଏହି ଅବସରରେ ଭାରତୀୟ ବାୟୁସେନାର ଅଧିକାରୀମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ଅନ୍ତର୍ଭୁକ୍ତୀ ଶିକ୍ଷା ଓ ରାଷ୍ଟ୍ର ଗଠନ କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ଦୂରଦର୍ଶିତାର ଭୂୟସୀ ପ୍ରଶଂସା କରିଥିଲେ।

## ଶିଶୁ ଭବନ ଶଯ୍ୟାସଂଖ୍ୟା ୮୪୬କୁ ବୃଦ୍ଧି

ଭୁବନେଶ୍ୱର, ୩୦।୮ (ସମିସ): ରାଜ୍ୟ ସରକାର କଟକ ଶିଶୁ ଭବନର ଶଯ୍ୟା ସଂଖ୍ୟା ବୃଦ୍ଧି କରିଛନ୍ତି। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତିକାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଜି ହସ୍ପିଟାଲ ପାଇଁ ନୂତନ ୫୬୯ଟି ଶଯ୍ୟା ମଞ୍ଜୁର କରିଛନ୍ତି। ଫଳରେ ଶିଶୁ ଭବନ ହସ୍ପିଟାଲ ଶଯ୍ୟା ସଂଖ୍ୟା ୮୪୬କୁ ବୃଦ୍ଧି ପାଇଛି। ଏଥିସହ ବିଭିନ୍ନ ବର୍ଗରେ ୫୯ଟି ନୂତନ ଅଧ୍ୟାପକ ଏବଂ ଡାକ୍ତର ପଦବୀ ମଧ୍ୟ ମଞ୍ଜୁର ହୋଇଛି। ନୂତନ ମଞ୍ଜୁର ପଦବୀରେ ୫ ପ୍ରଫେସର୍, ୧୦ ଆସୋସିଏଟ୍ ପ୍ରଫେସର୍, ୧୮ ଆସିଷ୍ଟାଣ୍ଟ ପ୍ରଫେସର୍, ୨୪ ସିନିୟର ରେସିଡେଣ୍ଟ ଏବଂ ୨ ମେଡିକାଲ ଅଫିସର ପଦବୀ ଅନ୍ତର୍ଭୁକ୍ତ। ନୂତନ ମଞ୍ଜୁରୀ ଉପରେ ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି, ୧୯୬୦ ମସିହାରେ ଶିଶୁ ଭବନ ପ୍ରତିଷ୍ଠା ହେବା ପରଠାରୁ ଏହା ସବୁଠୁ ବଡ଼ ସମ୍ପ୍ରସାରଣ। ଏହା ପୂର୍ବ ଭାରତରେ ଏକ ଉନ୍ନତ ଏବଂ ପ୍ରମୁଖ ଶିଶୁ ଚିକିତ୍ସା ପ୍ରତିଷ୍ଠାନ ଭାବରେ ବିକଶିତ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ସେବାକୁ ବଳିଷ୍ଠ ଦିଗ ମିଳିବ ବୋଲି ସେ କହିଥିଲେ।

**ବିଭିନ୍ନ ବର୍ଗରେ ୫୯ଟି ନୂତନ ପୋଷ୍ଟ ମଞ୍ଜୁର**


ବ୍ରହ୍ମପୁର ମହାନଗର ନିଗମ

### ବ୍ରହ୍ମପୁର ମହାନଗର ନିଗମ

**ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ**

**କରନ୍ତୁ**

(୧) ଆପଣଙ୍କ ଘର / ଅନୁଷ୍ଠାନ ର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦି କୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହ କରୀ ଯାନରେ ପକାନ୍ତୁ ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ ।
(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

**କରନ୍ତୁ ନାହିଁ:**

(୧) ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ ।
(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ ।
(୩) ବାଲକୋନି / ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ ।
(୭) ଟାୟର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।


ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ
କମିଶନର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀମତୀ ସଂଘମିତ୍ରା ଦଳେଇ,
ମେୟର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ. ବିବେକ୍ ରେଡ୍ଡୀ
ଡେ଼ପୁଟି ମେୟର
ଓ
ସମସ୍ତ କର୍ପୋରେଟର ବୃନ୍ଦ
ବ୍ରହ୍ମପୁର ମହାନଗର ନିଗମ

ସୃଜନିକା
ସକାଳ THE SAKALA
www.sakalaepaper.com

# ଜଳଖିଆ ଥାଳିରୁ ନିର୍ବାସନ



ମୂଳ ଇଂରାଜୀ : ଲାରୀ ଫଣ୍ଡସନ
ଅନୁବାଦ: ନନ୍ଦିତା ମହାନ୍ତି



ରାସ୍ତାକଡ଼ରେ ଥିବା ରେଷ୍ଟୁରାଣ୍ଟର, ଝରକା କାଚରେ ଲାଗିଥିବା ଲେଖାଟି ମୋତେ ପ୍ରଲୋଭିତ କରୁଥିଲା ତା' ଭିତରକୁ ଯିବା ପାଇଁ । ଗୋଟିଏ ଡଲାର ବଦଳରେ ମୁଁ ପାଇପାରିବି ଦୁଇଟି ଅଣ୍ଡା, ଟୋଷ୍ଟ ଓ ଆଳୁଭଜା । ସେହି ସ୍ଥାନଟି ଅନ୍ୟାନ୍ୟ ସବୁ ପରିବାର ଦ୍ୱାରା ପରିଚାଳିତ ରେଷ୍ଟୁରାଣ୍ଟ ଅପେକ୍ଷା ଅଧିକ ଭଲ ଦେଖା ଯାଉଥିଲା ଓ ପରିଷ୍କାର ପରିଛନ୍ନ ବି ଲାଗୁଥିଲା । ସେହି ଲେଖାଟି ଥିଲା ଏକ ହାତ-ଲେଖା ଅଥଚ ଖୁବ୍ ପରିଛନ୍ନ । କାଗଜଟି ଅବଶ୍ୟ କିଛିଟା ହଳଦିଆ ପଡ଼ି ଆସିଥିଲା, ହେଲେ କଳା ରଙ୍ଗର କାଳିରେ ଲେଖା ହୋଇଥିବା ଅକ୍ଷରଗୁଡ଼ିକ ଥିଲା ସୁସ୍ପଷ୍ଟ । ସବୁଜ- ଧଳା ରଙ୍ଗର ଏକ ସାମିଆନା ଟଙ୍ଗା ଯାଇଥିଲା ଦରଜା ଉପରେ, ଯେଉଁଥିରେ ଷ୍ଟେନ୍ସିଲ କରାଯାଇ ଲେଖା ହୋଇଥିଲା 'କ୍ଲାରାଜ' ଅର୍ଥାତ୍ ତାହା କ୍ଲାରା ପରିବାର ଦ୍ୱାରା ପରିଚାଳିତ ହେଉଥିଲା ।

ଭିତରେ...ଭିତରଟି ଥିଲା ଖୁବ୍ ଆକର୍ଷଣୀୟ ଯଦିଓ ପରିପାଟୀ ଥିଲା ପୁରୁଣାକାଳିଆ । ଭିତର ପବନର ବାସ୍ନା ଥିଲା ତାଜା ଓ ଘରୋଇ, ସାଧାରଣ ରେଷ୍ଟୁରାଣ୍ଟ ପରି ତେଲିଆ ବାସ୍ନା ବି ନ ଥିଲା ଭିତରେ । ଏକ କଳାପଟା ଉପରେ ଖାଦ୍ୟସାରଣୀ ବା ମେନ୍ୟୁର ସବିଶେଷ ବିବରଣୀ ଲେଖା ଯାଇଥିଲା । ଏହା ଥିଲା କ୍ଷୁଦ୍ର କିନ୍ତୁ ସିଧାସପାଟ । ସେଥିରେ ଲେଖାଥିଲା ବିଭିନ୍ନ ପ୍ରକାର ଟୋଷ୍ଟର ନାମ ଯେଉଁଥିରୁ ଜଣେ ବାଛିପାରିବ ନିଜ ମନପସନ୍ଦର ଟୋଷ୍ଟ । ସେଇ ଲିଷ୍ଟ ମଝିରୁ ଗୋଟିଏ ନାମକୁ ଲିଭେଇ ଦିଆ ଯାଇଥିଲା । କିନ୍ତୁ ସେଇ କଟାଛଟାରୁ ମୁଁ ଅନୁମାନ କରି ପଢ଼ି ପାରିଥିଲି ଯେ ଏହା ଥିଲା ରାଇ ( ଶୀତପ୍ରଧାନ ଦେଶରେ ଚାଷ କରାଯାଉଥିବା ଏକ ପ୍ରକାର ଧାନ ପରି ଖାଦ୍ୟଶସ୍ୟ ଯାହାର ଅଟାରୁ ପାଉଁରୁଟି ଓ ମଦ୍ୟ ପ୍ରସ୍ତୁତ କରାଯାଏ ) । ହେଲେ ରାଇରୁ ପ୍ରସ୍ତୁତ ଟୋଷ୍ଟ ମୋର ଜମାରୁ ପସନ୍ଦ ନୁହେଁ ।

ଯେହେତୁ ମୁଁ ଏକୁଟିଆ ଥିଲି ଖାଲି ଥିବା ଟେବୁଲଗୁଡ଼ିକୁ ଛାଡ଼ି, ମୁଁ ଯାଇ କାଉଣ୍ଟରରେ ବସିଲି, ଭାବିଲି ଯଦି କେହି ପରିବାର ସହିତ ଆସିବେ ତେବେ ସେଠାରେ ବସିପାରିବେ । ସେଇ ସମୟରେ ବ୍ୟବସାୟ ଟିକେ ମାନ୍ଦା ଥିଲା । କେବଳ ଦୁଇଟି ଟେବୁଲରେ କିଛି ଲୋକ ବସିଥିଲେ ଆଉ ମୁଁ ମଧ୍ୟ କାଉଣ୍ଟରରେ ଏକୁଟିଆ ଥିଲି । ଅବଶ୍ୟ ଏବେ ବି ସମୟ ହୋଇନଥିଲା – ସକାଳ ୭.୩୦ ବି ହୋଇ ନଥିଲା ।

କାଉଣ୍ଟର ସେପାଖେ ଜଣେ ଗେଡ଼ା ଲୋକ ଛିଡ଼ା ହୋଇଥିଲା ଯାହାର ଥିଲା ଗାଢ଼ କଳା ରଙ୍ଗର ଚୁଟି, ଜୁଆଳିଆ ନିଶ, ଯୁବକ ସୁଲଭ ଦାଢ଼ି ଯାହା ଗତଥର କଟା ହେବା ପରେ ବିଶେଷ ବଢ଼ି ନଥିଲା । ସିଏ ଖୁବ୍ ସୁନ୍ଦର ଭାବରେ ପୋଷାକ ପିନ୍ଧିଥିଲା, ସେଫର ସଫେଦ ପୋଷାକ – ପ୍ୟାଣ୍ଟ, ସାର୍ଟ ଓ ଆପ୍ରୋନ, କିନ୍ତୁ ଟୋପି ନ ଥିଲା । ତା'ର ସ୍ୱର ଥିଲା ଦୃଢ଼ ଓ ଗମ୍ଭୀର । ତା'ର ସାର୍ଟରେ 'ଜାଭିଅର୍' ନାମଫଳକଟି ସିଲେଇ ହୋଇଥିଲା ।

ମୁଁ କଫି ବରାଦ କଲି, ଆଉ ତାଙ୍କୁ ଗୋଟେ ମିନିଟର୍ ସମୟ ମାଗିଲି ଏକ ଡଲାରରେ ମିଳୁଥିବା ସକାଳର ସ୍ପେଶାଲ୍ ଜଳଖିଆ ଓ ୧. ୫୯ ଡଲାରରେ ମିଳୁଥିବା ଚିଜ୍ ଆମଲେଟ୍ ମଧ୍ୟରୁ ଗୋଟିକୁ ବାଛିବା ପାଇଁ । ଆଉ ଶେଷରେ ମୁଁ ଆମଲେଟ୍ ହିଁ ବାଛିଥିଲି ।

କଫି ଗରମ, କଡ଼ା ଓ ତାଜା ଥିଲା । ମୁଁ ମୋର ଖବର କାଗଜକୁ କାଉଣ୍ଟର୍ ଉପରେ ମେଲେଇ ଦେଲି ଓ ମଗରୁ ଧୀରେ ଧୀରେ କଫି ପିଇବାକୁ ଲାଗିଲି । ଆଉ ଜାଭିଅର୍ ମୁଁ ବରାଦ କରିଥିବା ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଗ୍ରୀଲ୍ ନିକଟକୁ ଗଲା । ତାୱା ଉପରେ ଫେଣ୍ଟା ହୋଇଥିବା ଅଣ୍ଡା ଢଳା ହୋଇଥିଲା, ଟୋଷ୍ଟର୍ ଭିତରେ ପାଉଁରୁଟି ଡେଉଁଥିଲା, ଆଉ ସେତିକିବେଳେ ପୁଲିସ ଅଧିକାରୀମାନେ ଆସି ପହଞ୍ଚି ଯାଇଥିଲେ ସେଠାରେ । ସେମାନେ ଅଚାନକ ମାଡ଼ି ବସିଥିଲେ ଜାଭିଅର୍‌କୁ । ତା'ର ଦୁଇ ହାତକୁ ବଳପୂର୍ବକ ପଛକୁ ମୋଡ଼ି ଦେଇଥିଲେ । ସିଏ ବି କିଛି କହି ନଥିଲା । ସିଏ ଏହାର ପ୍ରତିରୋଧ ମଧ୍ୟ କରି ନ ଥିଲା । ଆଉ ସେମାନେ ତାକୁ ଧକ୍କା ମାରି କବାଟ ବାହାରକୁ ନେଇ ଯାଇଥିଲେ ଆଉ ତା'ପରେ ପୂରେଇ ଦେଇଥିଲେ ସେଠାରେ ଅପେକ୍ଷା କରିଥିବା କାର ଭିତରେ ।

ଗ୍ରୀଲ୍ ଉପରେ ମୋର ଅଣ୍ଡା ଫୁଟୁଥିଲା । ମୁଁ ଆଉ କୌଣସି ପରିଚାରକକୁ ଡାକିବା ପାଇଁ ଚାରିଆଡ଼େ ଚାହିଁଲି । ହୁଏତ ସିଏ ପଛପଟେ କେଉଁଠି ଥିବ କିମ୍ବା ଗାଧୁଆଘରେ ପଶିଥିବ । ମୁଁ କାଉଣ୍ଟର ଉପରେ ଉହୁଙ୍କି ପଡ଼ି ଡାକିଲି ତାକୁ । ହେଲେ କେହି ହେଲେ ଉତ୍ତର ଦେଲେ ନାହିଁ । ମୁଁ ମୋ ପଛରେ ପଡ଼ି ଥିବା ଟେବୁଲକୁ ଚାହିଁଲି । ଦୁଇଜଣ ବୟସ୍କ ଭଦ୍ରଲୋକ ଗୋଟେ ଟେବୁଲରେ ବସିଥିଲେ ଆଉ ଅନ୍ୟଟିରେ ଦୁଇଜଣ ବୟସ୍କା ମହିଳା ବସିଥିଲେ । ମହିଳା ଦୁଇ ଜଣ କଥାବାର୍ତ୍ତା ହେଉଥିଲେ । ପୁରୁଷମାନେ ଖବରକାଗଜ ପଢୁଥିଲେ । ଲାଗୁଥିଲା ଯେମିତି ସେମାନେ ଜାଭିଅର୍‌ର ଯିବା ବିଷୟରେ କିଛି ଜାଣି ନଥିଲେ ।

ମୁଁ ବାସ୍ନାରୁ ଜାଣି ପାରୁଥିଲି ଯେ, ମୋର ଆମଲେଟ୍ ଏବେ ପୋଡ଼ିବା ଆରମ୍ଭ ହୋଇଯାଇଛି । ମୁଁ ବୁଝି ପାରୁନଥିଲି ମୋର କ'ଣ କରିବା ଉଚିତ । ମୁଁ ଥରେ ଜାଭିଅର୍ ବିଷୟରେ ଭାବିଲି ଓ ତା'ପରେ ବିକଳ ହୋଇ ମୋର ଆମଲେଟକୁ ଚାହିଁଲି । ମୋ ମନରେ ଥିବା ସଙ୍କୋଚ କମ ହୋଇଗଲା ପରେ , ମୁଁ ମୋର ନାଲି ରଙ୍ଗର ଘୂରୁଥିବା ଚୌକି ଉପରୁ ଉଠିପଡ଼ିଲି ଓ କାଉଣ୍ଟର ପଛକୁ ଚାଲିଗଲି । ମୁଁ ସେଠାରେ ପଡ଼ିଥିବା ଗୋଟେ ଆପ୍ରନକୁ ଟାଣି ଆଣିଲି, ତା'ପରେ ଗୋଟେ ପିଠାପାତିଆ ନେଇ ଓଲଟେଇ ଦେଲି ମୋର ଆମଲେଟ୍‌କୁ । ମୋର ଟୋଷ୍ଟ, ଟୋଷ୍ଟର ବାହାରକୁ ଆସି ସାରିଥିଲା, କିନ୍ତୁ ତାହା ବେଶୀ ବାଦାମି ହୋଇନଥିଲା । ମୁଁ ତାକୁ ପୁଣିଥରେ ଚାପି ଦେଲି ଟୋଷ୍ଟର ଭିତରକୁ । ମୁଁ ଯେତେବେଳେ ରୋଷେଇ କରୁଥିଲି ସେଇ ଦୁଇଜଣ ବୟସ୍କା ମହିଳା କାଉଣ୍ଟର ନିକଟକୁ ଆସିଲେ ଓ କେତେ ପଇସା ହେଲା ପଚାରିଲେ । ମୁଁ ତାଙ୍କୁ ପଚାରିଲି – "ସେମାନେ କ'ଣ କ'ଣ ଖାଇଲେ ।" ସେମାନେ ମୋର ପ୍ରଶ୍ନ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ ଯେ, ମୁଁ କିପରି ଏକଥା ମନେ ରଖିନାହିଁ । ମୁଁ ଦାମଗୁଡ଼ିକକୁ ବ୍ଲାକ୍‌ବୋର୍ଡରୁ ଚେକ୍ କଲି ଆଉ ତାଙ୍କର ହିସାବ କରିଦେଲି । ସେମାନେ ସେମାନଙ୍କର ବିରାଟ ବଡ଼ ପର୍ସ ଭିତରୁ ବଡ଼ କଷ୍ଟରେ ପଇସା କାଢ଼ି ପେମେଣ୍ଟ କଲେ ଓ ମୋତେ ଏକ ଡଲାର ବକସିସ୍ ଦେଇ ଚୁପ୍‌ଚାପ୍ ସେଠାରୁ ଚାଲିଗଲେ । ମୁଁ ଗ୍ରୀଲ୍ ଉପରୁ ମୋର ଆମଲେଟ୍ କାଢ଼ିଲି ଆଉ ଧୀରେ କିନା ଗୋଟିଏ ପରିଷ୍କାର ପ୍ଲେଟ୍ ଉପରେ ତାକୁ ରଖିଦେଲି । ମୋର ଟୋଷ୍ଟ ବାହାରି ସାରିଥିଲା । ମୁଁ ତା'ଉପରେ ବଟର ଲଗେଇଲି ଓ ପ୍ଲେଟ୍‌ରେ ଆମଲେଟ୍ କଡ଼ରେ ତାକୁ ରଖିଲି । ତା'ପରେ ମୁଁ ମୋର ପ୍ଲେଟ୍‌କୁ ନେଇ କାଉଣ୍ଟର ଉପରେ ମୁଁ ବସୁଥିବା ସ୍ଥାନରେ ରଖିଲି, ଠିକ୍ ମୋର ଖବରକାଗଜ ଧାରରେ । ମୁଁ ଯେମିତି କାଉଣ୍ଟର ପଛରୁ ନିଜର ଷ୍ଟୁଲ୍ ନିକଟକୁ ଆସିବାକୁ ଆରମ୍ଭ କଲି ଛଅ ଜଣ ନୂଆ ଗରାଖ କବାଟ ଦେଇ ଭିତରକୁ ପଶି ଆସିଲେ । "ଆମେ କେତୋଟି ଟେବୁଲକୁ ଏକାସାଙ୍ଗେ ରଖିପାରିବୁ କି ?" ସେମାନେ ପଚାରିଲେ – "ଆମେ ସମସ୍ତେ ଗୋଟିଏ ଦଳର ।"

ମୁଁ ସେମାନଙ୍କୁ 'ହଁ' କହିଲି । ସେମାନେ ଛଅଟି କଫି ବରାଦ କଲେ, ଯେଉଁଥିରୁ ଦୁଇଟି କ୍ୟାଫିନ ରହିତ ।

ମୁଁ ସେମାନଙ୍କୁ କହିବାକୁ ଚାହୁଁଥିଲି ଯେ, ମୁଁ ଏଠାରେ କାମ କରେ ନାହିଁ । କିନ୍ତୁ ସେମାନେ ବୋଧହୁଏ ଖୁବ୍ ଭୋକିଲା ଥିଲେ । ମୁଁ ସେମାନଙ୍କ କପ୍‌ରେ କଫି ଢାଳିଲି । ସେମାନଙ୍କର ଅର୍ଡର ଖୁବ୍ ସାଧାସିଧା ଥିଲା । ଛଅଟି ସ୍ପେଶାଲ୍ ଜଳଖିଆ, ସବୁଗୁଡ଼ିକ ଅଣ୍ଡାଭଜା ଓ ଗହମ ଟୋଷ୍ଟ ସହିତ । ମୁଁ ତରତର ହୋଇ ଗ୍ରୀଲ୍‌ରେ ରୋଷେଇ କରିବାକୁ ଲାଗିଲି ।


ତା'ପରେ ସେହି ବୟସ୍କ ଲୋକଜଣକ ପଇସା ଦେବା ପାଇଁ ଆସିଲା । ଆହୁରି ଅନେକ ଗରାଖ ଆସିବାକୁ ଲାଗିଲେ । ଆଠଟା ତିରିଶ ବେଳକୁ ମୋ' ହାତରେ ଅନେକ କାମ ଥିଲା । ଏହି ପରି ବ୍ୟବସାୟ ହେଉଥିବା ବେଳେ ଜାଭିଅର୍ ଯେ, କାହିଁକି ଜଣେ ପରିଚାରିକା ଆଜି ଯାଏଁ ରଖି ନାହିଁ ସେକଥା ମୁଁ ବୁଝି ପାରୁନଥିଲି । ବୋଧହୁଏ ଆସନ୍ତାକାଲି ମୁଁ 'ପରିଚାରିକା ଆବଶ୍ୟକ' ବୋଲି ଏକ ବିଜ୍ଞାପନ ଦେବି ଖବରକାଗଜରେ । ଆଗରୁ ମୁଁ କେବେ ହେଲେ ରେଷ୍ଟୁରାଣ୍ଟ ବ୍ୟବସାୟ କରିନାହିଁ । ତେଣୁ କରି ମୁଁ ଏହାକୁ ଏକୁଟିଆ କେବେ ହେଲେ ଚଳେଇ ପାରିବି ନାହିଁ । ■

ଭୁବନେଶ୍ୱର ପ୍ରଧାନ ଡାକଘର
ଭୁବନେଶ୍ୱର-୭୫୧୦୦୧
ମୋ: ୮୨୪୯୪୩୭୨୭୬

# ପୁସ୍ତକ ପରିଚୟ

## ମତେ ନାୟିକା କରିନିଅ

ସମରେନ୍ଦ୍ର ବଳିଆରସିଂହ





ପର୍ଲ ବୁକ୍‌ସ
ମଧୁସୂଦନ ନଗର, ତୁଳସୀପୁର
କଟକ-୭୫୩୦୦୮
ପ୍ରଥମ ମୁଦ୍ରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଛୋଟ ଛୋଟ ଅନୁଭୂତି, ନିବିଡ଼ ଅନୁଭବ, ଭାବପ୍ରବଣ ମୁହୂର୍ତ୍ତ, କିଛି କଳ୍ପନାକୁ ନେଇ ଉତୁରି ଆସେ ସୁନ୍ଦର ଗପଟିଏ । ଏଭଳି କିଛି ଅନୁଭବ ଓ ଅନୁଭୂତିକୁ ନେଇ ପ୍ରକାଶ ପାଇଛି ସମରେନ୍ଦ୍ର ବଳିଆରସିଂହଙ୍କ 'ମତେ ନାୟିକା କରିନିଅ' ଗଳ୍ପ ପୁସ୍ତକ । ଏହି ପୁସ୍ତକରେ ୪୦ ଗପଟି ସଂକଳିତ ହୋଇଛି । ମାନବୀୟ ପ୍ରେମ, ପାରିବାରିକ ସଂପର୍କ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି ଅନେକ ଗପରେ । 'ଶ୍ୟାମଳୀ ଘରେ ନାହିଁ କି?', 'ସଂପର୍କର ଆରପାଖ', 'ଝର୍କା ଆରପଟେ...', 'ଛିନ୍ନପତ୍ର', 'ମିଛର ସମାଧି', 'ଅନ୍ତଃସ୍ୱର', 'ବରଗଛ ଭଳି ମଣିଷ','ଧଳା ମଣିଷ', 'କଣ୍ଟା ଓ ହମ୍ପସ୍', 'ସଂପର୍କର କୁଆପଥର', ଆଦି ଗପଗୁଡ଼ିକରେ ପ୍ରେମ ଓ ଜୀବନମୟତାର ପ୍ରତିଛବି ପ୍ରତିଫଳିତ ହୋଇଛି । ସେହିପରି 'ଆଉ ଏକ ପୃଥିବୀ', 'ନିର୍ବାଣର ନାୟିକା', 'ତମର ସିଆଡ଼େ ଶୀତ କେମିତି', 'ଠିକ୍ ଅଛି...ମୁଁ ରାଜି', 'କୁମ୍ଭକର୍ଣ୍ଣ ଓ ଭୋକ', 'ସ୍ୱପ୍ନ ଓ ସର୍ତ୍ତ', 'ସ୍ଥାନ, କାଳ, ପାତ୍ର' ଆଦି ମିନି ଗପରେ ପ୍ରେମ ଓ ନିବିଡ଼ ଭଲ ପାଇବାର ସଂକେତ ପ୍ରସ୍ଫୁଟିତ ହୋଇଉଠିଛି । ଏଭଳି କିଛି ସ୍ମରଣୀୟ ପ୍ରେମମୟ ମୁହୂର୍ତ୍ତକୁ ଗାଳ୍ପିକ ଅତି ସଂକ୍ଷେପରେ ଅଥଚ ମାର୍ମିକ ଭାବେ ଏହି ସବୁ ଗପରେ ରୂପ ଦେଇଛନ୍ତି । 'ମତେ ନାୟିକା କରିଦିଅ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ଚିନ୍ମୟୀ ଚିନ୍ତନ

ଚିନ୍ମୟୀ ପଣ୍ଡା




ଟାଇମପାସ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୨୪
ପ୍ରଥମ ମୁଦ୍ରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ସାଂପ୍ରତିକ ସମସ୍ୟା, ଘଟଣାବଳୀ, ରାଜନୀତି, ଅର୍ଥନୀତି, ସାହିତ୍ୟ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଚିନ୍ମୟୀ ପଣ୍ଡାଙ୍କ ରଚିତ 'ଚିନ୍ମୟୀ ଚିନ୍ତନ' ପୁସ୍ତକ ପ୍ରକାଶ ପାଇଛି । ଖବରକାଗଜରେ ପ୍ରକାଶିତ ବିଭିନ୍ନ ପ୍ରସଙ୍ଗକୁ ନେଇ ୩୮ ଟି ଆଲୋଚନା ଏହି ପୁସ୍ତକରେ ସଂକଳିତ ହୋଇଛି । 'ଖବରର ଚକ୍ରବ୍ୟୂହରେ ବାତ୍ୟା', 'ବାହାଘର କ'ଣ ଗୋଟିଏ ସମସ୍ୟା ନା' ସମାଧାନ?', 'ମଣିଷ କେବେ ପଶୁ ଭଳି ହେଇପାରେ?', 'ଡିଜିଟାଲ୍ ହାଟ, ପାଦ ଗଣି ଗଣି ଚାଲ ବାଟ', 'ଆପଣ ସମାଜ ପାଇଁ କେତେ ଦରକାରୀ?', 'ଆତ୍ମୀୟତାର ପରଶ', 'ଆମେ, ସେମାନେ ଓ ଜେନେରେସନ୍ ଗ୍ୟାପ୍', 'ତୁମ ବିଦେଶ ପ୍ରୀତିରେ ମୋ ଦେଶ ରହିବଟି?', 'ଭାଇରାଲ ମୋନାଲିସାମାନେ କୁଆଡ଼େ ଯାଆନ୍ତି?' ଆଦି ଆଲୋଚନାରେ ପ୍ରତିଦିନ ଆମେ ସାମ୍ନା କରୁଥିବା ବିଭିନ୍ନ ସାମାଜିକ ସମସ୍ୟା ଓ ତାହାର ସମାଧାନ ସଂପର୍କରେ ଲେଖିକା ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । କେତେକ ପ୍ରସଙ୍ଗ, ସମସ୍ୟାକୁ କାହାଣୀ ମାଧ୍ୟମରେ ଚମତ୍କାର ଭାବେ ବର୍ଣ୍ଣନା କରି ସମାଧାନର ପଥ ପ୍ରଦର୍ଶନ କରିଛନ୍ତି । ସେଭଳି 'ସୁନା ପୁଅ ଓ ରୁପା ଝିଅଙ୍କ କାହାଣୀ', 'ଶିଶୁ ସାହିତ୍ୟ ଲୋଡ଼ା କାହିଁକି?', 'ଆମେ କ'ଣ ରାମାୟଣ ବୁଝି ପାରିଚେ?' ଆଦି ରଚନାଗୁଡ଼ିକ ମଧ୍ୟ ଉପାଦେୟ ଓ ମନଛୁଆଁ ହୋଇଛି । ଏହି ପୁସ୍ତକର ଆଲୋଚନାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ଗାଁ ଘରେ ମାଆ



ମୂଳ ହିନ୍ଦୀ : ଦିବିକ ରମେଶ
ଅନୁବାଦ : ଶୈଳବାଳା ମହାପାତ୍ର

ଇଚ୍ଛା ଥିଲା
ମାଆ ବି ଆସି ରହନ୍ତା
ଏଇଠି, ଏଇ ସହରରେ ।

କିନ୍ତୁ ମାଆ ଚାହୁଁଥିଲା
ଗାଁ ବି ଆସନ୍ତା ସାଙ୍ଗରେ
ଯାହା ମଞ୍ଜୁର ନଥିଲା
ନା ମତେ
ନା ଏ ସହରକୁ !

ଆସି ପାରିଲାନି ମାଆ
ଏଇ ସହରକୁ
ଆସି ପାରିଲାନି ଗାଆଁ !

ଆଉ ମୁଁ ବା କ'ଣ କରନ୍ତି
ଗାଁକୁ ଯାଇ !

ତେବେ ଦେଖେ,
ଗାଁରୁ କିଛି ଏବେ ବି ଲାଖି ରହିଛି
ଦେହର କେଉଁ ନିଭୃତ କୋଣରେ
ଏଠି ସେଠି ଛିଟିକା ପଡ଼ିଲା ଭଳି

ମାଆ ଆସନ୍ତା
କାହାକୁ କିଛି ନଜଣାଇ
ତ ଅଳ୍ପ ବହୁତେ ଗାଁ ଆସନ୍ତା ନା
ଏଇ ସହରକୁ !

ହେଲେ ,କେମିତି ଆସନ୍ତା
ସେ ଖୋଲାମେଲା ବାରଣ୍ଡା
ଅଗଣା -
ଯୋଉଠି ଖଟିଆରେ ବସି
ଫରମାସ୍ କରୁଥାଏ ମାଆ
କାନ୍ଥ ସେପଟେ ଠିଆ ଝିଅଙ୍କୁ
ବୋହୂମାନଙ୍କୁ
ପଡ଼ିଶାଘର ନାରଖାରୀଠୁ
ମୋଡ଼ା ଘଷା ଖାଏ
ଆରାମ କରୁଥାଏ କଅଁଳ ଖରା ଘୋଡ଼ି ହୋଇ
କେଉଁ ଏକ ଲୋକଗୀତ ଗୁଣୁଗୁଣେଇ !

କେମିତି ଆସନ୍ତା
ସେଇ ଗାଉଁଲି କଥାବାର୍ତ୍ତା--
କ୍ଷେତ,ତେଣ୍ଡା, କୂଅ ଆଉ ଖଳାବାଡ଼ିର ପ୍ରସଙ୍ଗ!

# ଆତ୍ମ ସମ୍ବାଦ



ନୂଆ ଗଢ଼ା ବସତି
ଯାହା ଠିଆ ଆଗାମୀ ନିର୍ବାଚନ ଆଗରୁ
ସ୍ୱୀକୃତି ପାଇବା ଧାଡ଼ିରେ ।

କେମିତି ଆସନ୍ତା ସେଇ ସବୁ ଗଛ
ଯେଉଁଠି ଆଜି ବି ଅଛି
ଇତିହାସ !! ■

ଜାଣିବାକୁ ଚାହେଁ ପାହାଡ଼ଠୁ
ଦେଖିବାକୁ ତ ସିଏ
ଅଟଳ ସ୍ଥିର ଶାନ୍ତ
ସାମ୍ୟର ପ୍ରତ୍ୟୟ

ତ ପୁଣି ଭିତରେ ଥାଏ କେଉଁସବୁ ଅନୁଭବ
ଯେ' ଲୁହର ନଦୀ ହୋଇ ବହିଆସେ
ଏତେ କୋମଳ
ଏତେ ଉଦାସ

ବାସ୍
ଜରୁରି କେବଳ
ଥାପୁଡ଼େଇ ଦେବାର
ଏକାନ୍ତ ଆପଣା ଗୋଟେ ବିଶ୍ୱାସ !! ■

ଶୀଳାଚିନ୍ମୟ
ମଧୁବନ ଷଷ୍ଠ ଗଳି
ଟିକରପଡ଼ା ରୋଡ, ପୁରୀ -୨
ମୋ: ୭୦୦୮୫୮୬୫୦୧

# ସଂସ୍କୃତି ଓ ସମ୍ବେଦନାର ଭାଷ୍ୟକାର ମାଥ୍ୟୁ ଆରନୋଲ୍ଡ



ବିଜୟକୁମାର ପାଢ଼ୀ

ଗଣତନ୍ତ୍ରର ଅଭ୍ୟୁଦୟ, ବ୍ରିଟିଶ୍ ସାମ୍ରାଜ୍ୟର ବିସ୍ତାର, ଅକ୍ସଫୋର୍ଡ ଆନ୍ଦୋଳନ, ବିଜ୍ଞାନର ଅଗ୍ରଗତି ଓ ଦ୍ରୁତ ଶିଳ୍ପାୟନ ଥିଲା ଊନବିଂଶ ଶତାବ୍ଦୀରେ ଭିକ୍ଟୋରିଆ ଯୁଗର ପ୍ରମୁଖ ଘଟଣାବଳୀ । ବିଜ୍ଞାନର ବ୍ୟାପକ ପ୍ରଭାବ ଦ୍ୱାରା ମଣିଷର ହୃଦୟରୁ ଧର୍ମ, ବିଶ୍ୱାସ ଏବଂ ମାନବିକତା ଧୀରେ ଧୀରେ ଅପସରି ଗଲା । ସେହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ଯୁଗର ପ୍ରଥିତ ଯଶା ସାହିତ୍ୟିକ ଆଲ୍‌ଫ୍ରେଡ୍ ଟେନିସନ୍, ରବର୍ଟ ବ୍ରାଉନିଙ୍ଗ ଏବଂ ମାଥ୍ୟୁ ଆରନୋଲ୍ଡଙ୍କ ଭଳି କବିମାନେ ସାଜି ଥିଲେ ଭବିଷ୍ୟ ଦ୍ରଷ୍ଟା ତଥା ଯୁଗ ପ୍ରବର୍ତ୍ତକ, ଆପଣାର କାଳଜୟୀ ସାହିତ୍ୟ କୃତି ମାଧ୍ୟମରେ ଯୁଗାନ୍ତକାରୀ ସନ୍ଦେଶ ଓ ଦିଗ୍‌ଦର୍ଶନ ଦେଇ ସମାଜରେ ରାଜନୈତିକ, ଧାର୍ମିକ ଏବଂ ସାମାଜିକ ସଂସ୍କାର ଆଣିବାରେ ପ୍ରୟାସ କରିଥିଲେ । ବିପର୍ଯ୍ୟସ୍ତ ପରିବେଶ ଓ ସହରୀକରଣ ନାଁରେ ବିଶୃଙ୍ଖଳିତ ଜୀବନଶୈଳୀ ସୁସ୍ଥ ସମାଜର ପରିପନ୍ଥୀ ବୋଲି ମାଥ୍ୟୁ ଆରନୋଲ୍ଡ ମତ ପୋଷଣ କରିଥିଲେ । ସମାଜର ବିସଙ୍ଗତି ଓ ନୈତିକ ସ୍ଖଳନ ଓ ସାମାଜିକ ଅଧଃପତନ ପାଇଁ ଆରନୋଲ୍ଡଙ୍କର ସାହିତ୍ୟ ପ୍ରାଣ ବିଳପି ଉଠିଥିଲା । ସେ ସମୟର ସାମାଜିକ ବିଡ଼ମ୍ବନାକୁ ନିଜର ସାହିତ୍ୟ କୃତି ମାଧ୍ୟମରେ ଏକ ନିଚ୍ଛକ ଢଙ୍ଗରେ ପ୍ରକାଶ କରିଥିଲେ ।

ଏକ ସୁସଂହତ ଓ ସୁସ୍ଥ ସମାଜର ସୁରମ୍ୟ ଅଟ୍ଟାଳିକାର ମୂଳଦୁଆ ହେଉଛି ସେ ସମୟର ବଳିଷ୍ଠ ସାହିତ୍ୟ । ଇଂରାଜୀ ସାହିତ୍ୟରେ ମାଥ୍ୟୁ ଆରନୋଲ୍ଡଙ୍କ ନାମ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ବହୁମୁଖୀ ପ୍ରତିଭାର ଅଧିକାରୀ ଆରନୋଲ୍ଡ ଥିଲେ ଜଣେ ସମାଲୋଚକ, କବି, ଲେଖକ ଏବଂ ଜଣେ ଆଦର୍ଶ ଶିକ୍ଷାବିତ୍ । ୨୪ ଡିସେମ୍ବର ୧୮୨୨ ମସିହାରେ ଲଣ୍ଡନର ଥେମସ୍ ନିକଟବର୍ତ୍ତୀ ଏକ ଛୋଟ ଗ୍ରାମ ଲାଲେହାମ୍‌ଠାରେ ଜନ୍ମ ଗ୍ରହଣ କରିଥିଲେ ଆରନୋଲ୍ଡ । ପିତା ଥୋମାସ୍ ଆରନୋଲ୍ଡଙ୍କ ଅଧୀନରେ ଥିବା ରଗ୍‌ବୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା, ପରେ ପରେ ଅକ୍ସଫୋର୍ଡର ବାଲିଆଲ୍ ମହାବିଦ୍ୟାଳୟରୁ ଅଧ୍ୟୟନ ସମାପ୍ତି କରି ସେହି ରଗ୍‌ବୀ ବିଦ୍ୟାଳୟର ଶିକ୍ଷକ ଜୀବନ ଆରମ୍ଭ କରିଥିଲେ । ପେଶାରେ ଶିକ୍ଷାବିତ୍ ଥିଲେ ମଧ୍ୟ ନିଶା ଥିଲା ସାହିତ୍ୟ ସାଧନା । ତାଙ୍କର ଜୀବଦ୍ଦଶାରେ ଶିକ୍ଷାରେ ସଂସ୍କାର ମୂଳକ ପଦକ୍ଷେପ ନେବା ସହିତ ସାହିତ୍ୟ ମାଧ୍ୟମରେ ସମାଜରେ ଅନୁରାଗ ଜନ୍ମାଇ ମାନବୀୟ ମୂଲ୍ୟବୋଧକୁ ଜାଗ୍ରତ କରିବାରେ ପ୍ରଚେଷ୍ଟା କରିଥିଲେ ।

ଆରନୋଲ୍ଡଙ୍କ କବି ପ୍ରତିଭାର ପ୍ରଥମ ପରିଚୟ ମିଳିଥିଲା ୧୮୪୯ ମସିହାରେ ପ୍ରକାଶିତ କବିତା 'ଦଷ୍ଟ୍ରେଡ ରିଭେଲର ଏଣ୍ଡ ଅଦର୍ ପମେସ୍' ମାଧ୍ୟମରେ । ଉକ୍ତ କବିତାଟି ଏକ ସୁଦୀର୍ଘ କଥୋପକଥନ ଖ୍ରୀଷ୍ଟଧର୍ମର ସ୍ଥାଣୁତାକୁ ସେ ଘୋର ସମାଲୋଚନା କରୁଥିଲେ । ଧର୍ମ ଏକ ଗତିଶୀଳ ପ୍ରବାହ ବୋଲି କବି ହୃଦବୋଧ କରିଥିଲେ । ତାଙ୍କ ମତରେ ଧର୍ମ ଏକ ନୈତିକତାର ଆଧାର ଯାହା ମାନବୀୟ ସମ୍ବେଦନାର ଏକ ଅଂଶବିଶେଷ ହେବା ଉଚିତ୍ । (Religion should be morality tinged with emotion) ତାଙ୍କର ଅଧିକାଂଶ କବିତା ୧୮୪୯ରୁ ୧୮୬୭ ମସିହା ମଧ୍ୟରେ ପ୍ରକାଶିତ ହୋଇଥିଲା । 'ସୋରାବ ଏଣ୍ଡ ରୁସ୍ତମ' ଏବଂ 'ଦ ସ୍କଲାର ଜିପ୍ସି' କବିତା ଦୁଇଟି ୧୮୫୩ ମସିହାରେ ପ୍ରକାଶ ପାଇଥିଲା । 'ସୋରାବ ଏଣ୍ଡ ରୁସ୍ତମ'ର ପ୍ରସଙ୍ଗଟି ପାର୍ସୀ ଭାଷାରେ ଲିଖିତ ମହାକାବ୍ୟ 'ବୁକ୍ ଅଫ୍ କିଙ୍ଗସ୍' ଉପରେ ପର୍ଯ୍ୟବସିତ । ଏହା ଏକ ଶୋକ କବିତାର ପର୍ଯ୍ୟାୟଭୁକ୍ତ ନହେଲେ ମଧ୍ୟ ଦୁଃଖ, ଶୋକ ଓ ମଣିଷର ଅସହାୟତା ପ୍ରକାଶ ପାଇଛି ଉକ୍ତ କବିତା ମାଧ୍ୟମରେ । ମୃତ ବ୍ୟକ୍ତିମାନଙ୍କର ଓଠରେ ସତ୍ୟତା ଅଛି ବୋଲି କବିଙ୍କର ଅଭିବ୍ୟକ୍ତି । (Truth sits upon the lips of dying men) । 'ଦ ସ୍କଲାର ଜିପ୍ସି' କବିତା ମାଧ୍ୟମରେ କବି ଜୀବନର ପ୍ରକୃତ ଅର୍ଥ ଏବଂ ସତ୍ୟତାକୁ ଅନ୍ୱେଷଣ କରିଛନ୍ତି । ସେ ସମୟର ଭୌତିକ ସର୍ବସ୍ୱ ବା ବସ୍ତୁବାଦୀ ବା ସାମାଜିକ ଜୀବନକୁ ସମାଲୋଚନା କରିଥିଲେ । ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀ ମାଧ୍ୟମରେ ଏକ ସୁସଂହତ ସଂସ୍କୃତି ସଂପନ୍ନ ସମାଜ ଗଠନ ହୋଇପାରିବ ବୋଲି ତାଙ୍କର ବିଶ୍ୱାସ ଥିଲା ।

ନିଃସଙ୍ଗତା, ବିଶ୍ୱାସର ଅବକ୍ଷୟ ଏବଂ ସାମାଜିକ ଅସଙ୍ଗତି ଭଳି ବିଷୟ ତାଙ୍କ କବିତାର ସ୍ୱର ଥିଲା । ଗୋଟିଏ ଯୁଗର ମୁକ୍ତ ଚିନ୍ତନ ପରବର୍ତ୍ତୀ ଯୁଗର ବ୍ୟବହାରିକ ବୁଦ୍ଧି ବୋଲି ସେ ବିଶ୍ୱାସ କରୁଥିଲେ । (The Free thinking of one age is the common sense of the next.) ତାଙ୍କର ଅନ୍ୟ ଏକ କାବ୍ୟ କୃତି ହେଉଛି 'ମେରୋପ' ଯାହା ୧୮୫୮ ମସିହାରେ ପ୍ରକାଶ ପାଇଥିଲା । 'ଥାଇରିସିସ୍' ଏବଂ 'ରଗ୍‌ବୀ ଚାପେଲ' ଉଭୟ କାବ୍ୟ ଦୁଇଟି ୧୮୬୭ ମସିହାରେ ପ୍ରକାଶ ପାଇଥିଲା । ଶୋକ କବିତା 'ଥାଇରିସିସ୍'ରେ ନିଜ ବନ୍ଧୁ ଆର୍ଥର କ୍ଲାଓଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ଜୀବନର ଅନ୍ତର୍ଦୃଷ୍ଟିକୁ, ସରଳ ଓ ସାବଲୀଳ ଢଙ୍ଗରେ ଉପସ୍ଥାପନ କରିଛନ୍ତି । 'ରଗ୍‌ବୀ ଚାପେଲ' କବିତାଟି ସମ୍ପୂର୍ଣ୍ଣ ଆବେଗ ଓ ମଣିଷର ଚିନ୍ତନରେ ପରିପୂର୍ଣ୍ଣ । ନିଜ ପିତାଙ୍କ ସ୍ମୃତି ଉପରେ ଶୋକ କବିତାଟି ମଣିଷର ମୃତ୍ୟୁ, ପାରିପାର୍ଶ୍ୱିକ ଅବସ୍ଥା ଏବଂ ଜୀବନର ସାର୍ଥକତା ଭଳି ବିଷୟ ଉପରେ ଆଲୋକପାତ କରେ । ଅନ୍ୟ ଏକ ଶ୍ରେଷ୍ଠ କବିତା 'ଡୋଭର ବିଚ୍'ରେ ଆଧୁନିକ ଜୀବନରେ ବିଶ୍ୱାସର ସଂକଟ ଓ ଧାର୍ମିକ ଅବକ୍ଷୟକୁ କେନ୍ଦ୍ର କରି ଦୁଃସ୍ଥତା ନିଃସଙ୍ଗତା ଓ ଦୁର୍ବିସହତା ଭଳି ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି । କବିତାର ମୁଖ୍ୟ ବିଷୟବସ୍ତୁ ହେଲା ଧାର୍ମିକ ଅନିର୍ଦ୍ଦିଷ୍ଟତା, ପାରସ୍ପରିକ ବୁଝାମଣାର ଅଭାବ ଏବଂ ସମାଜର ନୈତିକ ସ୍ଖଳନ । ଟି.ଏସ୍. ଇଲିୟଟ୍‌ଙ୍କ ରଚିତ 'ୱେଷ୍ଟଲ୍ୟାଣ୍ଡ' ଭଳି ଆଧୁନିକ ମହାକାବ୍ୟ ସହିତ 'ଡୋଭର ବିଚ୍' କବିତାର ଅନେକ ସାମଞ୍ଜସ୍ୟ ଅଛି ବୋଲି ଅନେକ ପାଠକ ଓ ସମାଲୋଚକଙ୍କ ମତ । 'ୱେଷ୍ଟଲ୍ୟାଣ୍ଡ' କବିତାରେ କବି ଇଲିୟଟ୍ ପୃଥିବୀକୁ ଏକ ପତିତ ଭୂମି ସହିତ ତୁଳନା କରିଛନ୍ତି । ସମାଜର ସମ୍ପୂର୍ଣ୍ଣ ଅବ୍ୟବସ୍ଥା, ଅରାଜକତା ତଥା ଶୃଙ୍ଖଳା ବର୍ଜିତ ଜୀବନଯାପନକୁ ବର୍ଣ୍ଣନା କରିଥିବା ବେଳେ 'ଡୋଭର୍ ବିଚ୍' କବିତାରେ ଆରନୋଲ୍ଡ ପୃଥିବୀକୁ ଏକ ଅନ୍ଧକାରଛନ୍ନ ଭୂମି (Darkling plain) ସହିତ ତୁଳନା କରିଛନ୍ତି ।

ଜଣେ କବିଭାବରେ ସାହିତ୍ୟ ଯାତ୍ରା ଆରମ୍ଭ କରିଥିଲେ ମଧ୍ୟ ବି ତାଙ୍କର ସମାଲୋଚନାଧର୍ମୀ ରଚନା ପାଇଁ ବେଶ୍ ସ୍ୱୀକୃତି ଲାଭ କରିଛନ୍ତି । ୧୮୬୫ ମସିହାରେ ପ୍ରକାଶ ପାଇଥିଲା ପ୍ରସିଦ୍ଧି ସମାଲୋଚନା 'ଏସେଜ୍ ଇନ୍ କ୍ରିଟିସିଜିମ୍' ତାଙ୍କୁ ଜଣେ ଲେଖକ ଭାବରେ ପ୍ରତିଷ୍ଠିତ କରିପାରିଥିଲା । ଶିକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ୧୮୬୯ ମସିହାରେ ପ୍ରକାଶିତ ସମାଲୋଚନା 'କଲଚର୍ ଏଣ୍ଡ ଥାନାର୍ସି'ରେ 'ହିବ୍ରାଇଜମ୍' ଏବଂ 'ହେଲେନିଜମ୍' ଉପରେ ପ୍ରକାଶିତ ତଥ୍ୟ ସାହିତ୍ୟରେ ସମାଲୋଚନାର ସ୍ତରକୁ ବହୁଗୁଣିତ କରିପାରିଛି । ହିବ୍ରାଇଜିମ୍ ବ୍ୟକ୍ତି ଜୀବନର କର୍ତ୍ତବ୍ୟ ପରାୟଣତା, ଚରିତ୍ର ଏବଂ ଅନୁଶାସନକୁ ଗୁରୁତ୍ୱଆରୋପ କରୁଥିବା ବେଳେ ହେଲେନଜିମ୍ ଜ୍ଞାନର ପିପାସା ଏବଂ ସୌନ୍ଦର୍ଯ୍ୟବୋଧତାକୁ ଗୁରୁତ୍ୱ ଆରୋପ କରେ । ତେବେ କବିଙ୍କ ମତରେ ଉଭୟ ତତ୍ତ୍ୱର ସମାହାରରେ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀ ହିଁ ସମାଜକୁ ସମୃଦ୍ଧ କରିପାରିବ ।

୧୮୭୩ ମସିହାରେ ପ୍ରକାଶିତ ଅନ୍ୟ ଏକ ସମାଲୋଚନାଧର୍ମୀ ଗଦ୍ୟ 'ଲିଟେରେଚର୍ ଏଣ୍ଡ ଡର୍ମା'ଟି ଧର୍ମଶାସ୍ତ୍ର ତଥା ହଠଧର୍ମ ଭଳି ବିଷୟରେ ଏକ ତାତ୍ତ୍ୱିକ ଆଲୋଚନା । 'ବ୍ୟକ୍ତିର ଚରିତ୍ର ହେଉଛି ଜୀବନର ତିନିପା ବା ତିନି ଚଉଠା ବୋଲି କବିଙ୍କର ମତ । ପ୍ରେମ, ମାନବିକତା, ସଂସ୍କୃତି, ସମ୍ବେଦନା, ଧର୍ମ ଓ ବିଶ୍ୱାସହ ପୁନଃ ପ୍ରତିଷ୍ଠା ଭଳି ପ୍ରସଙ୍ଗକୁ ନେଇ ଆରନୋଲ୍ଡଙ୍କ ସାହିତ୍ୟ ବେଶ୍ ସମୃଦ୍ଧଶାଳୀ । ଶବ୍ଦଚାତୁରୀରେ ଆଙ୍କି ଦେଇଛନ୍ତି ଅନେକ ଚିତ୍ରପଟ ଯେଉଁଥିରେ ସମାଜର ଦୃଷ୍ଟି, ଦର୍ଶନ, ବେଗ, ଆବେଗ, ନିରାଶା ଭିତରେ ଆଶା ଓ ଆଶ୍ୱାସନା ଭରି ରହିଛି । ଶବ୍ଦମନସ୍କ ଓ ଶବ୍ଦ ଅବିଶ୍ୱତ କରିଦେଇଛନ୍ତି ପାଠକମାନଙ୍କୁ, ଅନୁଉଦର ଅନନ୍ତ ଆକାଶ ତଥା ଗୋଟିଏ ଯୁଗର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ପ୍ରେକ୍ଷାପଟରେ ଘଟୁଥିବା ଘଟଣାବଳୀକୁ ନେଇ ଯେ, କାଳଜୟୀ ସାହିତ୍ୟ ସୃଷ୍ଟି ହୋଇପାରେ ତାହା ଆରନୋଲ୍ଡଙ୍କୁ ପଢ଼ିଲେ ବୁଝି ହୋଇଯାଏ । ■

ଓଡିଏମ୍ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶ୍ୱର ସବୁଠୁ ଧନୀ...

ମୁଖ୍ୟତଃ ଏମାନେ ଆଫ୍ରିକା, ବ୍ରିଟେନ, ଆମେରିକା, କାନାଡ଼ା ଏବଂ ଉପସାଗରୀୟ ଦେଶରେ ରହୁଛନ୍ତି। ଅନେକ ବର୍ଷ ତଳେ ଏହି ଗାଁର ଲୋକେ ଶ୍ରମ, ବ୍ୟବସାୟ ଏବଂ ନିର୍ମାଣ କାର୍ଯ୍ୟ ପାଇଁ ବିଦେଶ ଯାଇଥିଲେ। ସେଠାରେ କଠିନ ପରିଶ୍ରମ କରି ଅର୍ଥ ଉପାର୍ଜନ କରିଥିଲେ। ଏହା ସତ୍ତ୍ୱେ ନିଜ ଗାଁକୁ କେବେ ଭୁଲି ନ ଥିଲେ। ଏମାନେ ନିଜ ଗାଁକୁ ଟଙ୍କା ପଠାଇବାରେ ଲାଗିଥିଲେ। ଗାଁର ଗୋଷ୍ଠୀ ପ୍ରକଳ୍ପ ପାଇଁ ନିଜର ଯୋଗଦାନ ଦେଇଥିଲେ। ତେଣୁ ଏହି ଗାଁରେ ଧିରେ ଧିରେ ଲକ୍ଷପତି ଏବଂ କୋଟିପତିଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା। ଏଠାକାର ପ୍ରତି ଘରେ ଜଣେ ଲେଖାଏଁ କୋଟିପତି କିମ୍ବା ଲକ୍ଷପତି ଅଛନ୍ତି। ଏବେ ମାଧାପାରରେ ୧୭ଟି ବ୍ୟାଙ୍କର ଶାଖା ରହିଛି। ଏହି ସବୁ ବ୍ୟାଙ୍କରେ ପ୍ରାୟ ୫ ହଜାର କୋଟି ଟଙ୍କା ଜମା କରାଯାଇଛି। ଗ୍ରାମର ବିକାଶ ପାଇଁ ମଧ୍ୟ ଏହି ଟଙ୍କା ବ୍ୟବହାର କରାଯାଉଛି। ଏଠାରେ ଭଲ ସଡ଼କ, ସ୍କୁଲ-କଲେଜ, ଡାକ୍ତରଖାନା, ପାର୍କ ଏବଂ ସହରରେ ଥିବା ପ୍ରତ୍ୟେକ ସୁବିଧା ରହିଛି। ଲୋକେ ନିଜ ଅର୍ଥରେ ସବୁ କିଛି କରୁଛନ୍ତି। ସରକାରୀ ପାଣ୍ଠି ଉପରେ ନିର୍ଭର ନାହାନ୍ତି।

### ଚଢ଼ା ଶୁଳ୍କ...

ଆମେରିକା ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଯେ ବାଣିଜ୍ୟ କ୍ଷତି ଏବଂ ଅନ୍ୟ କାରଣ ଯୋଗୁଁ ଚୀନ୍, କାନାଡ଼ା, ମେକ୍ସିକୋ ଭଳି ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଯାଇଛି। ଆମେରିକାର ବାଣିଜ୍ୟ କ୍ଷତି ହିଁ ଜାତୀୟ ଜରୁରୀ ସ୍ଥିତି ବୋଲି ଯୁକ୍ତି ଦର୍ଶା ଯାଇଥିଲା। ଅନ୍ତର୍ଜାତୀୟ ଜରୁରୀକାଳୀନ ଆର୍ଥିକ କ୍ଷମତା ନିୟମ (ଆଇଇଇପିଏ) ଅନୁଯାୟୀ ଟ୍ରମ୍ପ ଏହି ଆଇନକୁ ଉଚିତ ଦର୍ଶାଇ ଥିଲେ। ବାଣିଜ୍ୟରେ ଅସନ୍ତୁଳନ ଆମେରିକା ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ। ତେଣୁ ଏହାକୁ ବ୍ୟବସାୟୀରେ 'ଜାତୀୟ ଏମର୍ଜେନ୍ସି' ଘୋଷଣା କରି ଶୁଳ୍କ ଲଗାଯାଇଛି। ଯଦି ଶୁଳ୍କ ହଟାଇ ଦିଆଯିବ ତେବେ ଆଦାୟ କରାଯାଇଥିବା ପ୍ରାୟ ୧୫୯ ବିଲିୟନ ଡଲାର ଅର୍ଥାତ୍ ୧୩ ଲକ୍ଷ କୋଟି ଟଙ୍କାକୁ ଫେରାଇବାକୁ ପଡ଼ିପାରେ। ଏହା ଦ୍ୱାରା ଆମେରିକା ରାଜକୋଷକୁ ବଡ଼ ଝଟ୍‌କା ଲାଗିବ। ଲୋକେ ଘର, ଚାକିରି, ସାମାଜିକ ସୁରକ୍ଷା, ସଞ୍ଚୟ ହରାଇବେ। ଏହା ଦ୍ୱାରା ଆର୍ଥିକ ସ୍ଥିତି ମଧ୍ୟ ଭୁଶୁଡ଼ି ଯାଇପାରେ। କିନ୍ତୁ କୋର୍ଟ ଏହି ତର୍କକୁ ଖାରଜ କରି କହିଥିଲେ ଯେ ଶୁଳ୍କ ଲଗାଇବା ରାଷ୍ଟ୍ରପତିଙ୍କ ଅଧିକାର ନୁହେଁ। ଏହି କ୍ଷମତା କେବଳ ସଂସଦକୁ ମିଳିଛି। ୭-୪ ବହୁମତରେ ଦିଆଯାଇଥିବା ଏହି ରାୟରେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ୧୯୭୭ରେ ଆସିଥିବା 'ଆଇଇଇପିଏ' ଆଇନରେ ସୀମା ମଧ୍ୟରେ ଆବଦ୍ଧ ନ ରହି ଶୁଳ୍କ ଲଗାଇବାକୁ ରାଷ୍ଟ୍ରପତିଙ୍କୁ କ୍ଷମତା ଦିଆଯାଇ ନାହିଁ।

କ୍ଷୁଦ୍ର ବ୍ୟବସାୟୀ ଏବଂ ଆମେରିକା ରାଜ୍ୟମାନଙ୍କର ସଂଗଠନ ପକ୍ଷରୁ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ଦେଇଥିଲେ। କୋର୍ଟ କହିଥିଲେ ଯେ ଟ୍ରମ୍ପ କେବଳ ୧୫୦ ଦିନ ପର୍ଯ୍ୟନ୍ତ ୧୫% ଶୁଳ୍କ ଲଗାଇପାରିବେ। କିନ୍ତୁ ଏଥିପାଇଁ ଠୋସ୍ କାରଣ ଥିବା ଜରୁରୀ। ଆଇଇଇପିଏରେ ଶୁଳ୍କ ଶବ୍ଦର ଉଲ୍ଲେଖ ନାହିଁ। ଏଥିରେ ରାଷ୍ଟ୍ରପତିଙ୍କ ଅଧିକାରକୁ ନେଇ ସ୍ପଷ୍ଟ ସୀମା ମଧ୍ୟ ଧାର୍ଯ୍ୟ କରାଯାଇ ନାହିଁ। ଯଦି ରାଷ୍ଟ୍ରପତିଙ୍କୁ ଶୁଳ୍କ ଲଗାଇବାର ଅଧିକାର ଦେବାକୁ ସଂସଦ ଚାହିଁଥାନ୍ତା ତେବେ ଏହି ଆଇନରେ ତାହା ସ୍ପଷ୍ଟ ଭାବେ ଲେଖା ଯାଇଥାନ୍ତା। ଅନ୍ୟପକ୍ଷରେ ଟ୍ରମ୍ପ ଏହି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ ଯଦି ଶୁଳ୍କ ହଟାଇ ଦିଆଯିବ ତେବେ ଆମରିକା ବର୍ବାଦ ହୋଇଯିବ। ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯିବ। ସେଥିପାଇଁ ପାଇଁ ଦୃଢ଼ ହୋଇ ଛିଡ଼ା ହେବାକୁ ପଡ଼ିବ। ଶୁଳ୍କ ଏବେ ବି ବଳବତ୍ତର ରହିଛି। ଅପିଲ କୋର୍ଟ ଭୁଲ୍ ନିଷ୍ପତ୍ତି ଦେଇଛନ୍ତି। ଶେଷରେ ଆମେରିକା ଜିତିବ। ଦେଶ ଆଉ ବାଣିଜ୍ୟ କ୍ଷତିକୁ ସହ୍ୟ କରିବ ନାହିଁ। ଶୁଳ୍କ ଦ୍ୱାରା ଆମେରିକା ଶ୍ରମିକ, କମ୍ପାନୀଙ୍କୁ ଲାଭ ମିଳିବ। ସୁପ୍ରିମକୋର୍ଟଙ୍କ ମାଧ୍ୟମରେ ଏହି ରାୟକୁ ରଦ୍ଦ କରି ଦେଶକୁ ମଜବୁତ କରାଯିବ ବୋଲି ଟ୍ରମ୍ପ କହିଛନ୍ତି।

### ୭ ବର୍ଷ ପରେ...

କଥାବାର୍ତ୍ତା କରିବେ ବୋଲି ଜଣାପଡ଼ିଛି। ବିଶ୍ୱରେ ଅର୍ଥନୈତିକ ସ୍ଥିରତା ଦିଗରେ ଭାରତ ଓ ଚୀନ ମିଳିତ ହୋଇ କାମ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ ଚୀନ ଗସ୍ତ ପୂର୍ବରୁ କହିଥିଲେ। ଏହା ସହିତ ଚୀନ ନେତୃତ୍ୱ ମଧ୍ୟ ସହମତ ହୋଇଛନ୍ତି।

ସାଂଘାଇ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ମଧ୍ୟ ଶୀର୍ଷ ବୈଠକ କରିବେ। ଆମେରିକାର ଶୁଳ୍କ ଯୁଦ୍ଧ ପରିପ୍ରେକ୍ଷୀରେ ଦୁଇ ନେତାଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ। ଅନ୍ୟ କେତେକ ନେତାଙ୍କ ସହିତ ମଧ୍ୟ ମୋଦୀ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ସାଂଘାଇ ଶିଖର ସମ୍ମିଳନୀରେ ଭାରତ, ଚୀନ, ରୁଷ, ଇରାନ, ପାକିସ୍ତାନ ସମେତ ୨୫ଟି ଦେଶର ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସଂଗଠନର ୧୧ ଜଣ ସଭ୍ୟ ଥିବା ବେଳେ ଅନ୍ୟ ୧୪ଟି ଦେଶର ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ସୂଚନାଯୋଗ୍ୟ ଯେ ୨୦୧୮ରେ ଚୀନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ଶିଖର ବୈଠକରେ ଯୋଗଦେଇଥିଲେ ମୋଦୀ। ଏହା ପରବର୍ତ୍ତୀ ବର୍ଷ ୨୦୧୯ରେ ଚୀନ ରାଷ୍ଟ୍ରପତି ଜିଙ୍ଗପିଙ୍ଗ ଭାରତ ଆସିଥିଲେ। ତେବେ ୨୦୨୦ରେ ଗଲୱାନ ଉପତ୍ୟାକାରେ ଭାରତ ଓ ଚୀନ ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ସଂପର୍କ ତିକ୍ତ ରହିଛି। ତେବେ ଗତବର୍ଷ ଏଭଳି ସଂଘର୍ଷକୁ ଏଡାଇବା ଲାଗି ଦୁଇ ଦେଶ ମଧ୍ୟରେ ବୁଝାମଣା ହୋଇଥିଲା।

### ରାଜ୍ୟରେ ସାର...

ଏକ ପ୍ରମୁଖ ରାଜ୍ୟ ହୋଇପାରିଛି। କୃଷି କ୍ଷେତ୍ରରେ ବୈଷୟିକ ବିଦ୍ୟାର ପ୍ରୟୋଗ ଓ ସାର ବିହନ ଆଦିର ଉତ୍ତମ ବଣ୍ଟନ ଓଡ଼ିଶାକୁ ଏ ସଫଳତା ଆଣି ଦେଇଥିଲା ବୋଲି ଉଲ୍ଲେଖ କରିଛନ୍ତି ନବୀନ।

ସେ କହିଛନ୍ତି ଯେ ଓଡ଼ିଶାରେ ୭.୯୪ଲକ୍ଷ ଟନ ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଥିବା ବେଳେ ବାସ୍ତବରେ ଚାଷୀ କିନ୍ତୁ ସାର ପାଉନି। ବଜାରରେ ୟୁରିଆ ସରକାରୀ ଦରଠାରୁ ଉଚ୍ଚ ଦାମରେ ବିକ୍ରି ହେଉଛି। ଓଡ଼ିଶା ସରକାରଙ୍କ ନିଜସ୍ୱ ସଂସ୍ଥା ମାର୍କଫେଡ୍ ଚାଷୀଙ୍କ ବଦଳରେ ଘରୋଇ ଡିଲରଙ୍କୁ ରିଆତିରେ ସାର ବିକୁଛି। ତେଣୁ ଚାଷୀ ଖରିଫ ଋତୁରେ ଚାଷ କାମ ଛାଡ଼ି ସାର ପାଇଁ ରାଜରାସ୍ତାକୁ ଓହ୍ଲାଇବା ଚିନ୍ତାର ବିଷୟ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଯୋଗାଣ ବ୍ୟବସ୍ଥାର କୁପରିଚାଳନା ସହ ସାର ଅଭାବ ଓ ଦୁର୍ନୀତି ଯୋଗୁଁ ଚାଷୀକୁ ଆଜି ଏ ଅବସ୍ଥାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ନବୀନ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତାଳଚେର ସାର କାରଖାନା ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ୨୦୧୮ ମସିହାରେ ଶିଳାନ୍ୟାସ କରାଯାଇଥିବା ତାଳଚେର ସାର କାରଖାନା ୩୬ ମାସରେ ଶେଷ ହେବ ବୋଲି ଘୋଷଣା କରାଯାଇଥିଲା। ମାତ୍ର ଇତିମଧ୍ୟରେ ୭ ବର୍ଷ ବିତିଯାଇଥିଲେ ହେଁ ଏହା କାର୍ଯ୍ୟକ୍ଷମ ହୋଇ ନପାରିବା ଦୁଃଖର ବିଷୟ। ଖରିଫ ଋତୁ ଆରମ୍ଭରେ ସାର ଅଭାବ ତଥା ଯୋଗାଣରେ ଚାଲିଥିବା ଅବ୍ୟବସ୍ଥା ଓ ଦୁର୍ନୀତିକୁ ରୋକିବାକୁ ଯଦି ସମୟୋଚିତ ପଦକ୍ଷେପ ନିଆନଯାଏ, ତେବେ କୃଷି ଉତ୍ପାଦନରେ ବ୍ୟାଘାତ ସୃଷ୍ଟି ହେବ। ଏହାସହ ଚାଷୀ ଭାଇଭଉଣୀଙ୍କ ଜୀବିକାକୁ ମଧ୍ୟ ଏହା ପ୍ରଭାବିତ କରିବ ବୋଲି ଶ୍ରୀ ପଟ୍ଟନାୟକ ସତର୍କ କରିଦେଇଛନ୍ତି।

### ଜିଏସ୍‌ଟି ସଂଶୋଧନରେ...

ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨ ତାରିଖରେ ଆଉ ଏକ ବୈଠକ କରାଯିବ। ଏ ବିଷୟରେ ଅଧିକ ଚର୍ଚ୍ଚା କରି ଜିଏସ୍‌ଟି ପରିଷଦରେ ଦାବି ଉପସ୍ଥାପନ କରାଯିବ। କର୍ଣ୍ଣାଟକ ଅର୍ଥମନ୍ତ୍ରୀ କୃଷ୍ଣ ବାୟେର ଗୌଡ଼ା କହିଥିଲେ ଯେ ଜିଏସ୍‌ଟି ହାର ପରିବର୍ତ୍ତନ ଦ୍ୱାରା ରାଜ୍ୟମାନଙ୍କ ରାଜସ୍ୱ ୧୫ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇବ। ଏହା ରାଜସ୍ୱ ସ୍ଥିତିକୁ ଅସ୍ଥିର କରିଦେବ। ତେଣୁ ସ୍ଥିରତା ଆସିବା ପର୍ଯ୍ୟନ୍ତ କେନ୍ଦ୍ର ଏହି କ୍ଷତିକୁ ଭରଣା କରୁ। ଏଥିପାଇଁ ୫ ବର୍ଷ ଯାଏ କ୍ଷତିପୂରଣ ପ୍ରଦାନ କରାଯାଉ। ଜିଏସ୍‌ଟି କାର୍ଯ୍ୟକାରୀ ହେବା ସମୟରେ ରେଭିନ୍ୟୁ ନ୍ୟୁଟ୍ରାଲ ରେଟ(ଆରଏନଆର) ୧୪.୪ ପ୍ରତିଶତ ଥିଲା। ଏବେ ସୁଧ ହାର ହ୍ରାସ ପାଇଁ ୧୧ ପ୍ରତିଶତ ହେଲାଣି। ସ୍ଲାବ ହ୍ରାସ ହେଲେ ସୁଧ ହାସ ହ୍ରାସ ପାଇ ୧୦ ପ୍ରତିଶତରେ ପହଞ୍ଚିଯିବ।

ଗୌଡ଼ାଙ୍କ ଅନୁଯାୟୀ ବିଳାଶପୂର୍ଣ୍ଣ ସାମଗ୍ରୀ ଏବଂ ମାଦକ ଦ୍ରବ୍ୟ ଉପରେ ୪୦ ପ୍ରତିଶତ ସ୍ଲାବ ଲଗାଇବା ପାଇଁ କେନ୍ଦ୍ର ନିଷ୍ପତ୍ତି ନେଇଛି। ଏଥିରୁ ଯେଉଁ ରାଜସ୍ୱ ମିଳିବ ତାହାକୁ ରାଜ୍ୟମାନଙ୍କୁ ଦିଆଯାଉ। ଏହା ବ୍ୟତୀତ ଏ ସବୁ ସାମଗ୍ରୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇ ରାଜସ୍ୱକୁ ରାଜ୍ୟମାନଙ୍କୁ ବଣ୍ଟା ଯାଇପାରିବ। ହିମାଚଳ ପ୍ରଦେଶ ମନ୍ତ୍ରୀ ରାଜେଶ ଧର୍ମାଣୀ କହିଛନ୍ତି ଯେ ଜିଏସ୍‌ଟି ସ୍ଲାବ ହ୍ରାସକୁ ସମର୍ଥନ କରୁଛୁ। କିନ୍ତୁ ଏହା ବଦଳରେ କ୍ଷତିପୂରଣ ମିଳିବା ଉଚିତ। ସେହିପରି ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ଲାବ ହ୍ରାସ ହେଲେ ରାଜ୍ୟ ବର୍ଷକୁ ୭ ହଜାର କୋଟି ଟଙ୍କା ହରାଇବ।

### ବଢୁଛି ରାଜନୈତିକ...

ତାଲିକାରୁ ବାଦ୍ ପଡ଼ିଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ନୂଆ ସରକାର ଏହି ତାଲିକାକୁ ବୃଦ୍ଧି କରିବା ପରିବର୍ତ୍ତେ ଏନଏସି ସଂଖ୍ୟା ହ୍ରାସ କରି ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ଗୁଣାତ୍ମକ ପୌର ସେବାରୁ ବଞ୍ଚିତ କରାଯାଉଛି ବୋଲି ଅଭିଯୋଗ ହୋଇଛି।

କେବଳ ନୂଆ ଏନଏସି ମାନ୍ୟତା ନୁହେଁ, ପୌରସଂସ୍ଥା ଗୁଡ଼ିକରେ କର୍ମଚାରୀ ଅଭାବ, ସ୍ୱତନ୍ତ୍ର କ୍ୟାଡର ନହେବା ମଧ୍ୟ ପୌରାଞ୍ଚଳରେ ବିକାଶ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରୁଛି। ସେହିପରି ପୌରସଂସ୍ଥାଗୁଡ଼ିକରେ ମାତ୍ରାଧିକ ରାଜନୈତିକ ହସ୍ତକ୍ଷେପ, ପୌରାଞ୍ଚଳ ଦଖଲ ପାଇଁ ଶାସକ ଦଳର ଚକ୍ରାନ୍ତ ମଧ୍ୟ ବିକାଶରେ ବାଧକ ସାଜିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସମ୍ବଲପୁର ମହାନଗର ନିଗମ ଗଠନକୁ ୧୨ ବର୍ଷ ପୂରିବାକୁ ବସିଥିବା ବେଳେ ୧୧ ବର୍ଷ ହେଲାଣି ରାଉରକେଲା ମହାନଗର ନିଗମ ଗଠନ ହୋଇଛି। ମାତ୍ର ଉଭୟ ମହାନଗର ନିଗମରେ ଆଜି ପର୍ଯ୍ୟନ୍ତ ପୌର ନିର୍ବାଚନ ହୋଇପାରିଲା ନାହିଁ। ନିୟମାନୁଯାୟୀ ସ୍ଥାନୀୟ ପୌରସଂସ୍ଥା ଭଙ୍ଗ ହେବାର ୬ ମାସ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବା କଥା। କିନ୍ତୁ ନିର୍ବାଚନ ନହୋଇ ପ୍ରଶାସକ ଭାବେ ଜିଲ୍ଲାପାଳ ସମ୍ବଲପୁର ମହାନଗର ନିଗମ ପରିଚାଳନା କରୁଛନ୍ତି। ଫଳରେ ବର୍ଷ ବର୍ଷ ଧରି ସମ୍ବଲପୁର ମହାନଗରରେ ସରକାରୀ ବାବୁଙ୍କ ଶାସନ ଚାଲିଛି। ଜନସାଧାରଣଙ୍କ ସମସ୍ୟାକୁ ନେଇ ଉପସ୍ଥାପିତ କରିବା ପାଇଁ ଜନପ୍ରତିନିଧି ନାହାଁନ୍ତି। ମହାନଗର ନିଗମର ୪୧ଟି ୱାର୍ଡରେ ଜନପ୍ରତିନିଧି ଥିଲେ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଲୋକେ ସିଧାସଳଖ ପ୍ରଶାସନ ସହିତ ଯୋଡ଼ି ହୋଇପାରନ୍ତେ। ମହାନଗରରେ ବିଭିନ୍ନ ସମସ୍ୟାକୁ ନେଇ ଲୋକେ ହଇରାଣ ହେଉଛନ୍ତି। ସମାନ ସମସ୍ୟା ରାଉରକେଲା ମହାନଗର ନିଗମରେ ମଧ୍ୟ ଦେଖିବାକୁ ମିଳୁଛି। ଉଭୟ ମହାନଗର ନିଗମରେ ଖୁବଶୀଘ୍ର ନିର୍ବାଚନ କରିବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

### ଆହୁରି ୪ ଦିନ...

ବେଗ ୩୦ରୁ ୪୦କିମି ରହିବ। ମୟୂରଭଞ୍ଜ, କେନ୍ଦୁଝର, ରାୟଗଡା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକରେ ୭ ସେମିରୁ ୧୧ ସେମି ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ପ୍ରବଳ ବର୍ଷା ନେଇ ସମ୍ପୂର୍ଣ୍ଣ ଓଡ଼ିଶାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ସହ ୩୦ରୁ ୪୦କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। କିଛି ଜିଲ୍ଲାରେ ମଧ୍ୟମଧରଣର ବର୍ଷା ହେଲେ ବି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୨ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ଗଞ୍ଜାମ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବ। ସେପ୍ଟେମ୍ବର ୩ ତାରିଖରେ ଆଉ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରଭାବରେ ନୟାଗଡ଼, ଗଞ୍ଜାମ, ସୁନ୍ଦରଗଡ଼ ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ହେବାନେଇ ବିଭାଗ ଆକଳନ କରିଛି।

### ଚଳନ୍ତା ଭ୍ୟାନ୍‌ରେ...

ସେଠାରେ ଜଣେ ଯୁବତୀଙ୍କୁ କମ୍ପାନୀରେ ଚାକିରି ଦେବାକୁ କହି ଏକ ଓମନି ଭ୍ୟାନରେ ଉଦଳା ନେଇଥିଲା। ସନ୍ଧ୍ୟା ୬ରୁ ସାଢ଼େ ୬ଟା ମଧ୍ୟରେ ଭ୍ୟାନଟି ଉଦଳା-କପ୍ତିପଦା ରାସ୍ତାର ଏକ ବିଦେଶୀ ମଦ ଦୋକାନଠାରୁ କିଛି ଦୂରରେ ଅଟକିଥିଲା। ପରେ ଆଉ ୪ ଜଣ ଯୁବକ ସେଠାରେ ପହଞ୍ଚିଥିଲେ। ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀ ଭ୍ୟାନ ଭିତରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ। ସେମାନଙ୍କ ମଧ୍ୟରୁ ଅନ୍ୟ କେତେଜଣ ସହଯୋଗ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ତେବେ ପୁଲିସ ଘଟଣାର ସବିଶେଷ ବିବରଣୀ ଗଣମାଧ୍ୟମକୁ ପ୍ରଦାନ କରିନାହିଁ। ପୁଲିସ ଏକ ମାମଲା ରୁଜୁ କରିଛି। ତଦନ୍ତ ପରେ ସମସ୍ତ ବିବରଣୀ ପ୍ରଦାନ କରାଯିବ ବୋଲି ଏସପି ବରୁଣ ଗୁଣ୍ଟୁପାଲ୍ଲି କହିଛନ୍ତି। ଭ୍ୟାନ୍ ଚାଳକଜଣଙ୍କ ନାବାଳକ ବୋଲି ଜଣାପଡ଼ିଛି।


ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ
ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

DSPL-236

ବିକାଶ ପଥେ "ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ "ନୀଳଗିରି

୧. ... ୯.

ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

OIPR-13179/11/013/0034/2526


## ସୀମାନ୍ତରେ ଲାଲବାହିନୀର ବର୍ବରକାଣ୍ଡ
# ଶିକ୍ଷକଙ୍କୁ ଅପହରଣ କରି ହତ୍ୟା



ମାଲକାନଗିରି, ୩୦।୮ (ସମିସ): ସୀମାନ୍ତରେ ଲାଲବାହିନୀର ବର୍ବରକାଣ୍ଡ। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବସ୍ତର୍ ଅଞ୍ଚଳରେ ଜଣେ ଶିକ୍ଷକଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ସେ ହେଲେ, ବିଜାପୁର ଜିଲ୍ଲାର କଲ୍ଲୁ ତାତି। ସେ ନେଣ୍ଡ୍ରା ସ୍କୁଲରେ ପିଲାମାନଙ୍କୁ ପାଠ ପଢ଼ାଇ ଘରକୁ ଫେରୁଥିବା ବେଳେ ନକ୍ସଲମାନେ ଶୁକ୍ରବାର ତାଙ୍କୁ ବାଟ ମଝିରୁ ଅପହରଣ କରିନେଇଥିଲେ। ଆଜି ତାଙ୍କୁ ହତ୍ୟା କରିବା ପରେ ଶବକୁ ରାସ୍ତାକଡ଼ରେ ଫିଙ୍ଗି ଦେଇଛନ୍ତି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, ୪ ଦିନ ତଳେ ମାଓବାଦୀମାନେ ଜଣେ ଶିକ୍ଷକଙ୍କୁ ହତ୍ୟା କରିଥିବା ବେଳେ ଆଜି ପୁଣି ଜଣେ ଶିକ୍ଷକଙ୍କୁ ହତ୍ୟାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି।

# ଉଛୁଳିଲା ହୀରାକୁଦ; ଜଳସ୍ତର ୬୨୪ ଫୁଟ୍ ପାର୍

ସମ୍ବଲପୁର,୩୦।୮ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୨୪.୩୯ ଫୁଟ୍‌ରେ ପହଞ୍ଚିଛି। ବର୍ତ୍ତମାନ ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଥିବା ବେଳେ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୧,୬୮୮ ଘନଫୁଟ ଜଳ ପ୍ରବେଶ କରୁଛି। ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୪୧୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ପ୍ରବାହିତ ହେଉ ନଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୭୯୪ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୪୦୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୩୩ ଫୁଟ୍ ରହିଥିଲା। ସୂଚନାଯୋଗ୍ୟ, ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୧.୪୭ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୨.୬୨ ମିମି ବର୍ଷା ହୋଇଛି।

# ବନ୍ଧୁକ ଦେଖାଇ ଯୁବକଙ୍କ ଆତଙ୍କ

ରାଜନଗର, ୩୦।୮ (ସମିସ): ସର୍ବସାଧାରଣରେ ଗାଳିଗୁଲଜ କରିବା ସହ ବନ୍ଧୁକ ଧରି ଆତଙ୍କ ଖେଳାଇବା ଘଟଣାରେ ରାଜନଗର ପୁଲିସ୍ ଜଣେ ଯୁବକଙ୍କୁ ଅଟକ ରଖିଛି। ସେ ହେଲେ, ପଶ୍ଚିମବଙ୍ଗ ଚବିଶପ୍ରଗଣା ଅଞ୍ଚଳ ଷଣ୍ଢିଖାଲ ଥାନା ଅନ୍ତର୍ଗତ ଦାଉଦପୁର ଗ୍ରାମର ମୃତ୍ୟୁଞ୍ଜୟ ମଣ୍ଡଳ(୩୦)। ପୁଲିସ୍ ସୂଚନାନୁଯାୟୀ, ମୃତ୍ୟୁଞ୍ଜୟ ଆଜି ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ଘାଟ ନିକଟରେ ପହଞ୍ଚିଥିଲେ। ସେଠାରେ ସେ ବଙ୍ଗଳାରେ ଲୋକଙ୍କୁ ଗାଳିଗୁଲଜ କରିବା ସହ ଏକ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିଥିଲେ। ତେବେ ଅତ୍ୟଧିକ ନିଶା ସେବନ କରିଥିବାରୁ ସେ ତଳେ ପଡ଼ିଯିବା ପରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ରାଜନଗର ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ସେଠାରେ ପହଞ୍ଚି ମୃତ୍ୟୁଞ୍ଜୟଙ୍କୁ ଥାନାକୁ ନେଇଥିଲା। ନିଶା ଛାଡ଼ିବା ପରେ ପୁଲିସ୍ ତାକୁ ପଚରାଉଚରା କରିଥିଲା। ଉତ୍ତରବଗପାଟିଆର ବାସୁଦେବ ମଣ୍ଡଳ ଚାଷ କାମ ପାଇଁ ମୃତ୍ୟୁଞ୍ଜୟ ସହ ୮ ଜଣଙ୍କୁ ଡକାଇଥିଲେ ବୋଲି ପୁଲିସ୍ ଜାଣିବାକୁ ପାଇଛି। ତେବେ ସେ ଗାଁକୁ ଯିବାକୁ ଗୁପ୍ତି ଆସୁଥିବା ବେଳେ ବାଟରୁ ବନ୍ଧୁକ ପାଇଥିଲା ବୋଲି ମୃତ୍ୟୁଞ୍ଜୟ ପୁଲିସ୍‌କୁ କହିଛି।

**ସ୍ଥାନୀୟ ଲୋକେ କାବୁ କରି ପୁଲିସ ଜିମାଦେଲେ**


ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୫ ଅବସରରେ ଖୋରଧା ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

ଆମ ପଦକ୍ଷେପ

- ସହରକୁ ସମ୍ପୂର୍ଣ୍ଣ ରୂପେ ଟ୍ରାଫିକ୍ ନିୟନ୍ତ୍ରଣମୁକ୍ତ କରିବା ନିମନ୍ତେ ରାସ୍ତାକଡ଼ରେ ଥିବା ଉଠା ଦୋକାନୀମାନଙ୍କୁ ଭେଣ୍ଡିଂ ଯୋଜନା ମାଧ୍ୟମରେ ୪ଗୋଟି ନୂତନ ଭେଣ୍ଡିଂ ଜୋନ୍ ଓ ପିଣ୍ଡି ନିର୍ମାଣ କରାଯାଇ ଥଇଥାନ କରାଯିବା ପାଇଁ ପ୍ରୟାସ ।
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଯୋଜନାରେ ସହରର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷେପ ।
- ସହଯୋଗ ଯୋଜନାରେ ସମସ୍ତ ସରକାରୀ ଯୋଜନାର ଉପଯୋଗୀତା ଓ ସହଭାଗୀତା ହେବା ନିମନ୍ତେ ସହରର ସମସ୍ତ ଜନସାଧାରଣଙ୍କୁ ସଚେତନତା କରାଇବା ନିମନ୍ତେ ପ୍ରୟାସ ।
- ଖୋରଧା ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

ପୌରବାସୀଙ୍କୁ ଅନୁରୋଧ

- ଆସନ୍ତୁ ଏକ ଶାନ୍ତ, ସମୃଦ୍ଧ, ବିକଶିତ ଓ ସୌହାର୍ଦ୍ଦପୂର୍ଣ୍ଣ ଖୋରଧା ଗଢିବା ।
- ନିର୍ଦ୍ଧାରିତ ସମୟରେ ପରିଷଦର ସମସ୍ତ ଟିକସ ଦାଖଲ କରି ସହରର ଉନ୍ନତିରେ ସହାୟକ ହୁଅନ୍ତୁ ।
- ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
- ପଲିଥିନ୍ ମୁକ୍ତ ଖୋରଧା ସହର କରିବା ପାଇଁ ପ୍ରୟାସ ଜାରି ରଖନ୍ତୁ ।
- ହର ଘର ସ୍ୱଚ୍ଛତା ସମୂହ ସଫେଇ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାନ୍ତୁ ।
- ଆସନ୍ତୁ ଖୋରଧା ସହରକୁ ସବୁଜ ସ୍ୱଚ୍ଛ ରୂପେ ଗଢିତୋଳିବା ।

ରିଜ୍‌ୱାନା କଅକବ୍, (ଓ.ପ୍ର.ସେ.) ନିର୍ବାହୀ ଅଧିକାରୀ ପୌର ପରିଷଦ, ଖୋରଧା

ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି ପୌରାଧକ୍ଷା ପୌର ପରିଷଦ, ଖୋରଧା

ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧକ୍ଷ ଓ ସମସ୍ତ ସଭ୍ୟ-ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା

DSPL-229

OIPR-13082/13/0034/2526



Office of the District Manager
Odisha State Civil Supplies Corporation Ltd. (OSCSC)
Sundargarh (District)
Phone: 94382-00060
District Website: https ://sundargarh.odisha.gov .in/
Tender No. 2642, 2643, 2644, 2645 of Level-II & 2658 of Level-I
Dt. 26.08.2025

CAD-1613

District Manager, Odisha State Civil Supplies Corporation Ltd., Sundargarh invites tenders in Double Cover System through ONLINE MODE ONLY for the works below:-

| | | |
|---|---|---|
| 1 | Name of the work | Selection and appointment of Level-I Transport Contractor for transportation of wheat from FSD/FCI to RRCs and Level-II Transport Contractors for transportation of food grains under PDS from RRCs to FPS points in Sundargarh district for the biennial 2025-27. |
| 2 | Availability of bid document in the portal | From 30.08.2025 |
| 3 | Pre-Bid conference of tenderers | Dt. 02.09.2025 at 11:00 AM |
| 4 | Last Date / Time for receipt of bids in the portal | Dt. 16.09.2025 up-to 05:30 (PM) |
| 5 | Date/Time of Opening of Technical Bid | Level-I & Level-II Transport Contractors – 17.09.2025 at 11:00 AM<br>Place: Office Chamber of ADM (General), Sundargarh |
| 6 | Date of submission of original documents in support of scanned copies uploaded in the portal for verification | Level-I & Level-II Transport Contractors – 17.09.2025 at 11:00 AM |
| 7 | Name and address of the Officer Inviting Tender | District Manager, OSCSC Ltd., Sundargarh |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website.
Amendments/ Corrigendum/ Cancellation/ Re-tenders etc. if any shall be published only in above websites.

District Manager
OSCSC Ltd., Sundargarh

OIPR-07017/11/0009/2526



## ଚୌଦ୍ୱାର ପୌରପରିଷଦ, ଚୌଦ୍ୱାର

ଚୌଦ୍ୱାର ପୌରପରିଷଦ ଅଂଚଳର ଗୋଡ଼ିପାଟଣା ସ୍ଥିତ ଇନ୍ଦୁପୂର୍ଣ୍ଣିମା ମହୋତ୍ସବ ଅବସରରେ ନଗରବାସୀଙ୍କର ସର୍ବଦା ଉନ୍ନତି କାମନା କରି ଶୁଭେଚ୍ଛା ଜଣାଇବା ସହିତ ନିମ୍ନ ପଦକ୍ଷେପ ନେବା ନିମନ୍ତେ ପୌରବାସୀଙ୍କ ସହଯୋଗ କାମନା କରୁଅଛୁ । ସମସ୍ତ ୱାର୍ଡ଼ର ଜନସାଧାରଣଙ୍କ ସୁବିଧା ଅନୁଯାୟୀ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ଆମ୍ଭେ ସଙ୍କଳ୍ପବଦ୍ଧ । ଆସନ୍ତୁ ଆମ୍ଭେ ସମସ୍ତେ ମିଳିମିଶି ଏକ ବିକାଶଶୀଳ ଓ ସମୃଦ୍ଧ ଚୌଦ୍ୱାର ଗଠନ କରିବାରେ ସହାୟକ ହେବା ଏବଂ ଚୌଦ୍ୱାରକୁ ଏକ ସୁନ୍ଦର ଓ ପ୍ରଗତିଶୀଳ ପରିଷଦ ଭାବେ ଗଢିତୋଳିବା ।

ନିମ୍ନଲିଖିତ ଯୋଜନା ଗୁଡ଼ିକୁ ଆମ ସହରର ଉନ୍ନତି ପାଇଁ ଆମ୍ଭେ ସେବା ପ୍ରଦାନ କରିଆସୁଅଛୁ ।

୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି । ଏଣୁ ସଠିକ୍ ସମୟରେ ଘର ଏବଂ ଆଲୋକ ଟିକସ, ଦୋକାନ ଘର ଭଡ଼ା, ଲାଇସେନ୍ସ ଫି, ୟୁଜର୍ସ ଫି ପଇଠ କରନ୍ତୁ ।
୨. ଚୌଦ୍ୱାର ପୌରପରିଷଦର ସମସ୍ତ ବକେୟା କର ପୈଠ କରନ୍ତୁ ଓ ସରକାରଙ୍କ ସମସ୍ତ ସୁବିଧାକୁ ଉପଭୋଗ କରନ୍ତୁ ।
୩. ଚୌଦ୍ୱାର ପୌରପରିଷଦର ମୂଲ୍ୟବାନ ସରକାରୀ ଜମିଗୁଡ଼ିକୁ ବେଆଇନ ଭାବରେ ଜବରଦଖଲ କରନ୍ତୁ ନାହିଁ ।
୪. ପୌରାଂଚଳର ବିଭିନ୍ନ ରାସ୍ତାରେ ନିଜର ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ଏବଂ ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
୫. ରାସ୍ତା ଗୁଡିକ ଉପରେ ନିଜ ନିଜ ଘରର ନିର୍ମାଣ ସାମଗ୍ରୀ ଯଥା-ବାଲି, ଗୋଡ଼ି, ଇଟା, ପଥର, ଚିପ୍ସ ଇତ୍ୟାଦି ଗଦା କରି ରଖନ୍ତୁ ନାହିଁ କିମ୍ବା ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୬. ଚୌଦ୍ୱାର ପୌରପରିଷଦର ବିଭିନ୍ନ ୱାର୍ଡ଼ରେ ଥିବା ସମ୍ପଦ କେନ୍ଦ୍ର (MCC & MRF) କୁ ବିଭିନ୍ନ ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ କର୍ମୀଙ୍କ ଜରିଆରେ ନିଜ ଗୃହର (ଓଦା ଓ ଶୁଖିଲା) ବର୍ଜ୍ୟବସ୍ତୁକୁ ଅଲଗା ଅଲଗା କରି ଦିଅନ୍ତୁ ଏବଂ ଏକ ସ୍ୱଚ୍ଛ ଓ ସୁସ୍ଥ ଚୌଦ୍ୱାର ଗଠନ କରିବାରେ ସହଯୋଗ କରନ୍ତୁ ।
୭. ଚୌଦ୍ୱାର ପୌରପରିଷଦର ୦୩ (ତିନି) ଗୋଟି ଖତ ଉତ୍ପାଦନ କେନ୍ଦ୍ରରେ ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା "ମୋ ଖତ" କୁ ନିଜ ନିଜ ଘରେ ବ୍ୟବହାର କରନ୍ତୁ ।

ଆମ ସଙ୍କଳ୍ପ ଓ ପରିକଳ୍ପନା :-

୧. ୱାର୍ଡ଼ ନଂ.୧ ରେ ବିରୂପା ନଦୀ କୂଳର ମାଗୁରାଠାରେ ଜନସାଧାରଣଙ୍କ ଆମୋଦ ପ୍ରମୋଦ ନିମନ୍ତେ ୧୦ କୋଟି ଟଙ୍କା ବ୍ୟୟରେ ଏକ ସୁନ୍ଦର ବୋଟିଂ କମ୍ପ୍ଲେକ୍ସ ଓ ସ୍ମାର୍ଟ ପାର୍କ ନିର୍ମାଣ ।
୨. ଚୌଦ୍ୱାର ପୌରପରିଷଦର ୱାର୍ଡ଼ ନଂ.୦୨ ର ରତ୍ନେଶ୍ୱର ଠାରେ ଏକ କୋଟିରୁ ଊର୍ଦ୍ଧ୍ୱ ବ୍ୟୟରେ ଏକ ଅତ୍ୟାଧୁନିକ ମଡେଲ୍ ଶବଦାହ କେନ୍ଦ୍ର ନିର୍ମାଣ ।
୩. ଚୌଦ୍ୱାରର ସମସ୍ତ ୱାର୍ଡ଼ରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଜରିଆରେ ପାଖାପାଖି ୧୦ କୋଟି ଟଙ୍କା ବ୍ୟୟରେ ନୂତନ ଭାବେ ଅତ୍ୟାଧୁନିକ Park, Multi Gym, Open Space Beautification, Jogging Track, କାନ୍ଥ ଚିତ୍ରକଳା ଇତ୍ୟାଦିର ନିର୍ମାଣ ।
୪. ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ସମସ୍ତ ୱାର୍ଡ଼ରେ ପାଖାପାଖି ୨୦ କୋଟି ଟଙ୍କା ବ୍ୟୟରେ ନୂତନ Paver Road & Covered Drain ନିର୍ମାଣ ।
୫. ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୱାର୍ଡ଼ ନଂ.୦୬, ୧୦, ୧୪ ଏବଂ ୧୭ ରେ ୪ ଗୋଟି ଅତ୍ୟାଧୁନିକ ବହୁମୁଖୀ କେନ୍ଦ୍ର (Multi-Purpose Centre) ନିର୍ମାଣ ଓ ୱାର୍ଡ଼ ନଂ.୦୧, ୦୪, ୦୯, ୧୦, ୧୨, ୧୭, ୧୮ ଏବଂ ୧୯ ରେ ୦୮ ଗୋଟି ବୃହତ LED Web-Board ନିର୍ମାଣ କରାଯାଇଅଛି ।
୬. ଚୌଦ୍ୱାର ପୌରାଂଚଳର ବିଭିନ୍ନ ୱାର୍ଡ଼ରେ (୦୯) ନଅ ଗୋଟି ପର୍ଯ୍ୟାୟରେ ଆବାସ ଯୋଜନା ୧.୦ ଜରିଆରେ ପାଖାପାଖି ୧୧୫୦ ଜଣ ଏବଂ ଆବାସ ଯୋଜନା ୨.୦ ଜରିଆରେ ୧୩୭ ଜଣ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ନୂତନ ଗୃହ ନିର୍ମାଣ ନିମନ୍ତେ ସହାୟତା ରାଶି ପ୍ରଦାନ କରାଯାଇଅଛି ।


ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ମିଶ୍ର
ନିର୍ବାହୀ ଅଧିକାରୀ, ଚୌଦ୍ୱାର ପୌରପାଳିକା


ଶ୍ରୀଯୁକ୍ତ ଶୁଭେନ୍ଦୁ ସାମଲ
ଉପାଧ୍ୟକ୍ଷ, ଚୌଦ୍ୱାର ପୌରପରିଷଦ


ଶ୍ରୀମତୀ ମାନସୀ ସର୍ବପ୍ରଭା ସାମଲ
ଅଧ୍ୟକ୍ଷା, ଚୌଦ୍ୱାର ପୌରପରିଷଦ

ଓ
ସମସ୍ତ ପାରିଷଦ ବୃନ୍ଦ

"ସ୍ୱଚ୍ଛ ଚୌଦ୍ୱାର, ସୁସ୍ଥ ଚୌଦ୍ୱାର – ଆପଣଙ୍କ ସହଯୋଗ, ଆମର କାମନା"



**AFFIDAVIT**

I, B Mahalaxmi, W/o- R Bhagaban, resident of At- Bikrampur, Po- Golabandha, Dist- Ganjam, PIN-761052, Odisha declared by this affidavit No-704, dtd- 29/08/2025 that now onwards I shall be known as **R MAHALAXMI** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 20/08/2025. I, **Susanta Kumar Rana** (Applicant name), S/O- Arthtrana Rana, Permanent resident of At- Naren, P.O. Naren, P.S. Titilagarh, Dist- Balangir, (Odisha), PIN- 767066, now residing at the same place affirm that I have changed my minor daughter's name from **Susanta Kumar Rana** (old name) to **Eshita Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Eshita Rana** (new name).

**Susanta Kumar Rana**

**AFFIDAVIT**

I, Swathi Nalla, D/o- Venkateswarlu Korukonda, resident of Duplex Villa Ultra 45, Pristine Greens, Phase-II, Kokila Resort, Pokhariput, Po- Dumduma Housing Board Colony, Dist-Khurda, PIN- 751019, Odisha declared by this affidavit No- 707, dtd- 30/08/2025 that now onwards I shall be known as **KORUKONDA SWATHI** for all future purposes.

**AFFIDAVIT**

I, Namita Roy, D/o- Bhikari Charan Satapathy, resident of Flat No-112, Arcon Retreat, Patia, Kalarahanga, KIIT, Bhubaneswar, Dist- Khurda, PIN- 751024, Odisha declared by this affidavit No-703, dtd- 29/08/2025 that now onwards I shall be known as **NAMITA SATAPATHY** for all future purposes.

**AFFIDAVIT**

By virtue of an affidavit No.3548, Dtd.26.08.2025 sworn before the Executive Magistrate, Jaleswar I, Sadasib Behera, S/o. Bansidhar Behera, At/Po. Mohammad nagarpatana, Ps. Jaleswar, Dist. Balasore, Pin- 756086, Odisha renounce, relinquish and abandon the use of my son former name Somya Behera (old name) instead of Soumyajit Behera (New name). Henceforth, he will be known as Soumyajit Behera for all purposes.

**AFFIDAVIT**

By the virtue of an affidavit executed before the Executive Magistrate, Bhubaneswar. I Togapur Pavan Kumar, aged about 43 years, S/O Togapur Rajeshwar Rao resident of Bhubaneswar, Odisha do hereby solemnly affirm that, my actual name is Togapur Pavan Kumar as per Aadhar Card bearing No: 6996 2540 5331 and my son's birth certificate bearing No-2848 issued by GHMC, Govt of Telangana. But in my son Anirudh Goutam Togapur Transfer Certificate bearing admission number-A19BR109 and TC No - 191, my name is mentioned as T Pavan Kumar instead of Togapur Pavan Kumar. That, this affidavit is required to be produced before the concerned authority for information and necessary action as and when required.

**Sd/- Togapur Pavan Kumar**

**AFFIDAVIT**

I, Soumya Das, D/o Sumanta Kumar Das, resident of Handa, Po- Bangiriposhi, Ps- Bangiriposhi, Dist- Mayurbhanj, Pin-757032, Odisha, declare by this affidavit No.48 Dated 30.08.2025 that now onwards, I shall be known as **Soumya Das** for all future purposes.

**Soumya Das**

**AFFIDAVIT**

By virtue of an Affidavit before Notary Public, Malkangiri, I, **Santoshi Gain**, aged about 26 years, W/o.: Anand Gain, D/o.: Ratan Dey resident of Village: M.V-71, PO.: Nalagunthi, P.S.: Kalimela, Dist.: Malkangiri, Odisha, declare by this Affidavit No.: 1045/2025, Dated: 20.08.2025 that I have changed my name from Santoshi Dey to **Santoshi Gain**. Henceforth I shall be known as **Santoshi Gain** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Fulamati Kirtania**, aged about 57 years, W/o.: Biswanath Kirtania resident of Village: M.V-6, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 861/25, Dated: 30.08.2025 that I have changed my name from Fulamati Kirttaniya to **Fulamati Kirtania**. Henceforth I shall be known as **Fulamati Kirtania** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Gangaram Madi**, aged about 58 years, S/o.: Late Sambharu Madi resident of Village: Balguda (Titang), PO.: Tandiki, P.S./Dist.: Malkangiri, Odisha, declare by this Affidavit No.: 1431/2025, Dated: 30.08.2025 that I have changed my name from Gangaram Madhi to **Gangaram Madi**. Henceforth I shall be known as **Gangaram Madi** for all future purposes.

**AFFIDAVIT**

I, Basant Kumar Nayak, S/o- Mahendra Prasad Nayak, resident of Plot No- 5/379, IRC Village, Nayapalli, Bhubaneswar, Dist- Khurda, PIN- 751015, Odisha declared by this affidavit No- 706, dtd- 30/08/2025 that now onwards I shall be known as **BASANTA KUMAR NAYAK** for all future purposes.



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST -374E, ତା.23.08.2025ରିଖ

**କାର୍ଯ୍ୟର ନାମ :** ଭଦ୍ରକ - ନିର୍ଗୁଣ୍ଡି ସେକ୍ସନ ପାଇଁ 2TR କ୍ଷମତା ବିଶିଷ୍ଟ ପ୍ରିସିଜନ୍ ଏସି ଏବଂ 2TR ସ୍ପିଲ୍ଟ ଏସି ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 86.06 ଲକ୍ଷ, EMD : ₹ 1,72,100.00, କାର୍ଯ୍ୟ ଶେଷ ହେବା ଅବଧି : 9 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.09.2025ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ୍ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରେ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।


ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-III)/ ଭୁବନେଶ୍ୱର

PR-89/CI/25-26

ସକାଳ
THE SAKALA

www.sakalaepaper.com

### ଚନ୍ଦ୍ରାଦେଇପୁର ପଞ୍ଚାୟତ ବାରିକସାହି ଓ ବେହେରାସାହି ରାସ୍ତା ଶୋଚନୀୟ



# ବର୍ଷା ପାଣି ଜମୁଛି; ପଥଚାରୀ ହନ୍ତସନ୍ତ

ସାଲେପୁର,୩୦।୮ (ସମିସ):

ଚନ୍ଦ୍ରାଦେଇପୁର ପଞ୍ଚାୟତର ୨ଟି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାର ମରାମତି କରା ନଯିବା ଓ ରାସ୍ତାରୁ ପାଣି ନିଷ୍କାସନ ବ୍ୟବସ୍ଥା କରାଯାଉ ନଥିବାରୁ ଲୋକମାନେ ବାଧ ହୋଇ ପାଣିକାଦୁଅରେ ପଶି ଯାତାୟାତ କରିଲ ହନ୍ତସନ୍ତ ହେଉଛନ୍ତି। ଅଭିଯୋଗ କଲେ ମଧ ଏ ଦିଗରେ କେହି କର୍ଣ୍ଣପାତ କରୁନାହାନ୍ତି। ପାଣି କାଦୁଅପୂର୍ଣ୍ଣ ରାସ୍ତାରେ କୁନି କୁନି ସ୍କୁଲ ପିଲାଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାମାନେ ଯାତାୟାତ କରିବାକୁ ବାଧ ହେଉଛନ୍ତି।

ପ୍ରକାଶ ଯେ ସାଲେପୁର ବ୍ଲକ୍ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ସ୍କୁଲର ଦକ୍ଷିଣ ପାଶ୍ୱର୍ ବାରିକ ସାହି ରାସ୍ତା ଦୀର୍ଘଦିନ ହେବ ପାଣି କାଦୁଅରେ ପରିପୂର୍ଣ୍ଣ ହେବା ସହ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ମାନ ସୃଷ୍ଟି ହୋଇଛି। ଏହି ରାସ୍ତାରୁ ବର୍ଷାଜଳ ନିଷ୍କାସିତ ହୋଇପାରୁନ ଥିବାରୁ ରାସ୍ତାରେ ପାଣି ଜମି ହୋଇ ରାସ୍ତାଟି ଅଧିକ କ୍ଷତିଗ୍ରସ୍ତ ହୋଇଛି। ଅଧିକାଂଶ ସ୍ଥାନରେ କାଦୁଅ ଜମା ହୋଇରହିଛି। ଫଳରେ ଏହି ରାସ୍ତାରେ ନିୟମିତ ଯାତାୟାତ କରୁଥିବା ପଥଚାରୀମାନେ ପାଣି ଭିତରେ ଥିବା ଗର୍ତ୍ତକୁ ଜାଣି ନପାରି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ବିଦ୍ୟାଳୟର କୁନି କୁନି ପିଲାମାନେ ବାଧ ହୋଇ ଏହି ପାଣିରେ ଯାତାୟାତ କରୁଛନ୍ତି। ଏହି ରାସ୍ତା ଉପରେ ବାରିକସାହି, ଭୂୟାଁସାହି, ମହାପାତ୍ର ସାହିର ଲୋକମାନେ ନିର୍ଭରଶୀଳ; ଯାହା କି ଅତ୍ୟନ୍ତ ଦୟନୀୟ ହୋଇପଡିଛି। ସେହିପରି ଚନ୍ଦ୍ରାଦେଇପୁର ସ୍କୁଲର ପଛପଟ ରାସ୍ତାଟି ଏହି ରାସ୍ତା ପରି ସମାନ୍ ପରିସ୍ଥିତିରେ ରହିଛି। କୁଆଁପାଳ ମୁଖ୍ୟ ରାସ୍ତାରୁ ବେହେରା ସାହିକୁ ସଂଯୋଗ କରୁଥିବା ଏହି ରାସ୍ତାରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନଥିବାରୁ ଏହି ରାସ୍ତାରେ ଆଣ୍ଠୁଏ ଲେଖାଁ ପାଣି ଜମି ରହିବା ସହ ରାସ୍ତାଟି ଅତ୍ୟନ୍ତ ଖରାପ ହୋଇରହିଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀ ଓ ଛୋଟ ଛୋଟ ପିଲାମାନେ ବାଧେ ହୋଇ ପାଣିରେ ପଶି ଯାତାୟାତ କରୁଛନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଉଭୟ ରାସ୍ତାକୁ ଉଚ୍ଚ କରିବା ସହ ରାସ୍ତା ମରାମତି କରିବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ମଧୁବୈଶ୍ୟ ସମାଜର ନୂତନ ମନ୍ଦିର ଓ ଗୋଷ୍ଠୀକେନ୍ଦ୍ରର ଶିଳାନ୍ୟାସ



ସାଲେପୁର,୩୦।୮ (ସମିସ): ଗଣପତି ମଧୁ ବୈଶ୍ୟ ସମାଜ ସାଲେପୁର, ନିଶ୍ଚିନ୍ତକୋଇଲି, ମାହାଙ୍ଗା ଆନୁକୂଲ୍ୟରେ ସାଲେପୁର ବ୍ଲକ୍‌ର ଚନ୍ଦ୍ରାଦେଇପୁର ଗ୍ରାମରେ ଅନୁଷ୍ଠାନର ନିଜସ୍ୱ ଜମି ଉପରେ ଏକ ମନ୍ଦିର ଓ ଗୋଷ୍ଠୀକେନ୍ଦ୍ରର ଶିଳାନ୍ୟାସ କରାଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଏହି ଅବସରରେ ଯୋଗ ଦେଇଥିଲା ବେଳେ ମଧୁ ବୈଶ୍ୟ ସମାଜ ପାଇଁ ଜମି ଦାନ କରିଥିବା ଅରୁଣା କୁମାରୀ ସାହୁଙ୍କ କରକମଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଦୈତାରୀ ସାହୁଙ୍କ ଅଧକ୍ଷତାରେ ସହ ସଂପାଦକ ମନୋଜ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମାନସ ରଂଜନ ସାହୁ, କ୍ଷୀରୋଦ କୁମାର ସାହୁ, ପରିକ୍ଷୀତ ସାହୁ, ଭାସ୍କର ଚନ୍ଦ୍ର ସାହୁ, ନଗେନ୍ଦ୍ର ସାହୁ, ଚିତ୍ତରଂଜନ ସାହୁ, ପ୍ରସନ୍ନ କୁମାର ମଲ୍ଲ, ପ୍ରଦୀପ୍ତ କୁମାର ସାହୁ, ସୌମ୍ୟରଂଜନ ମଲ୍ଲ, ବରିଷ୍ଠ ସଭ୍ୟ ନାରାୟଣ ସାହୁ, ମାନସ ସାହୁ, ବ୍ରଜବନ୍ଧୁ ମଲ୍ଲ, ରତ୍ନାକର ସାହୁ, ଗଗନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଓଝରର ଜଳପ୍ରପାତରେ ପର୍ଯ୍ୟଟକ ନିଖୋଜ

ନରସିଂହପୁର,୩୦।୮ (ସମିସ): ନରସିଂହପୁର ବ୍ଲକ ଓଲବ ପଞ୍ଚାୟତରେ ଥିବା ପର୍ଯ୍ୟଟନସ୍ଥଳୀ ଦେଓଝର ଜଳପ୍ରପାତରେ ଜଣେ ଯୁବକ ଶନିବାର ସନ୍ଧ୍ୟାରେ ନିଖୋଜ ଥିବା ଜଣାପଡିଛି। କଟକ ଅଞ୍ଚଳରୁ ୬ ଜଣ ପର୍ଯ୍ୟଟକ ଆସିଥିଲେ। ସେଠିମଧ୍ୟରୁ ଜଣେ ଯୁବକ ନିଖୋଜ ରହିଥିବା ଅନ୍ୟ ପର୍ଯ୍ୟଟକ ଜାଣିଲା ପରେ ଖୋଜାଖୋଜି କରିଥିଲେ; ମାତ୍ର ତାଙ୍କୁ ପାଇଁ ନଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ମିଶି ଖୋଜିଥିଲେ। କୌଣସି ସନ୍ଧାନ ନପାଇବାରୁ ଉକ୍ତ ପର୍ଯ୍ୟଟକମାନେ କାନପୁର ଥାନାଧିକାରୀ ତପନ ନାୟକଙ୍କୁ ଅଭିଯୋଗ କରିଥିଲେ। ଥାନାଧିକାରୀ ବାଲିଝରି ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜିବା ଆରମ୍ଭ କରିଛନ୍ତି।

## ବିଭିନ୍ନ ସଂଗଠନ ପକ୍ଷରୁ ବୃକ୍ଷ ରୋପଣ





ନେମାଳ, ୩୦।୮ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତରେ ବାବା ଗୋରେଖନାଥ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚସଖା ମହାପୁରୁଷ ପୀଠରେ ଗୋଷ୍ଠୀର ସଭାପତି କବିତା ଦାସ, ସମ୍ପାଦିକା ପିଙ୍କିନା ରାଉତ, ବାସନ୍ତୀ ଦାସ, ଗୀତାଞ୍ଜଳି ଜେନା, ମମତା ରାଣୀ ଦାସ, ରଶ୍ମିତା ବେହେରା, ମମତା ଭୂୟାଁ, ମଧୁସ୍ମିତା ଭୂୟାଁ, ଅମ୍ବିକା ଦାସ, ପ୍ରମିଳା ବେହେରାଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରକୃତି ବନ୍ଧୁ ଅଭୟ ଜେନା ପରିଚାଳନା କରିଥିଲେ।

ଟାଙ୍ଗୀ: ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱାଳିସ୍ଥିତ ଶ୍ରମିକ କମ୍ୟୁନିଟ ସେଣ୍ଟର ପରିସରରେ ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓସିଏଲ ମଜଦୁର ସଂଘ ଓ ଡାଲମିଆ ସିମେଣ୍ଟ କମ୍ପାନୀ ଆନୁକୂଲ୍ୟରେ ଶୁକ୍ରବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ମୁଖ୍ୟ ପଙ୍କଜ ଗୁପ୍ତା, ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ବିକାଶ ମୂଖ୍ୟ ସୁଧିର ରଞ୍ଜନ ମହାନ୍ତି, ସିଏସଆର ମୂଖ୍ୟ କବିତା ସାହୁ ଓ କୃଷି ବିଭାଗର ମୁଖ୍ୟ ଗୁରୁଦତ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମଜଦୁର ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ସମ୍ପାଦକ ସଞ୍ଜୟ ମୁଦୁଲି, କୋଷାଧ୍ୟକ୍ଷ ସାରଦା ପାତ୍ର, ଶ୍ରୀନିବାସ ବେହେରା,ଜୀବନାନନ୍ଦ ସାମଲ, ରମେଶ ସେଠୀ ଓ ତପୋଇ ସେଠୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ■ ନାବାଳିକା ଦୁଷ୍କର୍ମ ମାମଲା
## ଅଭିଯୁକ୍ତକୁ ୨୦ ବର୍ଷ ଦଣ୍ଡାଦେଶ

ଚୌଦ୍ୱାର, ୩୦।୮ (ସମିସ): ୨୦୨୩ ମସିହାର ଏକ ନାବାଳିକା ଦୁଷ୍କର୍ମ ମାମଲାରେ ପୋକସୋ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ରବୀନ୍ଦ୍ର ମହାକୁଡ ୨୦୨୩ ଅକ୍ଟୋବର ୧୯ରେ ନାବାଳିକାର ଘରେ ପଶି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ନାବାଳିକା ଗର୍ଭବତୀ ହୋଇଥିଲା ବେଳେ ଅଭିଯୁକ୍ତ ଜଣକ ବଳପୂର୍ବକ ଗର୍ଭପାତ କରାଇଥିବା ଅଭିଯୋଗରେ ପୀଡ଼ିତଙ୍କ ମା' ପ୍ରଥମେ ଚୌଦ୍ୱାର ପୁଲିସର ଦ୍ୱାରସ୍ଥ ହୋଇଥିଷଲ। ପୀଡ଼ିତାଙ୍କ କଟକ ବଡ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯାଇଥିଲା। ମାମଲାର ଗୁରୁତ୍ୱକୁ ଦେଖି କୋର୍ଟ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେବା ସହ ୧୦ହଜାର ଟଙ୍କା ଜରିମାନା ଲଗାଇଛନ୍ତି; ଅନାଦେୟ ଆଉ ୧ବର୍ଷ ଜେଲ ଦଣ୍ଡାଦେଶ ଲାଗୁହେବ। ପୀଡ଼ିତାଙ୍କୁ ଆଇନ ଅନୁଯାୟୀ ୭ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯିବ।

### ମହାବୀର କ୍ଲବ୍ ପକ୍ଷରୁ ଗଣନାଥଙ୍କ ପୂଜାର୍ଚ୍ଚନା

# ୧ କ୍ୱିଣ୍ଟାଲ ଲଡ୍ଡୁ ଓ ୧ ହଜାର କାକରା ଭୋଗ ଲାଗିଲା



ନିଶ୍ଚିନ୍ତକୋଇଲି,୩୦।୮ (ସମିସ): ନିଶ୍ଚିନ୍ତକୋଇଲିର ମହାବୀର କ୍ଲବ ଆନୁକୂଲ୍ୟରେ ଚଳିତ ବର୍ଷ ଧୁମ୍‌ଧାମର ସହିତ ସମାରୋହରେ ଅଗ୍ରପୂଜ୍ୟ ପ୍ରଭୁ ଗଣନାଥଙ୍କ ପୂଜାର୍ଚ୍ଚନା କରାଯାଉଛି। ମହାଦେବଙ୍କ ବେଶରେ ୨୫ଫୁଟ ବିଶିଷ୍ଟ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇ ଚତୁର୍ଥୀଠାରୁ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପୂଜା କାର୍ଯ୍ୟକ୍ରମ ୧୦ଦିନ ଧରି ଅନୁଷ୍ଠିତ ହେବ। ପୂଜା ପାଇଁ ସୁନ୍ଦର ଆଲୋକମାଳା ସଜ୍ଜିତ ହୋଇଥିବା ବେଳେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି। ପୂଜକ ସରୋଜ ଷଡଙ୍ଗୀଙ୍କ ଦ୍ୱାରା ଯଥାରୀତି ପୂଜାର୍ଚ୍ଚନା କରାଯାଉଥିବା ବେଳେ ଏଥିରେ କର୍ତ୍ତା ଭାବେ କ୍ଲବର ସଭାପତି ଜ୍ୟୋତିରଂଜନ ସାହୁ କାର୍ଯ୍ୟ ତୁଲାଉଛନ୍ତି। ପୂଜା ଆରମ୍ଭ ଦିନ ୧କ୍ୱିଣ୍ଟାଲ ବିଶିଷ୍ଟ ମୋତିଚୂର ଲଡୁ ଓ ଚତୁର୍ଥ ଦିନରେ ୧ହଜାର କାକରା ଗଣନାଥଙ୍କୁ ଅର୍ପଣ କରାଯାଇଥିଲା। ପ୍ରତ୍ୟେକ ଦିନ ବହୁ ଭକ୍ତ ଏହି ଗଜାନନଙ୍କ ମେଢ ଦେଖିବା ପାଇଁ ଭିଡ଼ ଜମାଉଛନ୍ତି। ଆସନ୍ତା ୫ ତାରିଖ ଦିନ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ସମ୍ପାଦକ ସନ୍ତୋଷ କୁମାର ଦାସ, ସଭ୍ୟ ଦେବେନ୍ଦ୍ର ସାହୁ, ରାଜକିଶୋର ପଲେଇ, ମାନସରଂଜନ ସାହୁ, ମାନସ କୁମାର ସାହୁ, ଶିବଶଙ୍କର ସାହୁ, ଅଶୋକ କୁମାର ପଲେଇ, ତ୍ରିଲୋଚନ ଦାସ, ଦେବୀପ୍ରସାଦ ସ୍ୱାଇଁ, ବିଶ୍ୱରଂଜନ ଦାସ, ସତ୍ୟପ୍ରକାଶ ବେହେରା, ପଙ୍କଜ ମହାନ୍ତି, ଦେବେନ୍ଦ୍ର ଦଳେଇ, ସୁଜନ ସାହୁ ପରିଚାଳନା କରୁଛନ୍ତି।

### ଗଣେଶ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା



ଫୁଲନଖରା,୩୦।୮ (ସମିସ): କଟକ ମହାନଗର ନିଗମ ୫୯ ନଂ ୱାର୍ଡ ଅନ୍ତର୍ଗତ ରାମନଗର ଗ୍ରାମର ଆମ ଗାଁ ଶ୍ରୀଗଣେଶ ପୂଜା କମିଟି ପକ୍ଷରୁ ଗଜାନନଙ୍କ ପୂଜା ଅବସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଧାତ୍ମିକ ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଗ୍ରାମର ଯୁବଗୋଷ୍ଠୀଙ୍କ ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ଭସାଣି ଉତ୍ସବକୁ ପ୍ରଶାସନିକ ସମସ୍ତ ନୀତିନିୟମକୁ ଅନୁପାଳନ ପୂର୍ବକ ଶାନ୍ତିଶୃଙ୍ଖଳା ସହିତ ସମାପନ କରିବା ପାଇଁ ପରାମର୍ଶ ଦେଇଥିଲେ। ସଚ୍ଚିଦାନନ୍ଦ ବେହେରା, ହୃଦାନନ୍ଦ ବେହେରା, ବୁଦ୍ଧେଶ୍ୱର ବେହେରା, ବିକ୍ରମ ବେହେରା, ସୁରଥ ବେହେରା, ସିଦ୍ଧେଶ୍ୱର ବେହେରା, ବିଶ୍ୱଜିତ ବେହେରା, ପ୍ରତୀକ ମହାନ୍ତି, ସ୍ମୃତିରଂଜନ ସ୍ୱାଇଁ, ସଦାନନ୍ଦ ବେହେରା, ରାଜେନ୍ଦ୍ର ବେହେରା, ବିବେକ ବେହେରା, ହିମାଂଶୁ ବେହେରା, ଦେବାଶିଷ ମହାନ୍ତି, ଦୀପକ ସିଂ, ସତ୍ୟବ୍ରତ ଭୋଳ ଓ କୃପାସିନ୍ଧୁ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ପୁରାତନ ଛାତ୍ରଙ୍କ ଗଣେଶ ଭସାଣି ସମ୍ପନ୍ନ



ଟାଙ୍ଗୀ, ୩୦।୮ (ସମିସ): ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ ଅଗ୍ରପୂଜ୍ୟ ଶ୍ରୀଶ୍ରୀ ଗଜାନନଙ୍କ ପୂଜା ଶେଷ ପରେ ଭସାଣ ଶେଷ ହୋଇଛି। ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ରଙ୍କ ପକ୍ଷରୁ ବ୍ୟାଚ୍ ହିସାବରେ ୧୮ ଟି ମଣ୍ଡପ ନିର୍ମାଣ ସହ ଶ୍ରୀଗଣେଶଙ୍କ ପୂଜା କରାଯାଇଥିଲା। ତିନି ଦିନ ଧରି ଚାଲିଥିବା ଏହାର ଭସାଣ ଉତ୍ସବ ଶନିବାର ଉଦଯାପିତ ହୋଇଛି। ୧୮ ଟି ବ୍ୟାଚ ପକ୍ଷରୁ ୧୮ ଟି କ୍ଲବ ଗଠନ ପୂର୍ବକ ପୂଜା କରିବା ସହ ଭସାଣ ଉତ୍ସବ ପାଳନ କରିଥିଲେ। ପ୍ରକାଶଥାଉକି ଟାଙ୍ଗୀ ବିଦ୍ୟାପୀଠରୁ ମାଟ୍ରିକ ପାସ୍ କରିଥିବା ୨୦୦୮ ବ୍ୟାଚ୍ ପ୍ରଥମେ ପୂଜା ଆରମ୍ଭ କରିଥିବାବେଳେ ପ୍ରତିବର୍ଷ ବ୍ୟାଚ୍ ସଂଖ୍ୟା ବଢ଼ି ଏବେ ୧୮ ରେ ପହଞ୍ଚିଛି। ପ୍ରତିବର୍ଷ ଗୋଟିଏ ଲେଖାଏଁ ମଣ୍ଡପ ବୃଦ୍ଧି ପାଉଥିବାବେଳେ ଆଗାମୀ ଦିନରେ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି। ଏତଦବ୍ୟତୀତ ଟାଙ୍ଗୀ ଅଞ୍ଚଳର ବିଭିନ୍ନ ପଞ୍ଚାୟତର କେତେକ ଗ୍ରାମରେ ପୂଜା ପାଉଥିବା ଗଣେଶଙ୍କ ଭସାଣି ହୋଇଥିବା ଜଣାପଡିଛି।

### ଗଣେଶ ଭସାଣି ଓ ସମ୍ବର୍ଦ୍ଧନା



ନେମାଳ,୩୦।୮ (ସମିସ): ନେମାଳ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟରେ ଗଣେଶ ଭସାଣି ଓ ଛାତ୍ର ସଂସଦ ସଭାପତିଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜରୁ ଠାକୁର ମେଢ଼ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ଦେଇ ଚିତ୍ରପ୍ରୋଳା ନଦୀରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଏହି ଅବସରରେ ପୁରାତନ ଛାତ୍ର ସଂସଦ ସଭାପତି କ୍ଷମାନିଧି ପୂଝାରୀ, ଗୋବିନ୍ଦଚନ୍ଦ୍ର ଦାସ, ହିମାଂଶୁ ଶେଖର ଦାସ, ସରୋଜ କୁମାର ସିଂ, ଜାନକୀ ବଲ୍ଲଭ ମହାନ୍ତି, ବଳଦେବାନନ୍ଦ ଦାସଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଲେଜର ଛାତ୍ର ସତ୍ୟ ପରମାଣିକ, ସିପୁ ପଣ୍ଡାଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ମା' ଖରାଖାଇଙ୍କ ପୀଠରେ ନୃତ୍ୟ ପ୍ରତିଯୋଗିତା



ଫୁଲନଖରା, ୩୦।୮ (ସମିସ): କଟକ ସଦର ଥାନା ଅନ୍ତର୍ଗତ ମୁଗଭଙ୍ଗା ଗ୍ରାମର ମା'ଖରାଖାଇ ଗଣେଶ ପୂଜା କମିଟି ପକ୍ଷରୁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୪୦ଜଣ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଚଳଚ୍ଚିତ୍ର ନୃତ୍ୟ ନିର୍ଦ୍ଦେଶକ ବବି ଇସ୍‌ଲାମ୍ ଓ ଓଡ଼ିଶୀ ନୃତ୍ୟଗୁରୁ ସୌଭାଗ୍ୟ ଲେଙ୍କା ବିଚାରକ ଭାବରେ ଯୋଗଦେଇଥିଲେ। କନିଷ୍ଠ ବିଭାଗରେ ପ୍ରତାପନଗରୀ ଗ୍ରାମର ରଶ୍ମି ପରିଡା, ନୂଆ କାଚରାମାଳର ଶୁଭାଶିଷ ବେହେରା ଓ ମୁଗଭଙ୍ଗାର ଅନନ୍ୟା ଦଳାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବିଭାଗରେ କୂଳସରିଚୁଆଁର ପ୍ରତ୍ୟାଶା ପ୍ରଧାନ, ତେଲେଙ୍ଗାପେଣ୍ଠର ସାଇଶ୍ରୁତି ନାୟକ ଓ ସ୍ୱୟଂପ୍ରଭା ସାହୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାନନ ବିହାରୀ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସମାଜସେବୀ ବିଭୂତି ବିହାରୀ ତ୍ରିପାଠୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ସଂସ୍କୃତିପ୍ରେମୀ ନବକିଶୋର ଦଳାଇ,କଟକ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ରମେଶଚନ୍ଦ୍ର ପ୍ରଧାନ, ନାଟ୍ୟକାର ପ୍ରସନ୍ନ ବିଶ୍ୱାଳ ଓ ବିଚିତ୍ରାନନ୍ଦ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ପୂଜା କମିଟିର ଦୀପକ ଦଳାଇ, ବିଭୂପ୍ରସାଦ ଦଳାଇ, ଯଜ୍ଞଦତ୍ତ ଦଳାଇ, ସୁବ୍ରତ ତଳାଇ, ଅଭିଜିତ୍ ଦଳାଇ, ସାଗର ଦଳାଇ, ସୌମ୍ୟରଂଜନ ଦଳାଇ, ରବିନ ଦଳାଇ, ମୁକେଶ ଦଳାଇ, ତନ ବାରିକ ପରିଚାଳନା କରିଥିବା ବେଳେ ମା' ଖରାଖାଇ ଯୁବକ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ। ହେମନ୍ତ କୁମାର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣେଶ ପୂଜା ମଣ୍ଡପ ପରିଦର୍ଶନ



କନ୍ଦରପୁର,୩୦।୮ (ସମିସ): ସାମାଜିକ ସଂଗଠନ ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର ମନୋଜ ନାୟକ ବୟାଳିଶ ମୌଜାସ୍ଥିତ ବିଭିନ୍ନ ସ୍ଥାନରେ ହୋଇଥିବା ଗଣେଶ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି। ଉକ୍ତ ପରିଦର୍ଶନ ସମୟରେ ସୁଦର୍ଶନ ଜେନା, ଅଭିମନ୍ୟୁ ସାହୁ, ଦିଲୀପ ନାୟକ, ଉଦୟ ସାସମଲ୍, ସଂଜୀବ ମହାପାତ୍ର, ଆନନ୍ଦ ବେହେରା, ପ୍ରସନ୍ନ ବେହେରା, ଆନନ୍ଦ ଦେବତା, ଶେଷଦେବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଏସି ଦାବିରେ ବିଜେଡିର ୮ ଘଣ୍ଟା ନିଆଳି ବନ୍ଦ

**ନିଆଳି,୩୦।୮ (ସମିସ):** ନିଆଳିକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ଦାବିରେ ନିଆଳି ବ୍ଲକ ବିଜେଡି ପକ୍ଷରୁ ଶନିବାର ୮ ଘଣ୍ଟିଆ ନିଆଳି ବନ୍ଦ ପାଳିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ ସୂଚନା ମୁତାବକ ଶନିବାର ସକାଳ ୬ଟାରୁ ବିଜେଡି କର୍ମୀମାନେ ନିଆଳି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ କରି ନାରାବାଜି କରିବା ସହ ବିଜେପି ସରକାରର ବିଫଳତା ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ତତ୍କାଳୀନ ବିଜେଡି ସରକାର ସମୟରେ ନିଆଳିକୁ ଏନ୍‌ଏସି ଘୋଷଣା ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ବର୍ତ୍ତମାନର ବିଜେପି ସରକାର ଏହାକୁ କାର୍ଯ୍ୟକାରୀ କରିନାହାଁନ୍ତି। ବିଜେପି ସରକାର ପକ୍ଷରୁ ଯେଉଁ କେତୋଟି ଏନ୍‌ଏସି ଘୋଷଣା କରାଯାଇଛି ଅଦ୍ୟାବଧି ସେଥିରେ ନିଆଳିର ନାଁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନିଆଳିକୁ ଏନ୍‌ଏସି ଘୋଷଣା ଦାବି କରି ବିଜେଡିର ନିଆଳି ବନ୍ଦକୁ ଅଭୂତପୂର୍ବ ସମର୍ଥନ ମିଳିଛି। ତହସିଲ ଛକଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ନିଆଳିର ବହୁ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ ବିଭିନ୍ନ ବ୍ୟାଙ୍କ ସହିତ ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ବିଜେଡି କର୍ମୀମାନେ ବନ୍ଦ କରିଥିଲେ। ନିଆଳି ବଜାରର ପ୍ରାୟ ସମସ୍ତ ବ୍ୟବସାୟ ଅନୁଷ୍ଠାନ ଏହି ବନ୍ଦକୁ ସମର୍ଥନ ଜଣାଇ ବନ୍ଦ ରହିଥିଲା। ନିଆଳି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବ୍ଲକ ବିଜେଡି ସଭାପତି ଅତୁଲ୍ୟ ଜେନା ସଭାପତିତ୍ୱ କରିଥିଲେ। ବରିଷ୍ଠ ବିଜେଡି ନେତା ପ୍ରଦୀପ ଦାସ ସଭା ପରିଚାଳନା କରିଥିଲେ। ଏହି ପ୍ରତିବାଦ ସଭାରେ ନିଆଳିର ପୂର୍ବତନ ବିଧାୟକ ପ୍ରଫେସର ଡା. ପ୍ରମୋଦ କୁମାର ମଲ୍ଲିକ ନିଆଳିକୁ ଏନ୍‌ଏସିର ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଏହି ପ୍ରତିବାଦ ସଭାକୁ ବ୍ୟାପକ କରାଯିବ ବୋଲି କହିଥିଲେ। ଏହି ସଭାରେ ବ୍ଲକ ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ବ୍ଲକ୍ ବିଜେଡି କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡୁ, ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ସଭ୍ୟା ସୌଦାମିନି ମହାପାତ୍ର, କଣ୍ଠେପଡା ବ୍ଲକ ପୂର୍ବତନ ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ, ନିଆଳି ବ୍ଲକ ମହିଳା ସଭାନେତ୍ରୀ ଦୀପ୍ତି ପ୍ରତିହାରୀ, ଆମ୍ବା ଅଧ୍ୟକ୍ଷ ବିଷ୍ଣୁଚରଣ ସ୍ୱାଇଁ, ବରିଷ୍ଠ ସଂଗଠକ ଅଭିମନ୍ୟୁ ମଲ୍ଲିକ, ପ୍ରଭାକର ରାଉତ, ପ୍ରକାଶ ମହାନ୍ତି, ନିଆଳି ସରପଞ୍ଚ ବବିତାରାଣୀ ବେହେରା, ସରପଞ୍ଚ ତ୍ରିନାଥ ମହାନ୍ତି, ସୁରେଶ ପଟ୍ଟନାୟକ, ବାପି ସ୍ୱାଇଁ, ବିଜୟରାମ ପଣ୍ଡା, ନିରଞ୍ଜନ ବେହେରା, ସମିତିସଭ୍ୟ ଅବିନାଶ ପ୍ରଧାନ, ସଂପଦ ସ୍ୱାଇଁଙ୍କ ସମେତ ମିଟୁବଡୁ, ଅଜୟ ସ୍ୱାଇଁ, ପରକ୍ଷିତ ବାରିକ, ପ୍ରଦୀପ ନନ୍ଦଙ୍କ ସମେତ ବହୁ ଆଗଧାଡିର କର୍ମୀ ସାମିଲ ହୋଇଥିଲେ।




# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଭଦ୍ରେଶ୍ୱର,୩୦।୮ (ସମିସ):** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଗୋପାଳପୁର ଗ୍ରାମପଞ୍ଚାୟତ ବେଗୁନିଆପଦା ଗ୍ରାମରେ ଗତକାଲି ବିଳମ୍ବିତ ରାତ୍ରିରେ ଜଣେ ଯୁବକ ଉପରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ଗ୍ରାମର ରଘୁନାଥ ଦାସ (୨୭) ଓ ଜ୍ୟୋତିରଞ୍ଜନ ଦାସଙ୍କ ମଧ୍ୟରେ ପୂର୍ବରୁ ତିକ୍ତତା ରହିଥିଲା। ଗତକାଲି ରାତ୍ରରେ ସ୍ଥାନୀୟ ଗ୍ରାମରେ ଗଣେଶ ଭସାଣ ଉତ୍ସବ ହେଉଥିଲା ବେଳେ ଦୁଇ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ ହସ୍ତକ୍ଷେପ ଯୋଗୁ ପରିସ୍ଥିତି ଶାନ୍ତ ପଡିଥିଲା। ଅପରପକ୍ଷରେ ରାତ୍ରର ବିଳମ୍ବିତ ପ୍ରହରରେ ଦୁଇ ଜଣଙ୍କ ମଧ୍ୟରେ ପୁନର୍ବାର ବଚସା ହୋଇଥିଲା। ପ୍ରତିହିଂସାପରାୟଣ ହୋଇ ଜ୍ୟୋତିରଞ୍ଜନ ଓ ତାଙ୍କର ପରିବାର ବର୍ଗ ରଘୁନାଥ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ରଘୁନାଥ ଲହୁଲୁହାଣ ହୋଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କର ଅବସ୍ଥା ଉଦବେଗଜନକ ଥିବାର ଜଣାଯାଇଛି। ଏ ସମ୍ପର୍କରେ ତାଙ୍କର ପରିବାର ତରଫରୁ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ଏହି ଘଟଣାରେ କାହାରିକୁ ଗିରଫ କରି ନଥିବା ଜଣାଯାଇଛି। ତେବେ ପୁଲିସ ପ୍ରଶାସନ ତରଫରୁ ତୁରନ୍ତ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗାମୀ ଦିନରେ ଗ୍ରାମରେ ବଡ ଧରଣର ଅଘଟଣ ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ଆଶଙ୍କା ହେଉଛି।

## ସର୍ପାଘାତରେ ମହିଳାଙ୍କ ମୃତ୍ୟୁ



**ନରସିଂହପୁର,୩୦।୮ (ସମିସ):** ନରସିଂହପୁର ବ୍ଲକ ପତଣ୍ଡା ଗ୍ରାମର ନଳିନୀ ସାହୁ (୫୪)ଙ୍କ ଶନିବାର ସର୍ପାଘାତରେ ମୃତ୍ୟୁ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଘରେ ଶୋଇଥିବା ସମୟରେ ତାଙ୍କୁ ଏକ ଚିତି ସାପ କାମୁଡି ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ନରସିଂହପୁର ପୁଲିସ ଶବ ଜବତ କରି ବ୍ୟବଛେଦ ପାଇଁ ବଡମ୍ବା ଡାକ୍ତରଖାନାକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ନିଶ୍ଚିନ୍ତକୋଇଲି, ୩୦।୮ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ଗ୍ରାମର ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଏକମାତ୍ର ପୁତ୍ର ପ୍ରମୋଦ (୩୬)ଙ୍କ ମୃତଦେହ ଗୁଆଳିସ୍ଥିତ ଏକ କେନାଲରୁ ଉଦ୍ଧାର କରାଯାଇଛି। ଗଣେଶ ପୂଜା ଦିନ ପ୍ରମୋଦ ଜଗତପୁରସ୍ଥିତ ତାଙ୍କ ଭଉଣୀ ଘରକୁ ଯାଇ ଅସୁରେଶ୍ୱର ଖଇରା ରାସ୍ତାରେ ରାତିରେ ଘରକୁ ଫେରିଲା ବେଳେ ଏକ ଅଜଣା ଗାଡ଼ି ଧକ୍କାରେ ତାଙ୍କ ବାଇକ ସହ ସେ ନିଜେ କେନାଲରେ ପଡ଼ିଯାଇଥିଲେ। ସେ ଦିନ ରାତିରେ ସେ ଘରକୁ ନଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ଗୁରୁବାର ସକାଳେ ସ୍ଥାନୀୟ ଲୋକମାନେ କେନାଲ ଭିତରେ ଏକ ବାଇକ ପଡ଼ିଥିବା ଦେଖି ତାକୁ ଉଠାଇଲା ବେଳକୁ ବାଇକ ତଳେ ଜଣେ ଯୁବକ ଚାପି ହୋଇ ରହିଥିବା ଦେଖା ଯାଇଥିଲା। ସମ୍ପୃକ୍ତ ଯୁବକଙ୍କୁ ସେଠାରୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ କଟକ ବଡ଼ମେଡ଼ିକାଲ ନିଆଯାଇଥିଲେ ମଧ୍ୟ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ହେବା ପରେ ନିଜ ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ମସ୍ତିଷ୍କାଘାତରେ ଚାଷୀଙ୍କ ମୃତ୍ୟୁ



**ନିଶ୍ଚିନ୍ତକୋଇଲି, ୩୦।୮ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମର ନରହରି ମଲ୍ଲିକ(୬୩) କିଛିଦିନ ହେବ ମସ୍ତିଷ୍କାଘାତଜନିତ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ମୃତ୍ୟୁ ଘଟିଛି। ସେ ଜଣେ ସଫଳ ଚାଷୀ ଭାବେ ଏ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ମାହାଙ୍ଗା କଂଗ୍ରେସ ନେତା ସେକ୍ ମସୁଦ୍ ଅଲ୍ଲୀ, ଡ କାର୍ତ୍ତିକଚନ୍ଦ୍ର ବରାଳ, ଯୁବନେତା ସୌକତ ଅଲ୍ଲୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ଶରତଚନ୍ଦ୍ର ନାୟକ, ଫକୀରମୋହନ ପ୍ରଧାନ, ଉତ୍ତମ ମଲିକ ପ୍ରମୁଖ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ପୁତୁରା ଓମ୍ ପ୍ରକାଶ ମୁଖାଗ୍ନି ଦେଇଥିଲେ।

### ରଘୁନାଥଜୀଉ ମନ୍ଦିର ଟ୍ରଷ୍ଟିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ



**ନିଶ୍ଚିନ୍ତକୋଇଲି, ୩୦।୮ (ସମିସ):** ନିଶ୍ଚିନ୍ତକୋଇଲି ଥାନା କେଣ୍ଡାଲୋ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ତଥା ମଲ୍ଲୀପୁର ଗ୍ରାମରେ ଥିବା ଅସୁରେଶ୍ୱର ଶ୍ରୀ ଶ୍ରୀ ରଘୁନାଥଜୀଉ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶଚନ୍ଦ୍ର ସାହୁଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ମାମଲାରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଏହି ମାମଲାକୁ ବିଚାର କରି ସାଲେପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସରୋଜ କୁମାର ଦାଶ ମଲ୍ଲୀପୁର ଗ୍ରାମର ଆସାମୀ ପ୍ରଫୁଲ୍ଲ ବେହେରାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ଶ୍ରୀ ବେହେରାକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ହଜାର ଟଙ୍କା ଜରିମାନା; ଅନାଦେୟ ଅଧିକ ୬ମାସ ଅଧିକ ଜେଲଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ମାରଣାସ୍ତ୍ର ରଖିବା ନେଇ ଦଫା ୨୭ ଓ ୨୫ ପାଇଁ ୩ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ଦୁଇମାସ ଜେଲ ଦଣ୍ଡାଦେଶ ଭୋଗ କରିବାକୁ ପଡିବ ବୋଲି ରାୟ ହୋଇଛି। ଏହି ମାମଲାରେ ପୂର୍ବରୁ ଅନ୍ୟତମ ମୁଦାଲା କୈଳାସ ଦାସଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ।

ଘଟଣାରୁ ପ୍ରକାଶ, ଗତ ୨୦୨୦ ମସିହା ଅଗଷ୍ଟ ୯ ତାରିଖ ରାତିରେ ଶ୍ରୀ ରଘୁନାଥଜୀଉ ମନ୍ଦିରର ଟ୍ରଷ୍ଟି ପ୍ରକାଶ ସାହୁ ତାଙ୍କ ନିଜ ଘରକୁ ଯାଉଥିବା ବେଳେ ମୁଦାଲା ପ୍ରଫୁଲ୍ଲ ବେହେରା ତାଙ୍କୁ ଅଟକାଇ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲା। ଏହି ଘଟଣା ସଂକ୍ରାନ୍ତରେ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ପ୍ରଫୁଲ୍ଲକୁ ଗିରଫ କରିଥିଲା। ଉକ୍ତ ମାମଲାଟି ସାଲେପୁର ଅଦାଲତରେ ଚାଲିଥିବା ବେଳେ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ପଣ୍ଡା ଓ ସହଯୋଗୀ ଏମ୍ ମହାମାୟୀ ମାମଲା ପରିଚାଳନା କରିଥିଲେ।

# ତାଳଗଛ ରୋପଣ ଓ ସଂରକ୍ଷଣ ସଚେତନତା




**ନେମାଲ,୩୦।୮ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ମ.ଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ତାଳଗଛ ରୋପଣ ଓ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉର୍ମିଳା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକୃତି ବନ୍ଧୁ ଅଭୟ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ ନାରାୟଣ ଦ୍ୱିବେଦୀ, ମୁଖ୍ୟବକ୍ତା ସମାଜସେବୀ ବଲ୍ଲଭ ପଲେଇ, ସମ୍ମାନିତ ଅତିଥି ପରିବେଶବିତ ଜ୍ଞାନରଞ୍ଜନ ପଣ୍ଡା ତାଳ ଚାରା ସଂଗ୍ରହ କରି ରୋପଣ କଲେ ଆଗାମୀ ଦିନେ ବଜ୍ରାଘାତରେ ମୃତ୍ୟ ସଂଖ୍ୟା କମାଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପରିବେଶପ୍ରେମୀ ଶ୍ରୀନିବାସ ବାରିକ ସମ୍ବର୍ଦ୍ଧିତ ହୋଇଥିଲେ। ସର୍ପମିତ୍ର ସରୋଜ ରାୟ, ପରମାନନ୍ଦ ବାରିକ, ଜୀବନଜ୍ୟୋତି ଜେନା, ଦିବାକର ଜେନା, ବିଶ୍ୱଜିତ ଦାସ, ଶରତ ଜେନା, ରବିନାରାୟଣ ଦାସ ସହଯୋଗ କରିଥିଲେ।

# ସାଲେପୁର କଲେଜ ପ୍ରାଣୀ ବିଜ୍ଞାନ ବିଭାଗରେ ସମ୍ମିଳନୀ

**ସାଲେପୁର,୩୦।୮ (ସମିସ):** ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଅଧ୍ୟାପକ, ଅଭିଭାବକ ସମ୍ମିଳନୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଏହି କାର୍ଯ୍ୟକ୍ରମରେ ବହୁ ଅଭିଭାବକ ଅଭିଭାବିକା, ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାମାନେ ଯୋଗଦେଇଥିଲେ। ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଡଃ ଅଂଜୁମ୍ ହସନ୍ ଓ ଅଧ୍ୟାପକ ପଦାରବିନ୍ଦ ବିଶାଳ ଅତିଥି ପରିଚୟ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ବିଭାଗର ବିଭିନ୍ନ କାର୍ଯ୍ୟପ୍ରଣାଳୀ ସଂପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ବିଭାଗ ପକ୍ଷରୁ ସମସ୍ତ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୀବନଜ୍ୟୋତି ପଟ୍ଟନାୟକ, ଅଶ୍ୱିନୀ କୁମାର ପଣ୍ଡା, ଦିଲ୍ଲୀପ କୁମାର ନାୟକ, ପୁଷ୍ପମିତ୍ର ସ୍ୱାଇଁ ଯୋଗଦେଇଥିବାବେଳେ ଡେମୋନେଷ୍ଟ୍ରେଟର ସୁଜାତା ଦାସ, ଗୌରାଙ୍ଗ ଚରଣ ନାୟକ ପ୍ରମୁଖ ପରିଚାଳନା କରିଥିଲେ।




# ଜିଲ୍ଲାର ୨୨୧ ମଣ୍ଡିରେ ୭୩୭୯୦ ଚାଷୀ ପଞ୍ଜିକୃତ

**କଟକ,୩୦।୮ (ସମିସ):** ଜିଲ୍ଲାରେ ଖରିଫ ଧାନ ବିକ୍ରି ପାଇଁ ଚାଷୀମାନଙ୍କର ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭରୁ ଝୁଣ୍ଟିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ ନୂତନ କରି ଲାଗୁ ହୋଇଥିବା ସରକାରୀ ନିୟମକୁ କୋହଳ କରାଯାଇଥିଲା। ଯେଉଁଥିପାଇଁ ଚଳିତ ଥର ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଜଣାପଡିଛି। ପ୍ରଥମେ ପ୍ରଥମେ ଚାଷୀଙ୍କ ଅନାଗ୍ରହ ପାଇଁ ପଞ୍ଜୀକରଣ ପ୍ରକ୍ରିୟା କଚ୍ଛପ ଗତିରେ ଚାଲିଥିଲା। ଏଥର ପଞ୍ଜୀକରଣ ବେଳେ ଜମି ମାଲିକଙ୍କ ସମସ୍ତ ଉତ୍ତରାଧିକାରୀଙ୍କ ସମ୍ମତିପତ୍ର ଓ ଖାତାଦାରଙ୍କ ମୃତ୍ୟୁ କ୍ଷେତ୍ରରେ ଉତ୍ତରାଧିକାରୀ ପ୍ରମାଣପତ୍ର ଆଦି ସଂଲଗ୍ନ କରିବାକୁ କୁହାଯାଇଥିଲା। ଏପରିକି ପଞ୍ଜୀକରଣ ସମୟ ସୀମା ବୃଦ୍ଧି ଓ ନିୟମ କୋହଳ କରାଯିବା ଫଳରେ ଜିଲ୍ଲାରେ ଗତ ବର୍ଷ ତୁଳନାରେ ଅଧିକ ୩ହଜାର ଚାଷୀ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଜଣାପଡିଛି। ଜିଲ୍ଲାର ମୋଟ ୨୨୧ଟି କେନ୍ଦ୍ରରେ ୭୩୭୯୦ ଜଣ ଚାଷୀ ପଞ୍ଜୀକରଣ କରାଯାଇଛି। ଜିଲ୍ଲାରେ ପ୍ରାୟ ୭୦ହଜାର ଚାଷୀ ଗତ ବର୍ଷ ପଞ୍ଜୀକରଣ କରିଥିଲେ। ସେହିପରି ଜିଲ୍ଲାର ୧୪ଟି ବ୍ଲକରେ ଗତ ବର୍ଷ ୧୫ଲକ୍ଷ ୫୦ହଜାର କ୍ୱିଣ୍ଟାଲ ଧାନ ୭୦ହଜାର ଚାଷୀଙ୍କଠାରୁ କିଣାଯାଇଥିଲା। ଚଳିତ ବର୍ଷ ଜିଲ୍ଲାରେ ୧ଲକ୍ଷ ୩୦ହଜାର ହେକ୍ଟର ଜମିରେ ଖରିଫ ଧାନ ଫସଲ ଚାଷ କରାଯାଇଛି।

## କିରାଣିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଟିଗିରିଆ, ୩୦।୮ (ସମିସ):** ଟିଗିରିଆ ବ୍ଲକ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ବରିଷ୍ଠ କର୍ମଚାରୀ ଅକ୍ଷୟ କୁମାର ପଟ୍ଟନାୟକଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ବିଜୟ କୁମାର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସୁଧୀରଚନ୍ଦ୍ର ନାଥ, ଡ. ପତିତପାବନ ପଣ୍ଡା, ଲକ୍ଷ୍ମୀଧର ସାହୁ, ନିର୍ମଳ କୁମାର ମହାନ୍ତି, ଚନ୍ଦ୍ରଭାନୁ ପଟ୍ଟନାୟକ, ଅଧ୍ୟାପିକା ଡ. ପ୍ରଣତି ମିଶ୍ର, ପୁଷ୍ପାଞ୍ଜଳି ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ପ୍ରଶାନ୍ତ ବେହେରା, ଗନ୍ଧର୍ବ ପରିଡା, ନିତ୍ୟାନନ୍ଦ ରଣା, ରବିନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ସାଂସଦ ଖେଲ୍ ମହୋତ୍ସବ ଉଦ୍‌ଘାଟିତ

**ଆଠଗଡ଼,୩୦।୮ (ସମିସ):** ଆଠଗଡ଼ସ୍ଥିତ ବିଶ୍ୱନାଥ ବିଦ୍ୟାପୀଠରେ 'ସାଂସଦ ଖେଲ୍ ମହୋତ୍ସବ'କୁ ବିଜେପି ନେତା ଅଭୟ କୁମାର ବାରିକ ଉଦଘାଟନ କରିଛନ୍ତି। ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଏହି କାର୍ଯ୍ୟକ୍ରମ ଆଠଗଡ ଟିଗିରିଆ ନିର୍ବାଚନମଣ୍ଡଳୀରେ ଥିବା ୫୪ଟି ପଞ୍ଚାୟତ ଓ ଗୋଟିଏ ଏନଏସି ମଧ୍ୟରେ ଥିବା ଖେଳାଳିଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ କଟକ ସାଂସଦ ଭର୍ତ୍ତୃହରି ମହାତାବଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହେବ। ଶନିବାର ବିଶ୍ୱନାଥ ବିଦ୍ୟାପୀଠର ମୋଟ ୨୮ ଜଣ ନାମ ପଞ୍ଜିକୃତ କରିଥିଲେ। ଆଠଗଡ ବ୍ଲକ ଶିକ୍ଷାଧିକାରୀ କୁଞ୍ଜବିହାରୀ ବଡ଼ଜେନାଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥିଭାବେ ଆଠଗଡ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ବିଆରସିସି ରଞ୍ଜିତ ମହାନ୍ତି, ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ କୃଷ୍ଣାଞ୍ଜଳି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଜୀକରଣ ପ୍ରକ୍ରିୟା ଆସନ୍ତା ସେପ୍ଟେମ୍ବର ମାସ ୨୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହାପରେ ତ୍ରିସ୍ତରୀୟ ଖେଳ ଆରମ୍ଭ ହୋଇ ଡିସେମ୍ବର ମାସ ୨୫ ତାରିଖରେ ଶେଷ ହେବ। ଏହି ପ୍ରତିଯୋଗିତାରେ ୮ଟି ବିଭାଗରେ ଖେଳାଳି ଭାଗନେଇ ପାରିବେ।




# ସଂପର୍କ ସାହିତ୍ୟ ସଂସଦର ୨୨ତମ ବାର୍ଷିକ ଉତ୍ସବ ଓ ପୁସ୍ତକ ଉନ୍ମୋଚନ

**ସାଲେପୁର,୩୦।୮ (ସମିସ):** ସାହିତ୍ୟ ସମାଜର ଦର୍ପଣ ବୋଲି ପ୍ରତିଷ୍ଠିତ ସାରସ୍ୱତ ଅନୁଷ୍ଠାନ ସଂପର୍କ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ସାଲେପୁର ବ୍ଲକ୍ ଅନ୍ତର୍ଗତ ସଉରୀ ପଞ୍ଚାୟତ କିଶିନାପୁରସ୍ଥିତ ଚାଟେଶ୍ୱର ମହାଦେବ ମନ୍ଦିର ପରିସରରେ ସଂପର୍କ ସାହିତ୍ୟର ୨୨ତମ ବାର୍ଷିକ ଉତ୍ସବ ସଂସଦର ସଭାପତି ସାମ୍ବାଦିକ ପ୍ରଫୁଲ୍ଲ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଧାରାବାହିକ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ହରିଶ ମହାନ୍ତି, ମୁଖ୍ୟବକ୍ତା ରୂପେ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ନିଶ୍ଚିନ୍ତକୋଇଲିର ଅଧ୍ୟକ୍ଷା ଡ. ତରୁଲତା ଦେବୀ, ବିଶିଷ୍ଟ ଅତିଥି ଭାବେ ସାମ୍ବାଦିକ ପ୍ରଦୀପ ସାହୁ ଯୋଗ ଦେଇଥିଲେ। ସଂସଦର ସଂପାଦକ ସାହିତ୍ୟିକ ଚନ୍ଦ୍ରମଣି ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଷ୍ଠାତା ସଭାପତି ଶିକ୍ଷାବିତ୍ ତୁଷାରକାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ସଂପର୍କ', ତୁଷାରକାନ୍ତ ମହାନ୍ତିଙ୍କ ୨ଟି ପୁସ୍ତକ 'ଜହ୍ନର ଲୁଚକାଳି', 'ଭାବଭକ୍ତି ପ୍ରେମ' ଏବଂ ଦେବେନ୍ଦ୍ର ମହାରଣାଙ୍କ ରଚିତ 'ଗାଣିତିକ ସୂତ୍ରରେ ଓମ୍‌ର ପ୍ରତିଫଳନ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଡ. ପୂର୍ଣ୍ଣଚନ୍ଦ୍ର ଓଝାଙ୍କୁ ସାହିତ୍ୟ ଗୌରବ ସମ୍ମାନ, ସୁରେନ୍ଦ୍ର କୁମାର ମୁଦୁଲିଙ୍କୁ ସଂଗୀତ ଗୌରବ ସମ୍ମାନ, ପ୍ରଦୀପ କୁମାର ପରିଜାଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ଅତିଥିମାନେ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନ ସଂପାଦକ ଉମେଶ ଚନ୍ଦ୍ର ସାହୁ, ବିନତା ମିଶ୍ର, ଉପଦେଷ୍ଟା ରଜନୀକାନ୍ତ ଦାଶ, ଯଶୋବନ୍ତ ରାଉତ, ଶୁକଦେବ ଭୋଇ, ସଂଜିବ କୁମାର ବାରିକ, ପ୍ରବୀର ଚନ୍ଦ୍ର ଦାସ, ସୌମ୍ୟରଂଜନ ଭୂୟାଁ, ସୁରେଶଚନ୍ଦ୍ର ସ୍ୱାଇଁ, ଗୌତମ ବେହେରା, ହରେକୃଷ୍ଣ ଷଡ଼ଙ୍ଗୀ, ଡ. ନିଖିଳେଶ ମହାନ୍ତି, ଅଜିତ୍ ମହାପାତ୍ର, ପ୍ରଶାନ୍ତ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କବି ରାଜୀବ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।



ସକାଳ THE SAKALA





**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୯.୮୨
- ୟୁରୋ ୧୦୩.୦୨ ● ୟେନ୍ ୦.୬୦


**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୪,୭୦୦ (ଭୁବନେଶ୍ୱର)
- ରୁପା : ୧,୨୨,୭୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୯,୮୦୯.୦୦
- ନିଫ୍ଟି ୨୪,୪୨୬.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ବିଫଳ ହେଲା ଟ୍ରମ୍ପଙ୍କ ଅପପ୍ରଚାର**

# ରୁଷ୍ ତେଲ କିଣି ୟୁକ୍ରେନ୍‌କୁ ବିକୁଛି ଭାରତ

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି)



ରୁଷ୍‌ଠାରୁ ତୈଳ କିଣିବାକୁ ନେଇ ଆମେରିକ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଛି। ତେଲ କିଣି ୟୁକ୍ରେନ ଯୁଦ୍ଧକୁ ଭାରତ ଅର୍ଥ ଯୋଗାଉଛି ବୋଲି ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରଗୁଡିକ ଅଭିଯୋଗ କରୁଛନ୍ତି। ଏପରି ସମୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ରୁଷଠାରୁ ତୈଳ ଆଣି ଭାରତ ୟୁକ୍ରେନ ଅର୍ଥ ବ୍ୟବସ୍ଥାକୁ ବଡ଼ ଆଶ୍ୱସ୍ତି ଦେଇଛି। ଏଥିଯୋଗୁଁ ଭାରତକୁ ଖଳନାୟକ ରୂପେ ଦେଖାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କରିଥିବା ଅପପ୍ରଚାର ବିଫଳ ହୋଇଯାଇଛି। ଏହି ମୋର୍ଚ୍ଚାରେ ଟ୍ରମ୍ପ କ୍ରମାଗତ ଭାବେ ପଛକୁ ପଡ଼ିବାରେ ଲାଗିଛନ୍ତି। ରିପୋର୍ଟ ଅନୁଯାୟୀ ଗତ ଜୁଲାଇରେ ଭାରତ ୟୁକ୍ରେନକୁ ଡିଜେଲ ଯୋଗାଣ କରିଥିବା ସବୁଠାରୁ ବଡ଼ ଦେଶ ପାଲଟି ଯାଇଛି। ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଶୁଳ୍କ ଲଗାଇ ଥିବା ବେଳେ ଏପରି ହୋଇଛି।


ଗୋଟିଏ ପଟେ ରୁଷ୍ ସହ ତୈଳ କାରବାରକୁ ନେଇ ଆମେରିକା କ୍ଷୁବ୍ଧ ହୋଇଥିବାବେଳେ ଅନ୍ୟପଟେ ଭାରତୀୟ ଡିଜେଲ ୟୁକ୍ରେନର ଯୁଦ୍ଧଗ୍ରସ୍ତ ଅର୍ଥବ୍ୟବସ୍ଥାକୁ ଗତି ଦେଉଛି। ୟୁକ୍ରେନ ତୈଳ ବଜାରର ବିଶ୍ଳେଷକ କମ୍ପାନୀ ନାଫ୍ଟୋରିନୋକ ପକ୍ଷରୁ କୁହାଯାଇଛି ଯେ ଜୁଲାଇରେ ୟୁକ୍ରେନକୁ ଡିଜେଲ ଯୋଗାଣରେ ଭାରତର ଭାଗ ୧୫.୫ ପ୍ରତିଶତ ଥିଲା। ଏହା ଅନ୍ୟ ଦେଶଠାରୁ ଅଧିକ। ଭାରତ ଦିନକୁ ପ୍ରାୟ ୨୭୦୦ ଟନ୍ ଡିଜେଲ ୟୁକ୍ରେନ ପଠାଇଛି। ଏହା ଚଳିତ ବର୍ଷର ସର୍ବାଧିକ ମାସିକିଆ ଇନ୍ଧନ ଯୋଗାଣ। ଜାନୁଆରୀରୁ ଜୁଲାଇ ପର୍ଯ୍ୟନ୍ତ ଏଥିରେ ଭାରତର ଯୋଗଦାନ ୧.୯ ପ୍ରତିଶତରୁ ବଢ଼ି ୧୦.୨ ପ୍ରତିଶତ ହୋଇଯାଇଛି। ରିପୋର୍ଟ ଅନୁଯାୟୀ ଏହି ଡିଜେଲ ରୋମାନିଆରୁ ଡାନିୟୁବ ନଦୀ ଦେଇ ତୁର୍କୀର ଓପିଇଟି ଟର୍ମିନାଲ ମାଧ୍ୟମରେ ୟୁକ୍ରେନ ପଠାଉଛି। ଭାରତ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବାବେଳେ ଏହି କାରବାର ବୃଦ୍ଧି ପାଇଛି। ଯୁଦ୍ଧକୁ ନେଇ ଟ୍ରମ୍ପ ଭାରତ ଉପରେ ଶୁଳ୍କ ଲଗାଇଥିବାବେଳେ ୟୁକ୍ରେନ ଟ୍ୟାଙ୍କ ଭାରତୀୟ ଡିଜେଲରେ ଚାଲିଛି। ସୂଚନା ଅନୁଯାୟୀ ରୁଷ୍‌ର ଅଶୋଧିତ ତୈଳକୁ ବିଶୋଧନ କରି ୟୁକ୍ରେନକୁ ଯୋଗାଉଛି। ତେବେ ଏ ନେଇ ସ୍ପଷ୍ଟ ରିପୋର୍ଟ ସାମ୍ନାକୁ ଆସିନାହିଁ।

**ନ୍ୟୁୟର୍କ ଟାଇମ୍ସର ଦାବି**

# ନୋବେଲ ପାଇଁ ଭାରତ ଉପରେ ଶୁଳ୍କ ଲଗାଇଲେ ଟ୍ରମ୍ପ୍

ୱାସିଂଟନ, ୩୦।୮ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଚାହୁଁଛନ୍ତି। ଆଉ ଏଥିପାଇଁ ସେ ଭାରତ ସହ ସମ୍ପର୍କ ଖରାପ କରିଛନ୍ତି। ୫୦ ପ୍ରତିଶତ ଶୁଳ୍କ ଲଗାଇ ସେ ଦ୍ୱିପାକ୍ଷିକ ସମ୍ବନ୍ଧକୁ ବିଗାଡ଼ି ଦେଇଛନ୍ତି। ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁଯାୟୀ ଜୁନ୍ ୧୭ରେ ଟ୍ରମ୍ପ ମୋଦୀଙ୍କୁ ଫୋନ କରିଥିଲେ। ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବାରୁ କେତେ ଗର୍ବ କରୁଛନ୍ତି ବୋଲି ପଚାରି ଥିଲେ। ଏଥିପାଇଁ ପାକିସ୍ତାନ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ଲାଗି ମନୋନୀତ କରିବ ବୋଲି କହିଥିଲେ। ଏଭଳି କରିବାକୁ ଟ୍ରମ୍ପ ଭାରତକୁ ମଧ୍ୟ ସଙ୍କେତ ଦେଇଥିଲେ। କିନ୍ତୁ ମୋଦୀ ଏଥିରେ କ୍ଷୁବ୍ଧ ହୋଇ ଯାଇଥିଲେ। ଏହି ଅସ୍ତ୍ରବିରତିରେ ଆମେରିକାର କୌଣସି ଦେବାନେବା ନାହିଁ । ଏହା ପ୍ରତ୍ୟକ୍ଷ ଭାବେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଛି ବୋଲି ମୋଦୀ ସ୍ପଷ୍ଟ କରିଥିଲେ। ଏପରି କରି ଟ୍ରମ୍ପଙ୍କୁ ମୋଦୀ ଅଣଦେଖା କରିଥିଲେ। ଏହା ଦ୍ୱାରା ଦୁଇ ନେତାଙ୍କ ସମ୍ପର୍କ ଖରାପ ହୋଇଥିଲା। ପରେ ଉଭୟେ କେବେ ଆଉ ଆଲୋଚନା କରି ନ ଥିଲେ। ୱାସିଂଟନ ଏବଂ ନୂଆ ଦିଲ୍ଲୀରେ ଥିବା ଲୋକଙ୍କ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ନାମ




ଲୁଚାଇବା ସର୍ତ୍ତରେ ଅନେକ ଏହି ସୂଚନା ଦେଇଥିଲେ।

ଏହି ଲୋକମାନେ କହିଥିଲେ ଯେ ଟ୍ରମ୍ପ ଏବଂ ମୋଦୀଙ୍କ ସମ୍ପର୍କ ଦୁଇ ଦେଶ ପାଇଁ ପ୍ରଭାବୀ ସାବ୍ୟସ୍ତ ହୋଇପାରେ। କିନ୍ତୁ ଟ୍ରମ୍ପଙ୍କ ନୀତି ଯୋଗୁଁ ଭାରତ-ଆମେରିକା ସମ୍ବନ୍ଧ ଖରାପ ହେବାରେ ଲାଗିଛି। ଅନ୍ୟପକ୍ଷରେ ଭାରତ ନିଜ ଅର୍ଥବ୍ୟବସ୍ଥାକୁ ମଜବୁତ କରିବା ପାଇଁ ପଦକ୍ଷେପ ନେଉଛି। କିନ୍ତୁ ଏହାକୁ ନେଇ ସବୁଠାରୁ ବଡ଼ ବ୍ୟାବସାୟିକ ସହଯୋଗୀ ଆମେରିକା ଅସନ୍ତୋଷ ପ୍ରକାଶ କରୁଛି। ରିପୋର୍ଟରେ କୁହାଯାଇଛି ଯେ ପୂର୍ବରୁ ଟ୍ରମ୍ପଙ୍କୁ ମୋଦୀ ପ୍ରକୃତ ମିତ୍ର କହିଥିଲେ। କିନ୍ତୁ ଏବେ ଉଭୟଙ୍କ ସମ୍ବନ୍ଧ ଠିକ୍ ନାହିଁ। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ସମ୍ବନ୍ଧିତ ଅଧିକାରୀଙ୍କ ଅନୁଯାୟୀ କ୍ୱାଡ ସମ୍ମିଳନୀରେ ଭାଗ ନେବା ପାଇଁ ଟ୍ରମ୍ପ ଚଳିତ ବର୍ଷ ଶେଷରେ ଭାରତ ଆସିବେ ବୋଲି ମୋଦୀଙ୍କୁ କୁହାଯାଇଥିଲା। ମାତ୍ର ଏବେ ନୂଆଦିଲ୍ଲୀ ଆସିବାକୁ ଟ୍ରମ୍ପଙ୍କ କୌଣସି ଯୋଜନା ନାହିଁ। ଭାରତରେ ଟ୍ରମ୍ପଙ୍କୁ ନେଇ ନକରାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ସପ୍ତାହରେ ମହାରାଷ୍ଟ୍ରର ଏକ ପର୍ବ ସମୟରେ ବଡ଼ କୁଶପୁତ୍ତଳିକା ବୁଲା ଯାଇଥିଲା। ଏଥିରେ ପଛରୁ ଛୁରା ମାରିଥିବା ଲେଖା ଯାଇଥିଲା। ଆମେରିକା ଯେଉଁ ପଦକ୍ଷେପ ନେଇଛି ତାହାକୁ ଜଣେ ଭାରତୀୟ ଅଧିକାରୀ ଗୁଣ୍ଡାଗର୍ଦି ବୋଲି କହିଥିଲେ।

## ପାୱାରଗ୍ରିଡ୍‌କୁ ପୁରସ୍କୃତ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ,୩୦।୮ (ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଗ୍ରିଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ (ପାୱାରଗ୍ରିଡ)କୁ ମାନବ ସମ୍ବଳ ପ୍ରବନ୍ଧନ ପାଇଁ 'ସ୍କୋପ ଏମିନେନ୍ସ ପୁରସ୍କାର'ରେ ସମ୍ମାନୀତ କରିଛନ୍ତି। ସ୍ଥାନୀୟ ବିଜ୍ଞାନ ଭବନରେ ପାୱାରଗ୍ରିଡ୍‌ର ନିର୍ଦ୍ଦେଶକ ତଥା ଏମ୍‌ଡି ରବୀନ୍ଦ୍ର କୁମାର ତ୍ୟାଗୀ ଓ ପର୍ସନାଲ ନିର୍ଦ୍ଦେଶକ ଯତୀନ୍ଦ୍ର ଦ୍ୱିବେଦୀ ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଡିପାର୍ଟମେଣ୍ଟ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜର୍ସ (ଡିପିଇ) ସଚିବ କେ ମୋସେସ ଚଲାଇଙ୍କ ସମେତ ସିପିଏସ୍‌ୟୁ, ସ୍କୁପ୍ ଓ ପାୱାରଗ୍ରିଡ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପାୱାରଗ୍ରିଡ୍‌ର ପ୍ରଗତିଶୀଳ ମାନବ ସମ୍ବଳ ପ୍ରକ୍ରିୟା, କର୍ମଚାରୀ କୈନ୍ଦ୍ରିକ ନୀତି, ନିରନ୍ତର ଭାବେ କୌଶଳ ଉନ୍ନୟନ ଏବଂ ନେତୃତ୍ୱର ବିକାଶକୁ ଦୃଷ୍ଟିରେ ରଖି ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିସହ ସଂଗଠନରେ କିଛି ନୂଆ କରି ଦେଖାଇବାର ପ୍ରତିବଦ୍ଧତା ଓ ସମାବେଶିତା ଓ ସମାଗ୍ରିକ କଲ୍ୟାଣର ସଂସ୍କୃତିର ବିକାଶକୁ ମଧ୍ୟ ମାନ୍ୟତା ପ୍ରଦାନ କରାଯାଇଛି।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଓ କୋଟକ ମହିନ୍ଦ୍ରା ବ୍ୟାଙ୍କ ପକ୍ଷରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୦।୮ (ସମିସ): ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ କୋଟକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ଼ର ସହଭାଗିତାରେ ଭୁବନେଶ୍ୱରରେ 'ଗୋଷ୍ଠୀ ଭିତ୍ତିକ ଜୈବିକ ବିବିଧତା ସଂରକ୍ଷଣ' ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହାକୁ ଉଦ୍‌ଘାଟନ କରି ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ରାୟ ପରିବେଶ ସଂରକ୍ଷଣରେ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର (ରିଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟର)ର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଆଇଏଫଏସ ସୁଧାଂଶୁ ଖୋରା, ସମ୍ମାନିତ ଅତିଥି ଭାବରେ ଡେଭଲପମେଣ୍ଟ ପ୍ରଫେସନାଲ ତଥା ପରିବେଶବିତ୍ ଡ଼ ଅମ୍ବିକା ପ୍ରସାଦ ନନ୍ଦ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଟାଟା ଷ୍ଟିଲର ନାଚୁରାଲ କ୍ୟାପିଟାଲ ଆଣ୍ଡ ବିଜନେସ ଇଂଟିଗ୍ରେସନ ସଷ୍ଟେନେବିଲିଟିର ମୁଖ୍ୟ ଜେସନ ଥୋମାସ୍ ଯୋଗ ଦେଇଥିଲେ। ବୈଷୟିକ ଅଧିବେଶନରେ ଏମ୍ ଏସ୍ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନର ଡ଼ କାର୍ତ୍ତିକ ଚରଣ ଲେଙ୍କା, ଓଡ଼ିଶା ବାୟୋଡାଇଭର୍ସିଟି ବୋର୍ଡର ଡ଼ ସତ୍ୟରଞ୍ଜନ ବେହେରା, 'ସ୍ନେହା'ର ରଞ୍ଜିତ ପଟ୍ଟନାୟକ, ଗ୍ରୋ ୱିଥ୍ ନେଚରର ଡ଼ ଗାୟତ୍ରୀ ଦେବୀ ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନର ଡ଼ ସୁବ୍ରତ ପ୍ରମୁଖ ଉପସ୍ଥିତ ଥିଲେ।




## ଅନୁଗୁଳରେ ଖିମ୍‌ଜୀ ଜୁଏଲର୍ସର ନୂତନ ଶୋ'ରୁମ୍



ଅନୁଗୋଳ, ୩୦।୮ (ସମିସ): ଓଡ଼ିଶାର ସୁନା ଅଳଙ୍କାରର ସବୁଠାରୁ ବିଶ୍ୱସ୍ତ ବ୍ରାଣ୍ଡ ଖିମ୍‌ଜୀ ଜୁଏଲର୍ସର ନୂଆ ଭବ୍ୟ ଶୋ'ରୁମ ରବିବାର ଅନୁଗୁଳରେ ଖୋଲିବାକୁ ଯାଉଛି। ଏହା ଅନୁଗୋଳର ସବୁଠାରୁ ବଡ଼ ଅଳଙ୍କାର ଶୋରୁମ୍। ଓଡ଼ିଶାରେ ଏହା ବ୍ରାଣ୍ଡର ଦଶମ ଶୋ'ରୁମ୍ ହେବ। ଏଠାରେ ସୁନା, ହୀରା, ପ୍ଲାଟିନମ୍ ଏବଂ ରୂପା ଅଳଙ୍କାରର ଏକ ବିସ୍ତୃତ ଏବଂ ବ୍ୟାପକ ସଂଗ୍ରହ ସହିତ ଫ୍ୟାଶନ୍ ଜୁଏଲାରୀ ଏବଂ କର୍ପୋରେଟ୍ ଉପହାର ରହିଛି। ଏହି ଉଦଘାଟନ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ, ନିର୍ଦ୍ଦେଶକ ସୁମିତ ଖିମଜୀ, ଖିମ୍‌ଜୀ ପରିବାରର ସଦସ୍ୟଗଣ ଏବଂ ଅନେକ ମାନ୍ୟଗଣ୍ୟ ଅତିଥିମାନେ ଉପସ୍ଥିତ ରହିବେ। ଆଧୁନିକ ଡିଜାଇନ୍ ଏବଂ ଭବ୍ୟ ପରିବେଶ ସହିତ ଏହି ଶୋରୁମ୍ ଏକ ଅବିସ୍ମରଣୀୟ ଅଳଙ୍କାର କ୍ରୟ ଅନୁଭୂତି ପ୍ରଦାନ କରିବାକୁ ସୁନ୍ଦର ଭାବରେ ପରିକଳ୍ପିତ। ଉଦଘାଟନୀ ଅବସରରେ ସୁନା ଅଳଙ୍କାରରେ ଗଢ଼ା ମଜୁରିରେ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି, ରୂପା ଓଜନ ବସ୍ତୁର ଗଢ଼ା ମଜୁରିରେ ୨୫% ରିହାତି, ରୂପା ଏବଂ ଫ୍ୟାଶନ୍ ଜୁଏଲାରି ଏମଆରପିରେ ୧୫% ରିହାତି ଏବଂ କଳାକୃତି (ଆର୍ଟେଫ୍ୟାକ୍ଟସ) ଉପରେ ୧୦% ରିହାତି ପାଇବେ।

## ବିକଶିତ ଭାରତ ୨୦୪୭ ପାଇଁ ରୋଡ଼ମ୍ୟାପ



ଭୁବନେଶ୍ୱର, ୩୦।୮ (ସମିସ): ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ଏମ୍‌ଡି ଓ ସିଇଓ, ଆଶିଷ କୁମାର ଚୌହାନ ନିକଟରେ ବିକଶିତ ଭାରତ ୨୦୪୭ ଉପରେ ନିଜ ଆଭିମୁଖ୍ୟ ରଖିଛନ୍ତି। ସେ କହିଥିଲେ ଯେ ବିଶ୍ୱରେ ଜାରି ରହିଥିବା ଅସ୍ଥିରତା ମଧ୍ୟମରେ ଭାରତର ପୁଞ୍ଜି ବଜାର ପୁଣିଥରେ ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶିତ କରିଛି। 'ଭାରତର ଅଭିବୃଦ୍ଧି କାହାଣୀ ମଜବୁତ ମୌଳିକତା, ଢାଞ୍ଚାଗତ ସୁଧାର, ଡିଜିଟାଲୀକରଣ ଓ ଘରୋଇ ଚାହିଦାରେ ବୃଦ୍ଧି ଦ୍ୱାରା ପରିଚାଳିତ ହେଉଛି। ଭାରତ ଏକ ଗ୍ଲୋବାଲ ଫାଇନାନ୍ସିଆଲ ପାୱାରହାଉସ ଭାବେ ଆଗକୁ ବଢ଼ିବା ଜାରି ରଖିଛି। ଗମ୍ଭୀର ଭୂରାଜନୈତିକ ଅନିଶ୍ଚିତତା, ବିଶ୍ୱବ୍ୟାପୀ ଜଟିଳ ମୁଦ୍ରାନୀତି ଚକ୍ର ଓ ଅସ୍ଥିର ସାମଗ୍ରୀ ମୂଲ୍ୟ ସତ୍ତ୍ୱେ ଭାରତୀୟ ଷ୍ଟକ ବଜାରଗୁଡିକରେ ସ୍ଥିରତା ବଜାୟ ରହିଛି। ଏହି ସ୍ଥିରତା ସ୍ଥାୟୀ ଉଚ୍ଚ ଆର୍ଥିକ ଅଭିବୃଦ୍ଧି ଏବଂ ବିଶ୍ୱର ଅନ୍ୟତମ ସର୍ବବୃହତ ସଞ୍ଚୟ କ୍ଷେତ୍ର ଏବଂ ଦୃଢ଼ ଓ ଉତ୍ତମ ବ୍ୟାଙ୍କିଙ୍ଗ ବାଲାନ୍ସ ସିଟ୍‌ରୁ ଆସିଛି।

## ସିଏଫ୍‌ଏ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଭୁବନେଶ୍ୱରରେ ପ୍ରଥମ ପ୍ରଫେସର୍‌ସ ରାଉଣ୍ଡ ଟେବୁଲ

ଭୁବନେଶ୍ୱର,୩୦।୮ (ସମିସ): ନିବେଶ କ୍ଷେତ୍ରର ପେସାଦାର ବ୍ୟକ୍ତିମାନଙ୍କ ଆନ୍ତର୍ଜାତୀୟ ସଂଘ ସିଏଫଏ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଚଳିତ ମାସ ଆରମ୍ଭରେ ଭୁବନେଶ୍ୱରରେ ଏହାର ପ୍ରଥମ ପ୍ରଫେସର୍‌ସ ରାଉଣ୍ଡଟେବୁଲ ଆୟୋଜନ କରାଯାଇଛି। ଏହା ବିତ୍ତୀୟ ଶିକ୍ଷାର ଭବିଷ୍ୟତ ଏବଂ ନିବେଶ ପରିଚାଳନା ଶିଳ୍ପର ବିକଶିତ ଆବଶ୍ୟକତା ସହ ଏହାର ସମନ୍ୱୟତା ପ୍ରସଙ୍ଗରେ ଏକ ତଥ୍ୟପୂର୍ଣ୍ଣ ଆଲୋଚନା ପାଇଁ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡିକର ବରିଷ୍ଠ ଅଧ୍ୟାପକମାନଙ୍କୁ ଏକତ୍ରିତ କରିଛି। ସିଏଫଏ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଆୟୋଜିତ ଏହି ରାଉଣ୍ଡଟେବୁଲ ବୈଠକ, ଦକ୍ଷତା ଅନ୍ତର ଦୂର କରିବା ଉପରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ମଧ୍ୟରେ ବିଚାର ବିନିମୟ, ଛାତ୍ରଛାତ୍ରୀଙ୍କ ନିଯୁକ୍ତି କ୍ଷମତା ବୃଦ୍ଧି ଏବଂ ନିଯୁକ୍ତି ବଜାରର ବାସ୍ତବ ଦୁନିଆର ଆବଶ୍ୟକତା ସହ ଶିକ୍ଷାନୁଷ୍ଠାନଗୁଡିକର ପାଠ୍ୟକ୍ରମକୁ ସଂଯୋଜିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଛି। ଏହି ରାଉଣ୍ଡଟେବୁଲରେ ସିଏଫଏ ଇନ୍‌ଷ୍ଟିଚ୍ୟୁଟର ସିନିୟର ୟୁନିଭର୍ସିଟି ରିଲେସନ୍ସ ସ୍ପେଶାଲିଷ୍ଟ ସଇମ ଫକିହଙ୍କ ସମେତ ଭୁବନେଶ୍ୱରର ଫାଇନାନ୍ସ ଓ ମ୍ୟାନେଜମେଣ୍ଟ କ୍ଷେତ୍ରର ପ୍ରତିଷ୍ଠିତ ଶିକ୍ଷାବିତମାନେ ଯୋଗଦେଇଥିଲେ। ଏହି ଅଧିବେଶନରେ ଉତ୍କଳ ବିଶ୍ୱବିଦ୍ୟାଳୟର ରବୀନ୍ଦ୍ର କୁମାର ସ୍ୱାଇଁ, ଏକ୍ସଆଇଏମ ୟୁନିଭର୍ସିଟିର ପି.କେ. ମହାନ୍ତି, ମହର୍ଷି କଲେଜର କଳିଙ୍ଗ ରଞ୍ଜନ, ଏକ୍ସଆଇଏମବି ଓ ଏକ୍ସଆଇଏମ ୟୁନିଭର୍ସିଟିର ରିତେଶ କୁମାର ଦୁବେ ଓ ପି.କେ. ମହାନ୍ତି; ରମାଦେବୀ ୱମେନ୍‌ସ ୟୁନିଭର୍ସିଟିର ସାବତ କୁମାର ଦିଗଲ ଓ ଆଶୋକ ଓଝା; ମହର୍ଷି କଲେଜର କଳିଙ୍ଗ ରଞ୍ଜନ ପ୍ରଧାନ; ଉତ୍କଳ ୟୁନିଭର୍ସିଟିର ରବୀନ୍ଦ୍ର କୁମାର ସ୍ୱାଇଁ ଓ ମୁନା ସାହୁ, ସୋଆ ୟୁନିଭର୍ସିଟିର ପ୍ରଫୁଲ କୁମାର ସ୍ୱାଇଁ ଏବଂ ଏକାମ୍ର କଲେଜର ଅଧକ୍ଷ କୁମାର ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।

## ଋଣ ଓ ବନ୍ଧକ ଋଣରେ ସୁଧ ହାର ହ୍ରାସ କଲା ବିଓବି

ଭୁବନେଶ୍ୱର, ୩୦।୮ (ସମିସ): ଭାରତର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ-ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ପାର୍ବଣ ଋତୁରେ କାର୍ ଋଣ ଓ ବନ୍ଧକ ଋଣ ଉପରେ ସୁଧ ହାର ହ୍ରାସ କରାଯାଇଛି। କାର୍ ଋଣର ଫ୍ଲୋଟିଂ ସୁଧ ହାର ୮.୪୦ରୁ ହ୍ରାସ କରି ୮.୧୫ ପ୍ରତିଶତ କରିଦିଆଯାଇଛି। ଏହା ପୂର୍ବରୁ ଆରବିଆଇ ରେପୋ ରେଟ୍ ହ୍ରାସ କରିବା ପରେ ବିଓବି ସୁଧ ହାର ୧ % ହ୍ରାସ କରିଥିଲା। ବାର୍ଷିକ ୮.୧୫ ପ୍ରତିଶତ ସୁଧ ହାର ନୂଆ କାର୍ କିଣିବା ଉପରେ ଲାଗୁ ହେବ। ସେହିପରି ବନ୍ଧକ ଋଣ (ସମ୍ପତ୍ତି ବନ୍ଧକ ଋଣ) ସୁଧ ହାରକୁ ବାର୍ଷିକ ୯.୧୫ ପ୍ରତିଶତକୁ ହ୍ରାସ କରିଦିଆଯାଇଛି। ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ ମୁଦଲିଆର କହିଛନ୍ତି ଯେ ପାର୍ବଣ ଋତୁରେ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଏହି ସ୍ୱତନ୍ତ୍ର ଅଫର ଅଣାଯାଇଛି। ଏହା ସହିତ ଗ୍ରାହକଙ୍କ ସିବିଲ୍ ସ୍କୋର ଅନୁସାରେ ସୁଧ ହାରରେ ୦.୫୫ %ରୁ ୩ % ପର୍ଯ୍ୟନ୍ତ ହ୍ରାସରେ ଅତିରିକ୍ତ ପାଣ୍ଠି ହାସଲ କରିପାରିବେ। ବ୍ୟାଙ୍କ ପକ୍ଷରୁ କାର୍ ଋଣ ଉପରେ ଆକର୍ଷଣୀୟ ଫିକ୍ସଡ୍ ସୁଧ ହାର ରହିଛି। ଏହା ବ୍ୟାଙ୍କର ୬ ମାସିଆ ଏମ୍‌ସିଏଲ୍‌ଆର୍ ସହ ସଂଯୁକ୍ତ ଥିବା ବେଳେ ବାର୍ଷିକ ୮.୬୫ ପ୍ରତିଶତରୁ ଆରମ୍ଭ ହୋଇଛି।

## ମେହୁଲ ଚୋକସିଙ୍କ ଜାମିନ ଆବେଦନ ଖାରଜ



ନୂଆଦିଲ୍ଲୀ,୩୦।୮ (ଏଜେନ୍ସି): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ରୁ ୬,୩୦୦ କୋଟି ଟଙ୍କାର ଠକେଇ ମାମଲାରେ ଜଡିତ ଜଣାଶୁଣା ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ଜାମିନ ଆବେଦନକୁ ବେଲଜିୟମର ଏକ କୋର୍ଟ ଖାରଜ କରି ଦେଇଛନ୍ତି। ଫଳରେ ଭାରତକୁ ପ୍ରତ୍ୟର୍ପଣ କରିବା ନେଇ ଶୁଣାଣି ଆରମ୍ଭ ହେବା ପୂର୍ବରୁ ମେହୁଲଙ୍କୁ ବଡ଼ ଝଟ୍‌କା ଲାଗିଛି। ସେ ଏବେ ଜେଲ୍‌ରେ ରହିବା ସ୍ପଷ୍ଟ ହୋଇଛି। ମେହୁଲ ଅଗଷ୍ଟ ୨୨ରେ ଜାମିନ ପାଇଁ ଆବେଦନ କରିଥିଲେ ଓ ଗୃହବନ୍ଦୀ ହୋଇ ରହିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ତାଙ୍କର ଏହି ପ୍ରସ୍ତାବକୁ କୋର୍ଟ ପ୍ରତ୍ୟାଖାନ କରିଛନ୍ତି। ୬୫ ବର୍ଷୀୟ ମେହୁଲ ଗତ ଏପ୍ରିଲ୧୧ରେ ଆଣ୍ଟୱେର୍ପ ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବା ଲାଗି ସିବିଆଇ ଆବେଦନ କରିଥିଲା। ଏହାକୁ ଭିତ୍ତି କରି ତାଙ୍କୁ ବେଲଜିୟମରେ ଗିରଫ କରାଯାଇଥିଲା। ମେହୁଲଙ୍କ ଭଣଜା ନୀରବ ମୋଦୀ ମଧ୍ୟ ପିଏନ୍‌ବି ଦୁର୍ନୀତି ମାମଲାରେ ୧୩,୦୦୦ କୋଟି ଟଙ୍କାର ଠକେଇ ମାମଲାରେ ମୁଖ୍ୟ ଅଭିଯୁକ୍ତ। ସେ ଭାରତରେ ୱାଣ୍ଟେଡ ଅଛନ୍ତି।

## ୨୦୨୫ ଟାଇମ ୧୦୦ ଏଆଇ ତାଲିକାରେ କଗ୍ନିଜାଣ୍ଟ ସିଇଓ ରବି କୁମାର

ଭୁବନେଶ୍ୱର, ୩୦।୮ (ସମିସ): କଗ୍ନିଜାଣ୍ଟର ସିଇଓ ରବି କୁମାର ଏସ୍ ୨୦୨୫ ଟାଇମ ୧୦୦ ଏଆଇ ତାଲିକାରେ ସ୍ଥାନ ପାଇଛନ୍ତି। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏହିପ୍ରତିଷ୍ଠିତ ସ୍ୱୀକୃତି ରବି କୁମାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ଏଆଇ



ଉଦ୍ୟୋଗ କ୍ଷେତ୍ରରେ ତାଙ୍କର ଅବଦାନକୁ ସୂଚିତ କରୁଛି। ଟାଇମ ୧୦୦ ଏଆଇ ତାଲିକା ଆଜିର ଏଆଇ ପରିଦୃଶ୍ୟକୁ ନୂଆ ରୂପ ଦେଉଥିବା ବିଭିନ୍ନ କ୍ଷେତ୍ରର ପ୍ରଭାବଶାଳୀ ଲିଡର, ଥିଙ୍କର, ବୈଜ୍ଞାନିକ ଓ ନୀତିନିର୍ମାତାମାନଙ୍କୁ ସାମିଲ କରିଥାଏ। ଏହି ତାଲିକାରେ ସ୍ଥାନ ପାଇବା ଏଆଇ ଟେକ୍ନୋଲୋଜିକୁ ଅଗ୍ରଗାମୀ କରିବା ଦିଗରେ କୁମାରଙ୍କ କେବଳ ଉତ୍ସର୍ଗୀକୃତ ଅବଦାନକୁ ପ୍ରତିଫଳନ କରୁନାହିଁ, ବରଂ ଏହି ଶିଳ୍ପରେ ଉଦ୍ଭାବନା ଓ ଉତ୍କର୍ଷତାକୁ ପରିଚାଳନା କରିବା ପ୍ରତି କଗ୍ନିଜାଣ୍ଟର ପ୍ରତିବଦ୍ଧତାକୁ ଦର୍ଶାଉଛି। ରବି କୁମାରଙ୍କ ନେତୃତ୍ୱରେ କଗ୍ନିଜାଣ୍ଟ ଏଣ୍ଟରପ୍ରାଇଜ ଏଆଇକୁ ତ୍ୱରାନ୍ୱିତ କରିବା ପାଇଁ ୨୦୨୩ରେ ୧ ମିଲିୟନ ଡଲାରର ନିବେଶ ଘୋଷଣା କରିଥିଲା। କମ୍ପାନୀ ଏହାର ଗ୍ଲୋବାଲ ସିନାପ୍‌ସ ସ୍କିଲିଂ ଅଭିଯାନ ମାଧ୍ୟମରେ ବର୍ତ୍ତମାନ ଏଆଇ ଓ ଆଡଭାନ୍ସଡ ଟେକ୍ନୋଲୋଜି କ୍ଷେତ୍ରରେ ଦକ୍ଷତା ଓ ପ୍ରଶିକ୍ଷଣ ସୁଯୋଗ ସହ ୧ ନିୟୁତ ଲୋକଙ୍କ ନିକଟରେ ପହଞ୍ଚିଛି।

# ଚୀନ୍ ସହ ଭାରତର ବାଣିଜ୍ୟ ସମ୍ପର୍କ: ଲାଭ କମ୍, କ୍ଷତି ବେଶୀ

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଭାରତ ଏବଂ ଚୀନ୍ ମଧ୍ୟରେ ଦ୍ରୁତଗତିରେ ବାଣିଜ୍ୟ କାରବାର ବଢ଼ିବାରେ ଲାଗିଛି। କିନ୍ତୁ ଏହି ବ୍ୟାପାରରେ ଏବେ ବି ଚୀନ୍‌ର ସ୍ଥିତି ଅଧିକ ମଜବୁତ ରହିଛି। ଭାରତ ଏହି ବାଣିଜ୍ୟ କ୍ଷତିକୁ ନେଇ ଚିନ୍ତିତ ରହିଛି। ଏହା ସହିତ ଚୀନ୍ ବଜାରରେ ନିଜ ସାମଗ୍ରୀ ବିକିବା ଭାରତ ପାଇଁ କାଠିକର ହେଉଛି। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ସ୍ଥିର ରଖିବା ଲାଗି ଭାରତ ଏବଂ ଚୀନ୍‌କୁ ଏକାଠି କାମ କରିବାକୁ ହେବ। ପରସ୍ପରକୁ ସମ୍ମାନ ଏବଂ ଲାଭ ସହିତ ସମ୍ବନ୍ଧକୁ ଆଗକୁ ବଢ଼ାଇବା ପାଇଁ ଭାରତ ପ୍ରସ୍ତୁତ ରହିଛି। ଅନ୍ୟପଟେ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ ଏବଂ ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଭାରତ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ତେବେ ଚୀନ୍ ସହ ବାଣିଜ୍ୟରେ ଭାରତର ଲାଭ କମ, କ୍ଷତି ଅଧିକ ହେଉଛି।

ଚଳିତ ବର୍ଷ ଏପ୍ରିଲରୁ ଜୁଲାଇ ମଧ୍ୟରେ ଭାରତର ରପ୍ତାନୀ ୧୯.୯୭ ପ୍ରତିଶତ ବୃଦ୍ଧି ପାଇଛି। ଏହା ବୃଦ୍ଧି ପାଇ ୫.୭୫ ବିଲିୟନ ଡଲାର ହୋଇଯାଇଛି। ସେହିପରି ଆମଦାନୀ ୧୩.୦୬ ପ୍ରତିଶ ବଢ଼ି ୪୦.୬୫ ବିଲିୟନ ଡଲାର ହୋଇଛି। ୨୦୨୪-୨୫ରେ ଭାରତ ୧୪.୨୫ ବିଲିୟନ ଡଲାରର ରପ୍ତାନୀ କରିଥିଲା। ତେବେ ୧୧୩.୫ ବିଲିୟନ ଡଲାରର ଆମଦାନୀ କରାଯାଇଥିଲା। ଆମଦାନୀ ଏବଂ ରପ୍ତାନୀ ମଧ୍ୟରେ ଥିବା ଅନ୍ତରକୁ ବାଣିଜ୍ୟ କ୍ଷତି କୁହାଯାଏ। ୨୦୦୩-୦୪ରେ ଏହା ୧.୧ ବିଲିୟନ ଡଲାର ଥିଲା। ମାତ୍ର ୨୦୨୪-୨୫ରେ ଏହା ବୃଦ୍ଧି ପାଇ ୯୯.୨ ବିଲିୟନ ଡଲାର (ପ୍ରାୟ ୮ ଲକ୍ଷ ୭୦ ହଜାର କୋଟି) ହୋଇଛି। ଗତ ଆର୍ଥିକ ବର୍ଷରେ ଚୀନ୍ ସହ ବାଣିଜ୍ୟ କ୍ଷତି ମୋଟ କ୍ଷତିର ପ୍ରାୟ ୩୫ ପ୍ରତିଶତ ଥିଲା। ଭାରତର ମୋଟ ବାଣିଜ୍ୟ କ୍ଷତି ୨୮୩ ବିଲିୟନ ଡଲାର ଥିଲା। ୨୦୨୩-୨୪ରେ ଏହି ଅନ୍ତର ୮୫.୧ ବିଲିୟନ ଡଲାର ଥିଲା। ଏହାକୁ ନେଇ ଚିନ୍ତା ଲାଗି ରହିଛି। ଥିଙ୍କଟ୍ୟାଙ୍କ ଜିଟିଆରଆଇ ଅନୁଯାୟୀ ଆମଦାନୀରେ ଚୀନ୍ ପ୍ରାୟ ସବୁ କ୍ଷେତ୍ରରେ ଭାରତଠାରୁ ଆଗରେ ରହିଛି। ଏଭଳି କିଛି ଔଷଧ ରହିଛି ଯାହାର ୯୭.୭ ପ୍ରତିଶତ ଭାଗ ଚୀନ୍ ଯୋଗାଣ କରୁଛି। ଉଦାହରଣ ସ୍ୱରୂପ ଏରିଥ୍ରୋମାଇସିନ ଭଳି ଆଣ୍ଟିବାୟୋଟିକ ଏଥିରେ ସାମିଲ ରହିଛି।

ଇଲେକ୍ଟ୍ରୋନିକ୍ସରେ ଚୀନ୍ ସିଲିକନ୍ ୱେଫର୍ ୯୬.୮ ପ୍ରତିଶତ ଏବଂ ଫ୍ଲାଟ୍ ପ୍ୟାନେଲ୍ ଡିସ୍‌ପ୍ଲେର ୮୬ ପ୍ରତିଶତ ନିର୍ମାଣ କରୁଛି। ସୌରଶକ୍ତିରେ ୮୨.୭ ପ୍ରତିଶତ ସୌର ସେଲ୍ ଏବଂ ୭୫.୨ ପ୍ରତିଶତ ଲିଥିୟମ୍-ଆୟନ୍ ବ୍ୟାଟେରୀ ଚୀନ୍‌ରୁ ଆସୁଛି। ଲାପଟପ୍ (୮୦.୫ ପ୍ରତିଶତ), ଏମ୍ବ୍ରୋଡେରୀ ମେସିନ୍ (୯୧.୪ ପ୍ରତିଶତ) ଏବଂ ଭିସ୍କୋସ୍ ସୂତା (୯୮.୯ ପ୍ରତିଶତ) ଭଳି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରେ ମଧ୍ୟ ଚୀନ୍ ପ୍ରାଧାନ୍ୟ ବିସ୍ତାର କରିଛି। ଜିଟିଆରଆଇ ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବଙ୍କ ଅନୁଯାୟୀ ବାଣିଜ୍ୟରେ ଚୀନ୍‌ର ପ୍ରାଧାନ୍ୟ ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରେ। ରାଜନୈତିକ ଉତ୍ତେଜନା ସମୟରେ ଚୀନ୍ ଯୋଗାଣ ବନ୍ଦ କରି ଭାରତ ଉପରେ ଚାପ ପକାଇପାରେ। ଚୀନ୍ କୁ ଭାରତର ରପ୍ତାନୀ ହ୍ରାସ ପାଉଛି। ତେଣୁ ଚୀନ୍ ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଛି। ଦୁଇ ଦଶନ୍ଧି ପୂର୍ବେ ଦ୍ୱିପାକ୍ଷିକ ବାଣିଜ୍ୟରେ ଭାରତର ଅଂଶ ୪୨.୩ ପ୍ରତିଶତ ଥିଲା। ଏବେ ଏହା କେବଳ ୧୧.୨ ପ୍ରତିଶତ ରହିଛି।

# ମହିଳା କାଠ କାରିଗର



**ସାଧାରଣତଃ କାଠକାମ କହିଲେ ପୁରୁଷ ବଢ଼େଇଙ୍କ କଥା ସାମ୍ନାକୁ ଆସିଥାଏ । ଘରେ ଖଟ, ପଲଙ୍କ, ସୋଫା ଆଦି ତିଆରି କଥା ଉଠିଲେ, ବୁଢ଼ା ବଢ଼େଇଙ୍କୁ ଖୋଜା ପଡ଼ିଥାଏ । ଏହା ପୁରୁଷଙ୍କ କାର୍ଯ୍ୟ ବୋଲି କୁହାଯାଏ । କିନ୍ତୁ ଏ ଦିଗରେ ଏବେ ମହିଳାଙ୍କ ପ୍ରବେଶ ଦେଖିବାକୁ ମିଳୁଛି । ପୁରୁଷ ଭଳି ମହିଳା ଏବେ ହାତରେ କରତ ଧରି କାଠ ଆସବାବପତ୍ର ତିଆରି କରୁଛନ୍ତି । ସେମିତି ଜଣେ ମହିଳା ବଢ଼େଇ ହେଲେ, ନାଗପୁର ବାଥିଣ୍ଡା ଅଞ୍ଚଳର ପ୍ରୀତି ହେଙ୍ଗେ । ସେ କାଠରୁ ଭଳିକି ଭଳି ଉପକରଣ ଯଥା - ସୋଫା, ଖଟ, ପଲଙ୍କ, ଚଉକି , ଟେବୁଲ ଆଦି ପ୍ରସ୍ତୁତ କରି କାଠକାର୍ଯ୍ୟରେ ନିଜର ଏକ ପରିଚୟ ସୃଷ୍ଟି କରିଛନ୍ତି । ଏହା କେବଳ ପୁରୁଷ କାର୍ଯ୍ୟ ନୁହେଁ, ବୋଲି ସେ ପ୍ରମାଣିତ କରିଛନ୍ତି । ଏଥିସହ ଅନ୍ୟ ମହିଳାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଛନ୍ତି ।**

ମହିଳା ବଢ଼େଇ ଭାବେ ପରିଚିତ ପ୍ରୀତି ନାଗପୁର ବାଥିଣ୍ଡାରେ ରୁହନ୍ତି । ସେ ଗାଁର ଏକମାତ୍ର ମହିଳା ବଢ଼େଇ ଭାବେ ଜଣାଜାନ୍ତି । ଗାଁରେ ତାଙ୍କର ଜୟ ଶ୍ରୀ ଗଣେଶ ଫର୍ଣ୍ଣିଚର ମାର୍ଟ ନାମରେ ଏକ ଦୋକାନ ରହିଛି । ପିଲାବେଳୁ ସେ ନିଜ ପିତାଙ୍କୁ ବଢେଇ କାର୍ଯ କରିବାର ଦେଖିଥିଲେ । ଧୀରେ ଧୀରେ ତାଙ୍କର ଏଥିପ୍ରତି ରୁଚି ବଢ଼ିଥିଲା । ସେ ପିତାଙ୍କୁ କହି ଏହି କାର୍ଯ୍ୟ ଶିଖିଥିଲେ । ସେ କୋଡ଼ିଏ ବର୍ଷ ବୟସରେ ପ୍ରଥମେ ଏକ କାଠ ଆଲମାରୀ ତିଆରି କରିଥିଲେ । ଫର୍ଣ୍ଣିଚର ଜିନିଷ ପ୍ରତି ତାଙ୍କ ରୁଚି ଦେଖି ଏହି କାର୍ଯ୍ୟ ଶିଖିବାରେ ତାଙ୍କ ପିତା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ପ୍ରଥମେ ପ୍ରଥମେ ପ୍ରୀତିଙ୍କୁ ଏହି କାର୍ଯ୍ୟ କରୁଥିବା ଦେଖି ସାହିପଡ଼ୋଶୀ ଲୋକେ ଟାହିଟାପରା କରୁଥିଲେ । ଅନେକ ତାଙ୍କ ମଜାକ୍ ଉଡ଼ାଉଥିଲେ । ହେଲେ ସ କାହା କଥାକୁ ଭ୍ରୂକ୍ଷେପ ନ କରି ନିଜ କାମରେ ଧ୍ୟାନ ଦେଇଥିଲେ । ଧିରେ ଧିରେ ସେ କାଠରୁ ଖଟ, ଆଲମାରୀ, ଡ୍ରେସିଂ ଟେବୁଲ୍ ଆଦି ଶିଖିଥିଲେ । ବିବାହପରେ ଘରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଫର୍ଣ୍ଣିଚର ଦୋକାନ କରି ବ୍ୟବସାୟ କରିବାକୁ ସ୍ଥିର କରିଥିଲେ । ପ୍ରଥମ ଛୁଆ ଜନ୍ମ ହେବାପରେ ସେ ଏହି ଫର୍ଣ୍ଣିଚର କାର୍ଯ୍ୟ ଆରମ୍ଭ କରିଥିଲେ । ଧୀରେ ଧୀରେ ତାଙ୍କ କାମ ଦେଖି ଲୋକେ ତାଙ୍କୁ ପ୍ରଶଂସା କଲେ । ସ୍ଥାନୀୟ ଅଞ୍ଚଳରେ ଲୋକେ ତାଙ୍କୁ କାର୍ପେଣ୍ଟର ଦିଦି ଭାବେ ଡାକନ୍ତି । କାଠକାମ ପାଇଁ ପ୍ରସିଦ୍ଧି ଲାଭ କରିଥିବା ପ୍ରୀତିଙ୍କ ପୂର୍ବରୁ ସେ ଅଞ୍ଚଳରେ କୌଣସି ମହିଳା କାଠ କାରିଗର ନ ଥିଲେ । ସେ ନଅ ବର୍ଷ ପୂର୍ବେ ଏକ ଦୋକାନ ଭଡ଼ାରେ ନେଇ ଏହି ବ୍ୟବସାୟ ଆରମ୍ଭ କରିଥିଲେ । ସମୟ କ୍ରମେ ସେ ଏଥିରେ ସଫଳ ହୋଇଥିଲେ । ଦେଖୁ ଦେଖୁ ତାଙ୍କ ତିଆରି ସାମଗ୍ରୀ ଲୋକପ୍ରିୟ ହୋଇଥିଲା । ଏହାପରେ ସେ ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ମିଶନରେ ୧୫ ଦିନିଆ କର୍ମଶାଳାରେ ମଧ୍ୟ ଭାଗ ନେଇଥିଲେ । ଜଣେ ଗୃହିଣୀ ଭାବେ ସେ ଘରକାର୍ଯ୍ୟ ସହ ଏହି କାଠକାମ କରିଥାନ୍ତି । ଏହାଦ୍ୱାରା ନିଜେ ରୋଜଗାରକ୍ଷମ ହେବା ସହ ନିତିଦିନିଆ ତେଲ ଲୁଣ ସଂସାର ଚଳାଇଥାନ୍ତି ।

# ସ୍ଲିଭ୍‌ଲେସ୍ ବ୍ଲାଉଜ୍

**ଶାଢ଼ିରେ ମହିଳାମାନେ ଡିଜାଇନର ବ୍ଲାଉଜ୍ ପିନ୍ଧିବାକୁ ପସନ୍ଦ କରନ୍ତି । ଏହା ଶାଢ଼ିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ସେହିପରି ନିଜକୁ ଏକ ଆଧୁନିକ ତଥା ଷ୍ଟାଇଲିଶ୍ ଲୁକ୍ ଦେବାକୁ ଚାହୁଁଥିଲେ, ସ୍ଲିଭ୍‌ଲେସ୍ ବ୍ଲାଉଜ୍ ପିନ୍ଧିପାରିବେ । ଏହା ଉଭୟ କାଜୁଆଲ୍ ଓ ବିବାହ ପାର୍ଟି ଫଙ୍କ୍‌ସନ୍‌ରେ ଭଲ ମାନିଥାଏ । ଏଥିପାଇଁ ହେୟାର୍ ଷ୍ଟାଇଲ୍‌ରୁ ନେଇ ଆସେସରିଜ୍ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ । ତେବେ ସ୍ଲିଭ୍‌ଲେସ୍ ବ୍ଲାଉଜରେ ସୁନ୍ଦର ଦିଶିବାକୁ ଚାହୁଁଥିଲେ, ଆପଣାନ୍ତୁ ଏହି ଉପାୟ ।**



## ବଟମ୍‌ୱେୟାର

ଏହାକୁ ଉଭୟ ଶାଢ଼ି ଓ ଲେହେଙ୍ଗା ସହ ପିନ୍ଧିପାରିବେ । ବ୍ଲାଉଜ୍ ସାଧା ଥିଲେ ଏହାକୁ ଭାରି କାମଯୁକ୍ତ ଶାଢ଼ିରେ ପିନ୍ଧିପାରିବେ । ସେହିପରି ବ୍ଲାଉଜ୍‌ରେ ଭାରି କାମ ଥିଲେ, ଏହାକୁ ହାଲୁକା ଶାଢ଼ି ତଥା ଲେହେଙ୍ଗାରେ ପିନ୍ଧିପାରିବେ । ଏହାଦ୍ୱାରା ଲୁକ୍‌ରେ ଏକ ସନ୍ତୁଳନ ରହିଥାଏ ।

## ଜୁଏଲାରୀ ଓ ହେୟାର୍ ଷ୍ଟାଇଲ୍

ସ୍ଲିଭ୍‌ଲେସ୍ ବ୍ଲାଉଜରେ ଅଳଙ୍କାର ଓ ହେୟାର୍ ଷ୍ଟାଇଲ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ତେଣୁ ଷ୍ଟାଇଲିଶ୍ ଦେଖାଯିବା ପାଇଁ ଝୁମ୍‌କା ତଥା ପେଣ୍ଡି କାନଫୁଲ ପିନ୍ଧିପାରିବେ । କେଶକୁ ଖୋଲା ନ ରଖି କର୍ଲ କିମ୍ବା ବନ୍ କରିପାରିବେ । ଏଥିସହ ବ୍ଲାଉଜ୍ ଏମ୍ବ୍ରୋଡୋରୀ ଡିଜାଇନ୍ ଥିଲେ ହାଇ ପନିଟେଲ କରିପାରିବେ ।

## ସ୍ରଗ୍

ପ୍ରଥମ ଥର ସ୍ଲିଭ୍‌ଲେସ୍ ବ୍ଲାଉଜ୍ ପିନ୍ଧୁଥିଲେ ଏହାକୁ ସ୍ରଗ୍ କିମ୍ବା ଜ୍ୟାକେଟ୍ ସହ ଷ୍ଟାଇଲ୍ କରିପାରିବେ । ଏଥିରୁ ଏକ ଏଲିଗେଣ୍ଟ ଲୁକ୍ ମିଳିଥାଏ । ଏଥିରୁ ଏକ ଇଣ୍ଡୋ ୱେଷ୍ଟର୍ଣ୍ଣ ଲୁକ୍ ମିଳିଥାଏ ।

# କିସ୍‌ମିସ୍ ପାଣିରୁ ଦୂର ହେବ କେଶ ସମସ୍ୟା

**କିସ୍‌ମିସ୍‌ରେ ବହୁ ପୋଷକ ତତ୍ତ୍ୱ ରହିଥାଏ । ସେଥିପାଇଁ ବିଶେଷଜ୍ଞମାନେ କିସ୍‌ମିସ୍ ସହ ଏହାର ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି । ଏହା ଶରୀର ପାଇଁ ସ୍ୱାସ୍ଥ୍ୟକର ହେବା ସହ ପାଚନରେ ସାହାଯ୍ୟ କରିଥାଏ । ସେହିପରି ଏହା ସ୍ୱାସ୍ଥ୍ୟ ଭଳି କେଶ ପାଇଁ ମଧ୍ୟ ଖୁବ୍ ଲାଭଦାୟକ ହୋଇଥାଏ । ଜାଣିବା ସେ ବିଷୟରେ...**

## କେଶ ବୃଦ୍ଧି

କିସମିସ୍ ପାଣିରେ ଆଇରନ୍ ପ୍ରଚୁର ମାତ୍ରାରେ ରହିଥାଏ । ତେଣୁ ଏହା କେଶମୂଳକୁ ରକ୍ତସଞ୍ଚାଳନ କରିବାରେ ସହାୟକ ହୋଇଥାଏ । ସେହିପରି ଏହାଦ୍ୱାରା କେଶକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ଓ ପୋଷକ ତତ୍ତ୍ୱ ମିଳିଥାଏ । ନିୟମିତ କିସ୍‌ମିସ୍ ପାଣି ପିଇବା ଦ୍ୱାରା ସ୍କାଲ୍‌ପ ସମସ୍ୟା ଦୂର ହୋଇଥାଏ ।

## କେଶ ଝଡ଼ା ସମସ୍ୟା ଦୂର କରେ

୧୫ ରୁ ୨୦ ଟି କିସ୍‌ମିସ୍ ନେଇ ଗୋଟିଏ ପାତ୍ରରେ ବୁଡ଼ାଇ ରାତିସାରା ରଖି ଦିଅନ୍ତୁ । ଏହାକୁ ସକାଳୁ ଖାଲି ପେଟରେ ପିଅନ୍ତୁ । ଏଥିରେ ଥିବା ଭିଟାମିନ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ କେଶମୂଳକୁ ମଜଭୂତ କରି କେଶଝଡ଼ାକୁ ରୋକିଥାଏ । ଏଥିସହ ପତଳାକେଶକୁ ଘନ କରିବାରେ ସହାୟକ ହୋଇଥାଏ ।

## ଆଣେ କେଶରେ ଚମକ

କିସ୍‌ମିସ୍‌ରେ ବାୟୋଟିନ୍ ମାତ୍ରା ଅଧିକ ଥାଏ । ଏହା ସୁସ୍ଥ ଓ ଉଜ୍ଜ୍ୱଳ କେଶ ପାଇଁ ଆବଶ୍ୟକ ହୋଇଥାଏ । ତେଣୁ କିସ୍‌ମିସ୍ ପାଣି ନିୟମିତ ପିଇବା ଦ୍ୱାରା କେଶ ମଜଭୂତ ହେବା ସହ କୋମଳ ଓ ଚମକ ଆସିଥାଏ ।


**ରୁହେ ନାହିଁ ରୁପି ସମସ୍ୟା** ଏଥିରେ ଥିବା ପ୍ରାକୃତିକ ଭିଟାମିନ୍ କେଶରେ ରୁପି ସମସ୍ୟା ଦୂର କରିଥାଏ । ଏଥିସହ ସ୍କାଲ୍‌ପକୁ ସଂକ୍ରମଣରୁ ସୁରକ୍ଷା ଦେଇଥାଏ । ଏହାକୁ ନିୟମିତ ସେବନ କରିବା ଦ୍ୱାରା ସମସ୍ତ କେଶ ସମସ୍ୟାରୁ ମୁକ୍ତି ମିଳିଥାଏ ।



# ଆରବିକ୍ ଆଇଲାଇନର୍


**ଆଖିକୁ ଆକର୍ଷଣୀୟ କରିବା ପାଇଁ ସମସ୍ତେ ଚାହାଁନ୍ତି । ଏଥିପାଇଁ କଳା, ମସ୍କାରା ଭଳି ଲାଇନର୍ ଲଗାଇଥାନ୍ତି । ଆଇଲାଇନର ଆଖିର ସୁନ୍ଦରତାକୁ ବୃଦ୍ଧି କରି ଆଖିକୁ ଏକ ଆକାର ଦେଇଥାଏ । ସେହିପରି ଏବେ ଆରବିକ୍ ଆଇଲାଇନର୍ ଟ୍ରେଣ୍ଡରେ ରହିଛି ଜାଣିବା ସେ ବିଷୟରେ...**

- ଆଖିରେ ପତଳା ଲାଇନର ଲଗାଇବାକୁ ପସନ୍ଦ ନ ଥିଲେ, ଆରବିକ୍ ଆଇଲାଇନର ଲଗାଇପାରିବେ । ଏ ପ୍ରକାର ଲାଇନର୍‌କୁ ଆଖିରେ ମୋଟା କରି ଲଗାଯାଇଥାଏ । ସେହିପରି ଏହା ଆଖିର ତଳଉପର ଦୁଇପାର୍ଶ୍ୱରେ ଲଗାଯାଇଥାଏ । ଆରବରେ ପ୍ରଚଳିତ ଏହି ଷ୍ଟାଇଲ୍‌କୁ ଆରବିକ୍ ଆଇଲାଇନର କୁହାଯାଏ ।
- ଏହି ଆଇଲାଇନର କ୍ୟାଟ୍ ଆଇଲାଇନର ସହ ପାଖାପାଖି ସମାନ । ଏଥିରେ ଆଖିରେ ୱିଙ୍ଗ୍ ଟଣାଯାଇଥାଏ ।
- ଲାଇନର ଲଗାଇବେଳେ ହାତ ଥରୁଥିଲେ, ସ୍କ୍ରାଚ୍ ଟେପ୍ ବ୍ୟବହାର କରିପାରିବେ । ଏଥିପାଇଁ ଆଖି କୋଣରେ ଲାଇନର ଲଗାଇବା ପୂର୍ବରୁ ଟେପ୍ ଲଗାନ୍ତୁ । ଏହାପରେ ଲାଇନର ଲଗାଇ ଟେପ୍‌କୁ କାଢ଼ିଦିଅନ୍ତୁ । ଏହାଦ୍ୱାରା ଲାଇନର ସେପ୍‌ରେ ଲାଗିଥାଏ ।
- ସେହିପରି ସିଧା ଗାର ଯୁକ୍ତ ଆଇଲାଇନର ଲଗାଇବାକୁ ପସନ୍ଦ ନ ଥିଲେ, ଏହାକୁ ଛୋଟ ଛୋଟ ଡଟ୍ ଡିଜାଇନ୍ କରି ଲଗାଇପାରିବେ । ଏହାପରେ ଲାଇନରକୁ ଏକାସହ ଯୋଡ଼ିପାରିବେ । ଏହାଦ୍ୱାରା ଲାଇନର ସୁନ୍ଦର ଦେଖାଯାଏ ।



# ଫର୍‌ମେଣ୍ଟେଡ୍ ସ୍କିନ୍ କେୟାର୍

**ସମୟାନୁସାରେ ସ୍କିନ୍ କେୟାର ଟ୍ରେଣ୍ଡରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଫର୍‌ମେଣ୍ଟେଡ୍ ସ୍କିନ୍ କେୟାର୍ ଟ୍ରେଣ୍ଡରେ ରହିଛି । କୋରିଆ ଓ ଜାପାନରୁ ଆରମ୍ଭ ହୋଇଥିବା ଏହି ଟ୍ରେଣ୍ଡ ଏବେ ଭାରତରେ ପ୍ରଚଳିତ । ଏହା ପ୍ରାକୃତିକ ଓ ଦୀର୍ଘସ୍ଥାୟୀ ଗୁଣ ଯୋଗୁ ମହିଳାଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇଛି । ଏଥିରେ ଥିବା ନ୍ୟୁଟ୍ରିଏଣ୍ଟସ୍ ତ୍ୱଚାକୁ ଗଭୀରରୁ ସଫା କରି ତ୍ୱଚାରେ ଚମକ ଆଣିଥାଏ ।**



## ଫର୍‌ମେଣ୍ଟେଡ୍ ସ୍କିନ୍ କେୟାର୍ କ'ଣ

ଏହି ସ୍କିନ୍‌କେୟାର୍ ପ୍ରସାଧନ ପ୍ରାକୃତିକ ଉପାଦାନକୁ ମିଶାଇ ପ୍ରସ୍ତୁତ କରାଯାଇଥାଏ । ଏହା ତ୍ୱଚାକୁ ପ୍ରାକୃତିକ ଉପାୟରେ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।

## ତ୍ୱଚାର ଫାଇଦା

ଏହା ଭିଟାମିନ୍, ଆମିନୋ ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟର୍ ମାତ୍ରା ବଢ଼ାଇଥାଏ । ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବା ସହ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ ।

## ଭାରତରେ ଲୋକପ୍ରିୟ

ପ୍ରାକୃତିକ ଓ ରସାୟନ ମୁକ୍ତ ପ୍ରସାଧନର ଚାହିଦାକୁ ଦୃଷ୍ଟିରେ ରଖି ଏହାର ଲୋକପ୍ରିୟତା ବୃଦ୍ଧି ପାଇଛି । ଏହା ରସାୟନ ମୁକ୍ତ ହୋଇଥିବାରୁ ଏହାକୁ ତ୍ୱଚାରେ ଲଗାଇବାରେ କୌଣସି ସମସ୍ୟା ହୁଏ ନାହିଁ ।

## ଉପାଦାନ

ଗ୍ରୀନ ଟି, ଚାଉଳ ପାଣି, ଦହି, ଭଳି ଉପାଦାନ ଏଥିରେ ବ୍ୟବହାର କରାଯାଏ । ଏହା ସମ୍ବେଦନଶୀଳ ତ୍ୱଚା ପାଇଁ ଖୁବ୍ ଭଲ ହୋଇଥାଏ । ଏହା ତ୍ୱଚାର ଭଲଭାବେ ମିଶିଯାଏ । ତେଣୁ ଭାରତରେ ଅଧିକାଂଶ ଲୋକେ ଦହି, ଗ୍ରୀନ ଟି ବ୍ୟବହାର କରି ସ୍କିନ୍‌କେୟାର କରନ୍ତି ।

# କମ୍ ସ୍ଥାନରେ ସଜାଇ ରଖନ୍ତୁ ଜୋତା

**ଅନେକ ସମୟରେ ଘରେ ସ୍ଥାନ କମ ଥିବାରୁ ଜୋତା, ଚପଲ ଆଦି ରଖିବାରେ ସମସ୍ୟା ହୋଇଥାଏ । ଚପଲ ଷ୍ଟାଣ୍ଡରେ ରଖିବା ପରେ ମଧ୍ୟ ଏହା ଯଥେଷ୍ଟ ହୋଇ ନଥାଏ । ତେଣୁ ଘରେ ଜୋତା ଏଠିସେଠି ପଡ଼ି ରହିଥାଏ । ଏହା ଆଖିକୁ ଅସୁନ୍ଦର ଦେଖାଯାଏ । ତେଣୁ ଜାଣିବା କିପରି ସଜାଇ ରଖିବେ ଜୋତା ।**

- ଘରକୁ ଆସୁଥିବା ନୂଆ ଜୋତା ବକ୍ସକୁ ନ ଫୋପାଡ଼ି ତାହାକୁ ସଂଗ୍ରହ କରନ୍ତୁ । ଚାରି ପାଞ୍ଚୋଟି ବକ୍ସ ହୋଇଗଲେ ଏହାକୁ ଗୋଟିଏ ଉପରେ ଗୋଟିଏ ରଖି ଅଠା କିମ୍ବା ସେଲୋ ଟେପ୍‌ରେ ଲଗାଇ ଦିଅନ୍ତୁ । ଏହାପରେ ବକ୍ସର ଉପରପାର୍ଶ୍ୱକୁ କାଟିଦିଅନ୍ତୁ । ପରେ ବକ୍ସରେ ଚପଲଗୁଡ଼ିକୁ ସଜାଇ ରଖନ୍ତୁ ।
- ସେହିପରି ବଜାରରେ ମିଳୁଥିବା ଜରି ଜୋତା କଭର୍ ମଧ୍ୟ କିଣିପାରିବେ । ଏଥିରେ ଜୋତାକୁ ରଖି ଏହାକୁ କାର୍ଟୁନ ବକ୍ସରେ ଏକତ୍ର ରଖିପାରିବେ । ଏହାଦ୍ୱାରା ଜୋତା ରଖିବା ସମସ୍ୟା ଦୂର ହୋଇଥାଏ ।



ମୋ ହାଣ୍ଡିଶାଳରୁ...

# ଆଳୁ ପଲଉ

## ଆବଶ୍ୟକ ସାମଗ୍ରୀ

ବିରିୟାନୀ ଚାଉଳ -୨୦୦ ଗ୍ରାମ୍, ଆଳୁ – ଦୁଇଟି, କଟା ପିଆଜ – ଏକ କପ୍, ଜିରା – ଏକ ଚାମଚ, ଅଦା – ଏକ ଇଞ୍ଚ, ରସୁଣ – ଚାରି ପାଞ୍ଚଟି, ଟମାଟୋ – ଗୋଟିଏ, କଞ୍ଚା ଲଙ୍କା – ଦୁଇ ଗୋଟି, ହଳଦୀଗୁଣ୍ଡ – ଏକ ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଧନିଆଗୁଣ୍ଡ – ଏକ ଚାମଚ, ଗରମ ମସଲା – ଏକ ଚାମଚ, ଧନିଆପତ୍ର – ଅଧା କପ୍, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

## ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ବିରିୟାନୀ ଚାଉଳକୁ ଗୋଟିଏ ବାଉଲ୍‌ରେ କାଢ଼ି ଧୋଇ ଦିଅନ୍ତୁ । ସେଥିରେ ଅଳ୍ପ ପାଣି ଦେଇ ଏହାକୁ ବତୁରାଇ ରଖନ୍ତୁ । ଏହାପରେ ଆଳୁରୁ ଚୋପା ଛଡ଼େଇ ବଡ଼ଖଣ୍ଡରେ କାଟି ଧୋଇ ଦିଅନ୍ତୁ । ଚୁଲାରେ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ କଟା ଆଳୁକୁ ଦେଇ ଭଲରେ ଭାଜି ଜିଅନ୍ତୁ । ଏହାକୁ ଗୋଟିଏ ପାତ୍ରରେ କାଢ଼ନ୍ତୁ । ପରେ ସେହି ତେଲରେ ଅଳ୍ପ ଜିରା ପକାଇ ପିଆଜ ଦେଇ ଭାଜନ୍ତୁ । ପିଆଜ ଭାଜି ହୋଇଗଲେ କାଟି ରଖିଥିବା ଲଙ୍କା, ଅଦା ଓ ରସୁଣକୁ ଦିଅନ୍ତୁ । ଏହାପରେ ଟମାଟୋ ଦେଇ ସେଥିରେ ଏକ ଚାମଚ ଲୁଣ ପକାଇ ଭାଜନ୍ତୁ । ଏହାପରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ ଓ ଗରମ ମସଲା ଦିଅନ୍ତୁ । ମସଲାକୁ ଭଲରେ ଏପାଖସେପାଖ କରି ସେଥିରେ ଅଳ୍ପ ପାଣି ଦେଇ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । ପାଣି ଫୁଟିଗଲା ପରେ ଧୋଇ ରଖିଥିବା ବିରିୟାନୀ ଚାଉଳକୁ ଦେଇ ୩୦ ମିନିଟ୍ ଘୋଡ଼ାଇ ଦିଅନ୍ତୁ । ଏହାପରେ ଢାଙ୍କୁଣି ଖୋଲି ଧନିଆପତ୍ର ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଆଳୁ ପଲାଉ' ।



## ୩୦ ମିନିଟ୍ ବିଳମ୍ବରେ ଆରମ୍ଭ ହେବ ଏସିଆ କପ୍ କ୍ରିକେଟ

ମୁମ୍ବାଇ,୩୦।୮ (ଏଜେନ୍ସି): ୟୁଏଇର ଦୁବାଇ ଓ ଆବୁଧାବିରେ ସେପ୍ଟେମ୍ବର ୯ ତାରିଖରୁ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତା ନିର୍ଦ୍ଧାରିତ ସମୟଠାରୁ ୩୦ ମିନିଟ୍ ବିଳମ୍ବରେ ଆରମ୍ଭ ହେବ। ପୂର୍ବରୁ ସମସ୍ତ ଖେଳ ଭାରତୀୟ ସମୟ ରାତି ୭ଟା ୩୦ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ୟୁଏଇରେ ଏବେ ହେଉଥିବା ପ୍ରବଳ ଗରମ ଲାଗି ଖେଳ ଆରମ୍ଭକୁ ଘୁଞ୍ଚାଇ ଦିଆଯାଇଛି। ପରିବର୍ତ୍ତିତ ନିଷ୍ପତ୍ତି ଅନୁଯାୟୀ ଗୋଟିଏ ମ୍ୟାଚ୍‌କୁ ବାଦ୍ ଦେଇ ଅନ୍ୟ ୧୮ଟି ମ୍ୟାଚ୍ ଭାରତୀୟ ସମୟ ରାତି ୮ଟାରୁ ଆରମ୍ଭ ହେବ। କେବଳ ୟୁଏଇ ଓ ଓମାନ ମଧ୍ୟରେ ସେପ୍ଟେମ୍ବର ୧୫ରେ ଖେଳାଯିବାକୁ ଥିବା ମ୍ୟାଚ୍ ୨ ଘଣ୍ଟା ଆଗୁଆ ବା ଭାରତୀୟ ସମୟ ଅନୁସାରେ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ। ଡିଫେଣ୍ଡିଂ ଏବଂ ୭ଥରର ଚାମ୍ପିଅନ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଓମାନ ଓ ୟୁଏଇ ସହ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ସେପ୍ଟେମ୍ବର ୧୦ରେ ଭାରତ ତାହାର ପ୍ରଥମ ମ୍ୟାଚ ୟୁଏଇ, ୧୪ରେ ପାକିସ୍ତାନ ଓ ୧୯ରେ ୟୁଏଇ ସହ ଖେଳିବ। ସେପ୍ଟେମ୍ବର ୨୦ରୁ ୨୬ ତାରିଖଯାଏ ସୁପର-୪ ଓ ଏଥିରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ ମଧ୍ୟରେ ଫାଇନାଲ ମୁକାବିଲା ସେପ୍ଟେମ୍ବର ୨୮ରେ ଖେଳାଯିବ।

## ଫିଟ୍‌ନେସ ଟେଷ୍ଟ ଲାଗି ବେଙ୍ଗାଲୁରୁରେ ପହଞ୍ଚିଲେ ଭାରତୀୟ କ୍ରିକେଟର



ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): ସେପ୍ଟେମ୍ବର ୯ରୁ ଖେଳାଯିବାକୁ ଥିବା ଏସିଆ କପ୍ ଓ ବିଦେଶ ମାଟିରେ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜ୍ ଲାଗି ଭାରତୀୟ ଖେଳାଳିଙ୍କ ଫିଟ୍‌ନେସ୍ ପରୀକ୍ଷା ନୂଆକରି ନିର୍ମାଣ ହୋଇଥିବା ସେଣ୍ଟର ଅଫ୍ ଏକ୍ସଲେନ୍ସିରେ ହେବ। ଏଥିଲାଗି ରୋହିତ ଶର୍ମା, ଯଶପ୍ରୀତ୍ ବୁମ୍‌ରା ଓ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ଏଠାରେ ପହଞ୍ଚିଛନ୍ତି। ଏମାନଙ୍କ ସହ ଶାର୍ଦ୍ଦୁଳ ଠାକୁର, ମହମ୍ମଦ୍ ସିରାଜ, ଯଶସ୍ୱୀ ଜୟସ୍ୱାଲ, ଜିତେଶ ଶର୍ମା ମଧ୍ୟ ପହଞ୍ଚିଛନ୍ତି। ଏମାନଙ୍କୁ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ଆଡ୍ରିଆନ ଲୀ ରକ୍ସ ଫିଟନେସ ପରୀକ୍ଷା କରିବା ସହ ପ୍ରଶିକ୍ଷଣ ଦେବେ। ଜୁନ୍ ୧ରେ ଶେଷଥର ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିଥିବା ୩୮ ବର୍ଷୀୟ ରୋହିତ ଶର୍ମା ଭାରତ ଗସ୍ତରେ ଆସୁଥିବା ଅଷ୍ଟ୍ରେଲିଆ-ଏ' ସହ ୩ଟି ଯାକ ଦିନିକିଆରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ସେ ଓ ଅନ୍ୟ ମନୋନୀତ ଖେଳାଳିମାନେ ଅଷ୍ଟ୍ରେଲିଆ ଯିବେ।

■ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

## ବିଡ୍ ଦାଖଲକଲା ଭାରତ

ନୂଆଦିଲ୍ଲୀ,୩୦।୮ (ଏଜେନ୍ସି): ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ସକାଶେ ଭାରତୀୟ ଅଲିମ୍ପିକ୍ ସଂଘ ଆଜି ବିଡ୍ ଦାଖଲ କରିଛି। ଭାରତ ଯଦି ଆୟୋଜନ ଅଧିକାର ପାଏ ତେବେ ଅହମ୍ମଦାବାଦ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଅଲିମ୍ପିକ୍ ସଂଘ ଗତକାଲି ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମୁଖ୍ୟାଳୟ ଲଣ୍ଡନରେ ଏହି ବିଡ୍ ଦାଖଲ କରିଛି। ୨୦୧୦ରେ ଶେଷଥର ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହୋଇଥିଲା।


■ ଏସିଆ କପ୍ ହକି

## କୋରିଆକୁ ହରାଇଲା ମାଲେସିଆ

ରାଜଗିର,୩୦।୮ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକିରେ ପୂର୍ବ ଚାମ୍ପିଅନ ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରି ମାଲେସିଆ ବିପର୍ଯ୍ୟୟ ସୃଷ୍ଟି କରିବା ସହ ପ୍ରଥମ ବିଜୟ ହାସଲ କରିଛନ୍ତି। ବିଜୟୀ ଦଳ ପକ୍ଷରୁ ଅଖିମୁଲ୍ଲା ଅନୱାର ହ୍ୟାଟ୍ରିକ ସହ ୩ଟି ଗୋଲ ସ୍କୋର କରିଛନ୍ତି। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ଚାଇନିଜ୍ ତାଇପେଇକୁ ୮-୩ ଗୋଲରେ ପରାସ୍ତ କରି ବାଂଲାଦେଶ ବିରାଟ ବିଜୟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ଅବ୍‌ଦୁଲ୍ଲା, ହାସନ ଓ ଇସ୍‌ଲାମ ୨ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ୪ଟି ଦଳକୁ ନେଇ ଗଠିତ ଗ୍ରୁପ୍-ବି'ରେ ମାଲେସିଆ ୨ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ଶୀର୍ଷସ୍ଥାନରେ ରହିଛି। ଆସନ୍ତାକାଲି ପୁଲ-ଏ'ର ଦୁଇଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ଚୀନ୍ ସହ କାଜାଖସ୍ତାନ ଓ ଜାପାନ ସହ ଭାରତର ମୁକାବିଲା ହେବ। ଚୀନ୍ ଓ ଜାପାନ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି।

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍

# ପ୍ରି-କ୍ୱାର୍ଟରରେ ସାବାଲେଙ୍କା ଓ ଗଫ୍






ନ୍ୟୁୟର୍କ,୩୦।୮ (ଏଜେନ୍ସି):

ମହିଳା ବିଭାଗର ଶୀର୍ଷ ଏବଂ ପ୍ରମୁଖ ଖେଳାଳି ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଚତୁର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଟପ୍ ସିଡ ଆରିନା ସାବାଲେଙ୍କା, ୩ୟ ସିଡ୍ କୋକୋ ଗଫ୍, ଚତୁର୍ଥ ସିଡ୍ ଜେସିକା ପେଗୁଲା, ୯ମ ସିଡ୍ ଏଲେନା ରିବାକିନା ପ୍ରମୁଖ ତୃତୀୟ ରାଉଣ୍ଡରେ ବିଜୟ ହାସଲ କରିଛନ୍ତି। କିନ୍ତୁ ୭ମ ସିଡ୍ ଜସ୍ମିନ ପାଓଲିନ୍, ୫ମ ସିଡ୍ ମୀରା ଆନ୍ଦ୍ରିଭା, ୧୦ମ ସିଡ୍ ଏମ୍ମା ନାଭାରୋଙ୍କ ଅଭିଯାନ ତୃତୀୟ ରାଉଣ୍ଡରୁ ଶେଷ ହୋଇଛି। ଶନିବାର ରାତିରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ୩ୟ ରାଉଣ୍ଡ ମୁକାବିଲାରେ ଘରୋଇ ଖେଳାଳି ଗଫ୍ ୬-୩, ୬-୧ ସିଧାସଳଖ ସେଟ୍‌ରେ ପୋଲାଣ୍ଡର ମାଗଡାଲେନା ଫ୍ରେଚ୍‌ଙ୍କୁ ସହଜରେ ହରାଇ ଅଗ୍ରଗତି କରିଛନ୍ତି। ଅନ୍ୟ ଏକ ମୁକାବିଲାରେ ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋଣ୍ଡ୍ରୋଉସୋଭା ୭-୬, ୬-୧ ସେଟ୍‌ରେ ୭ମ ସିଡ୍ ଇଟାଲୀର ଜସ୍ମିନ୍ ପାଓଲିନ୍‌ଙ୍କୁ ପରାସ୍ତ କରିଥିଲେ। ସେହିଭଳି ସ୍ୱେନ୍ର କ୍ରିଷ୍ଟିନା ବୁସା ୩-୬, ୭-୫, ୬-୩ ସେଟ୍‌ରେ ୧୯ନମ୍ବର ସିଡ୍ ବେଲଜିୟମ୍‌ର ଏଲିସେ ମେର୍ଟେନ୍ସଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲେ। ୫ମ ସିଡ୍ ରୁଷର ମୀରା ଆନ୍ଦ୍ରିଭାଙ୍କୁ ଆମେରିକାର ଯୁବ ଖେଳାଳି ଟେଲର ଟାଉନ୍‌ସେଣ୍ଡ ୨-୦ ସିଧାସଳଖ ସେଟ୍‌ରେ ପରାସ୍ତ କରି ତାଙ୍କ ଟେନିସ କ୍ୟାରିୟରରେ ଏକ ବଡ ସଫଳତା ପାଇଛନ୍ତି। ଅଣସିଡେଡ ଖେଳାଳି ଆମେରିକାର ଆନ୍ ଲି ମଧ୍ୟ ପ୍ରି-କ୍ୱାର୍ଟରରେ ପ୍ରବେଶ କରି ତାଙ୍କ ଜୟଯାତ୍ରା ଅବ୍ୟାହତ ରଖିଛନ୍ତି।

ଟପ୍ ସିଡ୍ ସାବାଲେଙ୍କା ୬-୩, ୭-୬ରେ ୩୧ ନମ୍ବର ସିଡ୍ କାନାଡାର ଲୀଲା ଫର୍ଣ୍ଣାଣ୍ଡିଜ୍‌ଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପ୍ରି-କ୍ୱାର୍ଟରରେ ସାବାଲେଙ୍କାଙ୍କ ସହ କ୍ରିଷ୍ଟିନା ବୁସାଙ୍କ ମୁକାବିଲା କରିବେ। ସେହିପରି ପେଗୁଲାଙ୍କ ସହ ଆନ୍ ଲି, ରିବାକିନାଙ୍କ ସହ ଭୋଣ୍ଡ୍ରୋଉସୋଭା ଓ କ୍ରେଜିକୋଭାଙ୍କ ସହ ଟାଉନ୍‌ସେଣ୍ଡଙ୍କର କ୍ୱାର୍ଟରଫାଇନାଲ ସ୍ଥାନ ଲାଗି ମୁକାବିଲା ହେବ।

### ଫ୍ରିଜ୍, ଜୋକୋଭିଚ୍ ଚତୁର୍ଥ ରାଉଣ୍ଡରେ

ପୁରୁଷ ବିଭାଗରେ ମଧ୍ୟ ଶୀର୍ଷ ସିଡ୍ ଖେଳାଳିମାନେ ଚତୁର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଦ୍ୱିତୀୟ ସିଡ କାର୍ଲୋସ ଆଲକାରାଜ, ଚତୁର୍ଥ ସିଡ୍ ଟେଲର ଫ୍ରିଜ୍, ୭ମ ସିଡ୍ ନୋଭାକ ଜୋକୋଭିଚ୍ ପ୍ରମୁଖ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ତୃତୀୟ ରାଉଣ୍ଡ ମୁକାବିଲରେ ଜର୍ମାନୀର ଜାନ୍‌ଲେନାର୍ଡ ଷ୍ଟ୍ରଫ୍ ୨-୧ ସେଟ୍‌ରେ ବରିଷ୍ଠ ଖେଳାଳି ଫ୍ରାନ୍‌ସେସ୍ ଟିଆଫୋଏଙ୍କୁ ପରାସ୍ତ କରିଥିଲେ। ଚତୁର୍ଥ ରାଉଣ୍ଡରେ ଷ୍ଟ୍ରଫ୍‌ଙ୍କ ସହ ୭ମ ସିଡ୍ ନୋଭାକ ଜୋକୋଭିଚ୍‌ଙ୍କର ମୁକାବିଲା ହେବ। ତୃତୀୟ ରାଉଣ୍ଡରେ କାମେରନ ନୋରୀଙ୍କୁ ୪-୧ ସେଟ୍‌ରେ ହରାଇ ଜୋକୋଭିଚ୍ ଏହି ସଫଳତା ପାଇଥିଲେ। ଚତୁର୍ଥ ରାଉଣ୍ଡରେ ଆଲକାରାଜ୍‌ଙ୍କ ସହ ଆର୍ଥର ରିଣ୍ଡେର୍କନେକ୍, ଟେଲର ଫ୍ରିଜ୍‌ଙ୍କ ସହ ୨୧ ନଂ ସିଡ୍ ଟମାସ ମାଚାକ୍, ୨୦ ନମ୍ବର ସିଡ୍ ଜିରି ଲେହେକାଙ୍କ ସହ ଆଡ୍ରିଆନ ମାନାରିନୋଙ୍କର ମୁକାବିଲା ହେବ।

ଦୁଲୀପ ଟ୍ରଫି କ୍ରିକେଟରେ ଅଙ୍କିତ, ଧୁଲ୍‌ଙ୍କ ଶତକ

## ଉତ୍ତରାଞ୍ଚଳ କବ୍‌ଜାରେ କ୍ୱାର୍ଟରଫାଇନାଲ

ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): ଅଧିନାୟକ ଅଙ୍କିତ କୁମାରଙ୍କ ଅପରାଜିତ ୧୬୮ ଓ ଯୁବ ଖେଳାଳି ଯଶ ଧୂଲ୍‌ଙ୍କ ୧୩୩ ରନ୍ ସହାୟତାରେ ଏଠାରେ ଚାଲିଥିବା ପୂର୍ବାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲ ଉତ୍ତରାଞ୍ଚଳ କବ୍‌ଜାରେ ରହିଛି। ପ୍ରଥମ ଇନିଂସରେ ୧୭୫ ରନ୍‌ରେ ଆଗୁଆ ଥିବା ଉତ୍ତରାଞ୍ଚଳ ତୃତୀୟ ଦିନ ଖେଳ ଶେଷସୁଦ୍ଧା ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୩୮୮ ରନ୍ ସଂଗ୍ରହ କରିଛି। ଏବେ ସୁଦ୍ଧା ଉତ୍ତରାଞ୍ଚଳ ୫୬୩ ରନ୍‌ରେ ଅଗ୍ରଣୀ ଥିଲାବେଳେ ଆସନ୍ତାକାଲି ଶେଷ ଦିନରେ ଦଳ ବିପକ୍ଷରେ ଫଳାଫଳ ଯିବାର ସମ୍ଭାବନା ନାହିଁ। ଶେଷ ଦିନରେ ଭଲ ବ୍ୟାଟିଂ କରିପାରିଲେ ପୂର୍ବାଞ୍ଚଳ ଏହି ମ୍ୟାଚ୍‌ରେ ସମ୍ମାନ ପାଇବ। ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସରେ ସୁରଜ ସିନ୍ଧୁ ଜୟସ୍ୱାଲ ଓ ରିୟାନ ପରାଗ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ଓଡ଼ିଶାରୁ କୌଣସି ଖେଳାଳି ଖେଳିବାକୁ ସମର୍ଥ ହୋଇ ନାହାନ୍ତି।

### କେନ୍ଦ୍ରାଞ୍ଚଳର ଶୁଭମ ଶର୍ମାଙ୍କ ଶତକ

ସେହିପରି ଏଠାରେ ଚାଲିଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କେନ୍ଦ୍ରାଞ୍ଚଳ ଦ୍ୱିତୀୟ ଇନିଂସରେ ୭ ୱିକେଟରେ ୩୩୧ ରନ୍ କରିଛି। ଦଳ ପକ୍ଷରୁ ଶୁଭମ ଶର୍ମା ୧୨୨ ରନ୍‌ର ଶତକୀୟ ଇନିଂସ ଖେଳିଛନ୍ତି। ଯଶ ରାଠୋଡ ଓ ଅଧିନାୟକ ରଜତ ପାଟିଦାରଙ୍କ ବ୍ୟାଟ୍‌ରୁ ଯଥାକ୍ରମେ ୭୮ ଓ ୬୬ ରନ୍ ମିଳିଛି। ଦଳ ଏବେ ୬୭୮ ରନ୍‌ରେ ଆଗୁଆ ରହି ସେମିଫାଇନାଲରେ ପ୍ରବେଶ କରିବାର ରାସ୍ତା ପରିଷ୍କାର କରିନେଇଛି।

## ରାଜସ୍ଥାନ ରୟାଲ୍ସର ପ୍ରଶିକ୍ଷକ ପଦରୁ ଦ୍ରାବିଡ୍‌ଙ୍କ ଇସ୍ତଫା



ଜୟପୁର, ୩୦।୮ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦୨୬ ସିଜନ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଦଳକୁ ବଡ଼ ଝଟ୍‌କା ଲାଗିଛି। ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଦ୍ରାବିଡ୍ ଇସ୍ତଫା ଦେଇଥିବା ନେଇ ଫ୍ରାଞ୍ଚାଇଜ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏକ ବିବୃତି ଜାରି କରି ସୂଚନା ଦିଆଯାଇଛି। '୨୦୨୬ ଆଇପିଏଲ୍ ପୂର୍ବରୁ ଦ୍ରାବିଡ୍ ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଦ୍ରାବିଡ୍‌ଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ଭଲ ପ୍ରଦର୍ଶନ କରିଥିଲେ। ଟିମ୍‌ର ବାତାବରଣକୁ ଉନ୍ନତ କରିବାରେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା। ଫ୍ରାଞ୍ଚାଇଜ ପକ୍ଷରୁ ତାଙ୍କୁ ବଡ଼ ପଦବୀ ଲାଗି ଅଫର୍ ଦିଆଯାଇଥିଲା। କିନ୍ତୁ ସେ ଏହାକୁ ପ୍ରତ୍ୟାଖାନ କରିଥିଲେ' ବୋଲି ରାଜସ୍ଥାନ ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଭାରତକୁ ଟି-୨୦ ବିଶ୍ୱକପ୍‌ରେ ଚାମ୍ପିଅନ କରାଇବା ପରେ ଜାତୀୟ ଦଳ ସହ ଦ୍ରାବିଡ୍‌ଙ୍କ ୩ ବର୍ଷୀୟା ଚୁକ୍ତି ଶେଷ ହୋଇଥିଲା। ଏହାପରେ ସେ ସେପ୍ଟେମ୍ବରରେ ରାଜସ୍ଥାନ ରୟାଲ୍ସର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ତାଙ୍କ ତତ୍ତ୍ୱାବଧାନରେ ରାଜସ୍ଥାନ ଆଇପିଏଲ୍‌ର ଗତ ୧୮ତମ ସଂସ୍କରଣରେ ୧୪ ମ୍ୟାଚ୍ ଖେଳି ମାତ୍ର ୪ଟି ବିଜୟ ହାସଲ କରିପାରିଥିଲା। ୧୦ ଦଳୀୟ ଟେବଲ୍ ତାଲିକାରେ ରାଜସ୍ଥାନ ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ପୂର୍ବରୁ ଦ୍ରାବିଡ୍ ୨୦୧୨ ଓ ୨୦୧୩ ସିଜନରେ ଅଧିନାୟକ ଭାବେ ରାଜସ୍ଥାନ ଦଳରେ ଖେଳିଥିଲେ। ଏହାପରେ ୨୦୧୪ରୁ ଦୁଇ ବର୍ଷ ଧରି ଦଳର ମେଣ୍ଟର ଦାୟିତ୍ୱ ତୁଲାଇଥିଲେ। ଦ୍ରାବିଡ୍‌ଙ୍କ ପୂର୍ବରୁ ଚଳିତ ବର୍ଷ ଚନ୍ଦ୍ରକାନ୍ତ ପଣ୍ଡିତ କୋଲକାତା ନାଇଟ୍ ରାଇଡର୍ସର ମୁଖ୍ୟ ପ୍ରଶିକ୍ଷକ, ଜାହିର ଖାନ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ମେଣ୍ଟର ପଦରୁ ଇସ୍ତଫା ଦେଇଥିଲେ।

## ପଦକ ନିଶ୍ଚିତ କଲେ ସାତ୍ତ୍ୱିକ-ଚିରାଗ



ପ୍ୟାରିସ, ୩୦।୮ (ଏଜେନ୍ସି): ତାରକା ଭାରତୀୟ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୨, ୨୧-୧୯ ସିଧାସଳଖ ଗେମରେ ମାଲେସିଆର ଆରୋନ ଚିଆ ଓ ୱଇ ୟିକ୍ ସୋ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ପ୍ରବେଶ ସହ ସାତ୍ତ୍ୱିକ-ଚିରାଗ ଯୋଡ଼ି ଅତିକମ୍‌ରେ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ୨୦୨୨ ସଂସ୍କରଣରେ ଉଭୟ ଏଠାରେ କାଂସ୍ୟ ପଦକ ହାସଲ କରିଥିଲେ। ସେମିଫାଇନାଲରେ ଏହି ଭାରତୀୟ ଯୋଡ଼ିଙ୍କ ମୁକାବିଲା ଚାଇନାର ଲି ୟି ଓ ବୟାଙ୍ଗ ଚେନ୍‌ଙ୍କ ସହ ହେବ। ଅପରପକ୍ଷରେ ଏହି ବିଜୟ ସହ ସାତ୍ତ୍ୱିକ-ଚିରାଗ ୨୦୨୪ ଅଲିମ୍ପିକ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ଏହି ସମାନ ଭେନ୍ୟୁରେ ଗତବର୍ଷ ଅଲିମ୍ପିକ୍ସ କ୍ୱାର୍ଟର ଫାଇନାଲରେ ସାତ୍ତ୍ୱିକ-ଚିରାଗଙ୍କୁ ହରାଇ ମାଲେସିଆ ଯୋଡ଼ି ସେମିଫାଇନାଲରେ ପହଞ୍ଚିଥିଲେ।

## ମୃତକଙ୍କ ପରିବାରକୁ ୨୫ ଲକ୍ଷ ଦେବ ଆର୍‌ସିବି

ଚିନ୍ନାସ୍ୱାମୀ ଦଳାଚକଟା ମାମଲା

ବେଙ୍ଗାଲୁରୁ, ୩୦।୮ (ଏଜେନ୍ସି): ଆଇପିଏଲ୍‌ରେ ପ୍ରଥମଥର ଚାମ୍ପିଅନ ହେବାପରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପକ୍ଷରୁ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିଜୟ ଉତ୍ସବ ପରେଡ ଆୟୋଜିତ କରାଯାଇଥିଲା। ଯେଉଁଥିରେ ଦଳାଚକଟାରେ ଷ୍ଟାଡିୟମ ବାହାରେ ୧୧ଜଣ ପ୍ରଶଂସକଙ୍କ ମୃତ୍ୟୁ ଘଟିଥିଲା। ଜୁନ ୪ରେ ଘଟିଥିବା ଏହି ଅଘଟଣର ପାଖାପାଖି ୩ ମାସ ପରେ ଆର୍‌ସିବି ଫ୍ରାଞ୍ଚାଇଜ ପକ୍ଷରୁ ମୃତକଙ୍କ ପରିବାରବର୍ଗଙ୍କ ଲାଗି ଆର୍ଥିକ ସହାୟତା ଘୋଷଣା କରାଯାଇଛି। ମୃତ୍ୟୁବରଣ କରିଥିବା ୧୧ଜଣ ଲୋକଙ୍କ ପରିବାର ସଦସ୍ୟଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। 'ଜୁନ ୪ରେ ଆମର ହୃଦୟ ଭାଙ୍ଗିଯାଇଥିଲା। ଆର୍‌ସିବି ପରିବାରର ୧୧ଜଣ ସଦସ୍ୟଙ୍କୁ ଆମେ ହରାଇଥିଲୁ। ସେମାନେ ଆମର ଏକ ଅଂଶ ଥିଲେ। କୌଣସି ପରିମାଣର ଟଙ୍କା ସେହି ଲୋକଙ୍କ ଶୂନ୍ୟସ୍ଥାନକୁ ପୂରଣ କରିପାରିବ ନାହିଁ। କିନ୍ତୁ ପ୍ରଥମ ପଦକ୍ଷେପ ସ୍ୱରୂପ ସମ୍ମାନର ସହିତ ସେହି ୧୧ଜଣ ପରିବାର ସଦସ୍ୟଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏ ଦେବାକୁ ନିଷ୍ପତ୍ତି ନେଇଛୁ' ବୋଲି ଆର୍‌ସିବି ପକ୍ଷରୁ କୁହାଯାଇଛି। ଏହି ଅଘଟଣ ପରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବଡ଼ ଇଭେଣ୍ଟ ଆୟୋଜନ ଲାଗି ଅସୁରକ୍ଷିତ ବୋଲି ତଦନ୍ତ କମିଟି ପକ୍ଷରୁ କୁହାଯାଇଥିଲା। ଫଳରେ ଆଗାମୀ ମହିଳା ଦିନିକିଆ ବିଶ୍ୱକପ୍‌ର ଯେଉଁ ମ୍ୟାଚ୍ ସବୁ ଏଠାରେ ଖେଳାଯାଇଥାନ୍ତା ତାହା ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମକୁ ସ୍ଥାନାନ୍ତରିତ କରିନିଆଯାଇଛି।

## କିଟ୍‌ରେ ଜାତୀୟ କ୍ରୀଡ଼ା ଦିବସ ପାଳିତ



ଭୁବନେଶ୍ୱର, ୩୦।୮ (ସମିସ): ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ୧୨୦ତମ ଜନ୍ମବାର୍ଷିକୀ ଉପଲକ୍ଷେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧ୍ୟାନଚାନ୍ଦଙ୍କ ସ୍ମୃତି ଚାରଣ କରିଥିଲେ। ଏଥିସହ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ୩ଜଣ କ୍ରୀଡ଼ା ବ୍ୟକ୍ତିବିଶେଷଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ କିମ୍ସର ସ୍ପୋର୍ଟ୍ସ ଆଣ୍ଡ ମେଡିସିନ ବିଭାଗର ମୁଖ୍ୟ ତଥା କ୍ରୀଡ଼ା ବୈଷୟିକ ଅଧିକାରୀ ଡ. ସୁଦୀପ ଶତପଥୀ, ଅନ୍ତର୍ଜାତୀୟସ୍ତରରେ ପଦକ ଜିତିଥିବା ବ୍ୟାଡ୍‌ମିଣ୍ଟନ ଖେଳାଳି ଅବିନାଶ ମହାନ୍ତି ଓ କିକ୍‌ବକ୍ସିଂ ଖେଳାଳି ଯଶ କୁମାର ସିହ୍ନା। ଅବିନାଶ ବର୍ତ୍ତମାନ କିଟ୍‌ରେ ଏମ୍‌ବିଏ ଓ ଯଶ କମ୍ପ୍ୟୁଟର୍ ଇଞ୍ଜିନିୟରିଂରେ ଅଧ୍ୟୟନ କରୁଛନ୍ତି। ନିକଟରେ ଘାନା ଇଣ୍ଟରନ୍ୟାସନାଲରେ ଅବିନାଶ ଓଡ଼ିଶାର ଅନ୍ୟତମ ଖେଳାଳି ଆୟୁଷ ପଟ୍ଟନାୟକଙ୍କୁ ସାଥୀ କରି ରୌପ୍ୟ ପଦକ ଜିତିଥିଲେ।

## ଭାରତରେ କନିଷ୍ଠ ବିଶ୍ୱକପ୍ ଖେଳିବ ପାକିସ୍ତାନ

ନୂଆଦିଲ୍ଲୀ,୩୦।୮ (ସମିସ): ଭାରତରେ ଖେଳାଯିବାକୁ ଥିବା କନିଷ୍ଠ ହକି ବିଶ୍ୱକପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିବ ବୋଲି ହକି ଇଣ୍ଡିଆ ସମ୍ପାଦକ ଭୋଲାନାଥ ସିଂ ଆଜି ଘୋଷଣା କରିଛନ୍ତି। ଚେନ୍ନଇରେ ଏହି ପ୍ରତିଯୋଗିତା ଚଳିତବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୦ ଯାଏ ଖେଳାଯିବ। ଆମେ ପାକିସ୍ତାନ ହକି ସଂଘଠାରୁ ସମ୍ମତି ପାଇବା ପରେ ଏ ସମ୍ପର୍କରେ ଘୋଷଣା କରୁଛୁ। ଅଲିମ୍ପିକ୍ ଚାର୍ଟର ଅନୁଯାୟୀ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛି। କିନ୍ତୁ ରାଜଗିରଠାରେ ଚାଲିଥିବା ଏସିଆ କପ୍ ହକିରୁ ପାକିସ୍ତାନ ଓହରିଯାଇଥିଲେ ମଧ୍ୟ ସେହି ଦେଶ ଉପରେ କୌଣସି ପ୍ରତିବନ୍ଧକ କିମ୍ବା ଦଣ୍ଡବିଧାନ କରାଯିବ ନାହିଁ ବୋଲି ମଧ୍ୟ ଶ୍ରୀ ସିଂହ କହିଛନ୍ତି। ପ୍ରୋ-ଲିଗ୍‌ରେ ପ୍ରଥମଥର ଖେଳୁଥିବା ପାକିସ୍ତାନ ବରିଷ୍ଠ ଦଳ ମଧ୍ୟ ଭାରତରେ ଖେଳିବ।

## ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସରେ ୨୨ଜଣ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୩୦।୮ (ସମିସ):

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ୪୫ତମ ପ୍ରତିଷ୍ଠା ଦିବସ ଏଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୫ଜଣ କ୍ରୀଡ଼ା ସାମ୍ବାଦିକ ସନ୍ଦୀପ ମିଶ୍ର, ସର୍ବେଶ୍ୱର ମହାନ୍ତି, ମନୋରଞ୍ଜନ ଦାସ, ଶୁଭଲକ୍ଷ୍ମୀ ବଳ ଓ ରାଜୀବ ଗୌରବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବିଭିନ୍ନ କ୍ରୀଡ଼ାରେ ଅର୍ନ୍ତଜାତୀୟସ୍ତରରେ ପଦକ ଜିତିଥିବା ୧୭ଜଣ କ୍ରୀଡ଼ାବିତ୍‌ଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅନୁପମା ସ୍ୱାଇଁ, ଲୋମା ସ୍ୱାଇଁ, ଡ. ଭଗବାନ ରେଡ୍ଡୀ, ସୁମନ ଶେଖର, ରୀତେଶ ରାୟ, ଦିବ୍ୟ ବେହେରା, ଶୁଭକାନ୍ତ ବିଶ୍ୱାଳ, ଅଂଶୁମାନ ଆଚାର୍ଯ୍ୟ, ତ୍ରିଲୋଚନ ରଣା, ସମରଜିତ୍ ଚକ୍ର, ଅଭିଷେକ ପଟ୍ଟନାୟକ, ପ୍ରିୟଦର୍ଶିନୀ ସାହୁ, ଅର୍ଯ୍ୟବ୍ରତ, ପୁଲକ ପାଢ଼ୀ, ସୂର୍ଯ୍ୟପ୍ରକାଶ ଘଡ଼େଇ, ପୁନିତ ମହାନ୍ତି ଓ ଅମୈଶା ଝା ରହିଛନ୍ତି।

ରାଜ୍ୟ ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଦୁଇଥରର ବିଶ୍ୱ କରାଟେ ଚାମ୍ପିଅନ ଅମୀର ମେହେଦୀଜାଦେ ଅତିଥିଭାବେ ଯୋଗଦେଇଥିଲେ। ସେହିଭଳି ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡା. ହରିପ୍ରସାଦ ପଟ୍ଟନାୟକ ଓ ସ୍କୁଲର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS